
ଧରିତ୍ରୀ 50 Years
DHARITR
ଭୁବନେଶ୍ୱର, ମଙ୍ଗଳବାର, ମେ ୨୮/୨୦୨୪ (୧୬ ପୃଷ୍ଠା) Bhubanesw
୫୦ଶ ଭାଗ ୧୮୩ ସଂଖ୍ୟା www.orissakhabar.com/www.dharitri.com | Printed at Ra



# ଥାନା ପରିସରରେ ସାପ କାମୁଡ଼ାରେ ଶିଶୁର ମୃତ୍ୟୁ

**ଅସ୍ତରଙ୍ଗ,୨୭।୫(ମମତା ଜେନା)**

ଅସ୍ତରଙ୍ଗ ଥାନାକୁ ଅଭିଯୋଗ ଜଣାଇବାକୁ ମା' ଯାଇଥିବାବେଳେ ସାଥିରେ ଦୁଇବର୍ଷର କୁନିପୁଅକୁ ନେଇଯାଇଥିଲେ। ହେଲେ କିଏ ଜାଣିଥିଲା ସେଠାରେ ମୃତ୍ୟୁ ଛକିଛି ବୋଲି। ଥାନା ପରିସରରେ ସାପକାମୁଡ଼ାରେ ଶିଶୁଟିର ଅକାଳରେ ମୃତ୍ୟୁ ଘଟିଛି। ସୋମବାର ଏହି ଦୁଃଖଦ ଘଟଣା ମା' ଆଖିରେ ଲୁହ ଭରିଦେଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ କ୍ଷତିପୂରଣ ଓ ନ୍ୟାୟ ଦାବିରେ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କୀୟମାନେ ଥାନା ଫାଟକ ଆଗରେ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ ବାଲିଡିଆର ଆଶା ବେହେରାଙ୍କୁ ନେଇ ତାଙ୍କ ଶାଶୁଘରେ ପାରିବାରିକ ବିବାଦ ଲାଗିରହିଥିଲା। ଏ ସଂକ୍ରାନ୍ତରେ ପୂର୍ବରୁ ସେ ଅସ୍ତରଙ୍ଗ ଥାନାରେ ବହୁବାର ଅଭିଯୋଗ କରିଥିଲେ। ଭଦ୍ରଲୋକଙ୍କ ଦ୍ୱାରା ଆପୋସ ସମାଧାନ ପରେ ସେ ଶାଶୁଘରେ ରହୁଥିଲେ। ନିକଟରେ ତାଙ୍କ ଶାଶୁଘର ଲୋକେ ଗରମପେଯ ତାଙ୍କ ଉପରେ ଢାଳି ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଏଭଳି ନିର୍ଯାତନା ନେଇ ଗତ ଦୁଇଦିନ ତଳେ ସେ ଶାଶୁ, ଶ୍ୱଶୁରଙ୍କ ନାମରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ପାଇବାରେ ବିଳମ୍ବ ହେବାରୁ ସୋମବାର ସେ ତାଙ୍କର କୁନି ପୁଅ ଓ ଝିଅଙ୍କୁ ଧରି ଥାନାକୁ ଆସିଥିଲେ। ଥାନା ପରିସରରେ



ଥାନା ଫାଟକ ଆଗରେ ମହିଳାଙ୍କ ସମ୍ପର୍କୀୟମାନେ ଧାରଣା ଦେଇଛନ୍ତି।

### ମା'ଙ୍କ ସହ ଆସି ଭଉଣୀ ସହ ଖେଳୁଥିଲେ

### ଘଟଣାକୁ ନେଇ ଉତ୍ତେଜନା, ସମ୍ପର୍କୀୟଙ୍କ ଧାରଣା

ସେ ବସିଥିବାବେଳେ ପିଲା ଦୁହେଁ ଖେଳୁଥିଲେ। ଏହି ସମୟରେ ଥାନା ପରିସରସ୍ଥ ମେଳା ଚାନ୍ଦିନୀ ଉପରେ ତାଙ୍କର ୨ବର୍ଷର ପୁଅକୁ ସାପ କାମୁଡ଼ି ଦେଇଥିଲା। ଶିଶୁର ହାତରୁ ରକ୍ତ ବାହାରିବା ଓ ସେ ଅଚେତ ହୋଇପଡ଼ିବା ଦେଖି ଆଶା ତୁରନ୍ତ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଥାନା ଅଧିକାରୀ କାଳବିଳମ୍ବ ନ କରି ଥାନା ଗାଡ଼ିରେ ସେମାନଙ୍କୁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ମୃତକଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଅସ୍ତରଙ୍ଗ ଥାନା ଫାଟକ ସମ୍ମୁଖରେ ପହଞ୍ଚି କାନ୍ଦବୋବାଳି ଆରମ୍ଭ କରିବା ସହ ଧାରଣା ଦେଇଥିଲେ। ଉତ୍ତେଜନା ନିୟନ୍ତ୍ରଣ କରିବାକୁ ନିର୍ବାଚନରେ ନିୟୋଜିତ ଥିବା ଫୋର୍ସକୁ ଘଟଣାସ୍ଥଳରେ ମୁତୟନ କରାଯାଇଥିଲା। ଘଟଣା ସମ୍ପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାରସିଂହ କହିଛନ୍ତି, ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଛି। ସୋମବାର ମହିଳା ଜଣକ ତାଙ୍କର ୨ ପିଲାଙ୍କୁ ଧରି ଆସି ଥାନା ପରିସର ମେଳା ଚାନ୍ଦିନୀରେ ବସିଥିବାବେଳେ ଏହି ଅଭାବନୀୟ ଘଟଣା ଘଟିଲା। ଅନ୍ୟପକ୍ଷରେ ଭୁବନେଶ୍ୱର କ୍ୟାପିଟାଲ ମେଡିକାଲ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ଭାଜପାର ଗଞ୍ଜାମ ଜିଲା ସଭାପତିଙ୍କୁ ଚାନ୍ଦବାଲିରେ ଆକ୍ରମଣ



ଘଣ୍ଟେଶ୍ୱର ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିଛନ୍ତି ଆହତ ସୁବାସ ସାହୁଙ୍କ ସହ ତାଙ୍କ ସହଯୋଗୀ।

**ଚାନ୍ଦବାଲି,୨୭।୫(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଫାଣ୍ଡି ଅଧୀନ ତୋଟାପଡ଼ା ଛକରେ ସୋମବାର ଅପରାହ୍ନରେ ଭାଜପାର ଗଞ୍ଜାମ ଜିଲା ସଭାପତି ଡ. ସୁବାସ ସାହୁଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କ ସହ ଥିବା ଯୋଗୀ ଦେବଦତ୍ତ ମହାରାଜ ଓ ତାଙ୍କର ଦୁଇଜଣ ସହଯୋଗୀ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ବିଜେଡି କର୍ମୀମାନେ ଆକ୍ରମଣ କରିଥିବା ନେଇ ସୁବାସ ଘଣ୍ଟେଶ୍ୱର ଫାଣ୍ଡିରେ ଅଭିଯୋଗ କରିଛନ୍ତି।

ସେ ଏତଲାରେ ଦର୍ଶାଇଛନ୍ତି ଯେ, ବ୍ୟକ୍ତିଗତ କାମରେ ସେ ନିଜ ବନ୍ଧୁଘରକୁ ଯାଉଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଛି। ତାଙ୍କ କଳା ରଙ୍ଗର ଫର୍ଚୁନର ଗାଡ଼ି (ଓଡି଼୦୭ ଟି ୯୯୬୬)କୁ ଭାଙ୍ଗି ଦେଇଛନ୍ତି। ତାଙ୍କ ଡାହାଣ ହାତକୁ କୋଦାଳ ବେଣ୍ଟରେ ପିଟିବା ସହ ଶାର୍ଟ ଚିରି ଦେଇଥିବା ବେଳେ ପିନ୍ଧିଥିବା ସୁନାଚେନ୍ ଓ ନଗଦ ୨୦ ହଜାର ଟଙ୍କା ଜୋରଜବରଦସ୍ତ ବିଜେଡି କର୍ମୀମାନେ ଛଡ଼ାଇ ନେଇଛନ୍ତି। ଅଭିଯୋଗ ଆଧାରରେ ବାଂଶଡ଼ା ଥାନା ପୋଲିସ ୭ଜଣଙ୍କ ନାଁରେ ଏକ ମାମଲା (ନଂ.୧୮୪/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଘଟଣାକୁ ନେଇ ଘଣ୍ଟେଶ୍ୱର ଅଞ୍ଚଳରେ ଉତ୍ତେଜନା ଲାଗିରହିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଭାଜପାର ବହୁ କର୍ମୀ ଘଣ୍ଟେଶ୍ୱର ଫାଣ୍ଡି ଆଗରେ ହୋହଲ୍ଲା କରିଥିଲେ। ଏ ସମ୍ପର୍କରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଇଭିଏମ୍ ହେରଫେର ଅଭିଯୋଗ: ପ୍ରିଜାଇଡିଂ ଅଫିସର ନିଲମ୍ବିତ

**କଟକ,୨୭।୫(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଜିଲା ଆଠଗଡ଼ରେ ମତଦାନ ପରେ ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌କୁ ନ ନେଇ କୋଚିଂ ସେଣ୍ଟରକୁ ନେବା ଅଭିଯୋଗରେ ପ୍ରିଜାଇଡିଂ ଅଫିସର ଅନିରୁଦ୍ଧ ସେନାପତି ନିଲମ୍ବିତ ହୋଇଛନ୍ତି। ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଆଧାରରେ କଟକ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ସମ୍ପୃକ୍ତ ପ୍ରିଜାଇଡିଂ ଅଫିସରଙ୍କୁ ସୋମବାର ନିଲମ୍ବିତ କରିଥିବା ଜଣାପଡ଼ିଛି। ଏଥିସହ ଇଭିଏମ୍ ଇଞ୍ଜିନିୟର ଓ ପର୍ଯ୍ୟବେକ୍ଷକ ଯାଞ୍ଚ କରିବା ପରେ ଇଭିଏମ୍‌ର ସିଲ୍ ଖୋଲା ଯାଇନାହିଁ କିମ୍ବା ହେରଫେର ହୋଇ ନ ଥିବା ସ୍ପଷ୍ଟ କରିଛନ୍ତି।

ସୂଚନା ଅନୁଯାୟୀ, ଆଠଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୁଣ୍ଡିଚାପୁର ସ୍କୁଲର ୧୫୦ ନଂ. ବୁଥ୍‌ରେ ଗତ ୨୫ ତାରିଖରେ ନିର୍ବାଚନ ହୋଇଥିଲା। ଏହାପରେ ଉକ୍ତ ବୁଥ୍‌ରୁ ପ୍ରିଜାଇଡିଂ ଅଫିସର ସେନାପତି ଓ କେତେଜଣ କର୍ମଚାରୀ ସିଲ୍ ହୋଇଥିବା ଇଭିଏମ୍‌ଗୁଡିକ ଗୋପବନ୍ଧୁ ବିଜ୍ଞାନ କଲେଜ ଷ୍ଟ୍ରଙ୍ଗରୁମ୍‌କୁ ନେଇଯାଉଥିଲେ। କଲେଜ ପରିସରକୁ ନ ଯାଇ ଅନିରୁଦ୍ଧ କଲେଜ ସମ୍ମୁଖରେ ଥିବା ଏକ କୋଚିଂ ସେଣ୍ଟର ନିକଟରେ ୩ଟି ଇଭିଏମ୍ ଏବଂ ଭିଭିପିଏଟି ରଖିଥିଲେ। ଏହି ସମୟରେ କେତେଜଣ ଭାଜପା କର୍ମୀ ତାଙ୍କୁ ବିରୋଧ କରିବା ସହ ଇଭିଏମ୍ ଖୋଲି ସେଥିରେ ହେର୍‌ଫେର୍ ହୋଇଥିବା ଅଭିଯୋଗ କରିଥିଲେ। ଏପରି କି ପ୍ରିଜାଇଡିଂ ଅଫିସରଙ୍କୁ ଅଟକ ରଖିଥିଲେ। ଏହି ଘଟଣାର ତଦନ୍ତ ପରେ ଉକ୍ତ ଅଫିସରଙ୍କୁ ନିଲମ୍ବିତ କରାଯାଇଛି।

# ସନ୍ତୋଷ କୁମାର ମିଶ୍ର ଡିଏମ୍ଇଟି ନିଯୁକ୍ତ



**ଭୁବନେଶ୍ୱର, ୨୭।୫ (ଅସମାପିକା ସାହୁ)**

ରାଜ୍ୟ ସରକାର ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ରଙ୍କୁ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂର ନିର୍ଦ୍ଦେଶକ (ଡିଏମ୍ଇଟି) ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡା. ମିଶ୍ର ବର୍ତ୍ତମାନ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଡିନ୍ ଓ ପ୍ରିନ୍ସିପାଲ ଅଛନ୍ତି। ସେ କାର୍ଯ୍ୟରେ ଯୋଗଦେବା ପରେ ବର୍ତ୍ତମାନ ଡିଏମ୍ଇଟି ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ କୁମାର ମିଶ୍ର ଦାୟିତ୍ୱମୁକ୍ତ ହେବେ। ସେପଟେ ଏମ୍‌କେସିଜି ମେଡିକାଲ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଚିତ୍ରା ଦାସଙ୍କୁ ଏମ୍‌କେସିଜି ମେଡିକାଲ କଲେଜର ଅତିରିକ୍ତ ଡିନ୍ ଏବଂ ପ୍ରିନ୍ସିପାଲ ଦାୟିତ୍ୱ ଦିଆଯାଇଛି।

# ଆଜିଠୁ ଭୁବନେଶ୍ୱର-କୁଆଲାଲମ୍ପୁର ସିଧାସଳଖ ଉଡ଼ିବ ବିମାନ

**ଭୁବନେଶ୍ୱର,୨୭।୫(ଅସମାପିକା ସାହୁ):** ଭୁବନେଶ୍ୱର-କୁଆଲାଲମ୍ପୁର ମଧ୍ୟରେ ସିଧାସଳଖ ବିମାନ ସେବା ମଙ୍ଗଳବାରଠାରୁ ଆରମ୍ଭ ହେବ। ଏୟାର ଏସିଆ ଏହି ବିମାନ ସେବା ପ୍ରଦାନ କରିବ। ବିମାନଟି କୁଆଲାଲମ୍ପୁରରୁ ରାତି ୧୦ଟା ୧୦ରୁ ବାହାରି ଭୁବନେଶ୍ୱରରେ ରାତି ୧୧ଟା ୨୦ରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ବିମାନ ପୁଣି ରାତି ୧୧ଟା ୫୦ରୁ ଉଡ଼ାଣ ଆରମ୍ଭ କରିବ। ସପ୍ତାହକୁ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଆଦି ୩ଦିନ ଏହି ବିମାନ ଚଳାଚଳ କରିବ। ୨୦୧୭ରେ ଏୟାର ଏସିଆ ପକ୍ଷରୁ ଭୁବନେଶ୍ୱର-କୁଆଲାଲମ୍ପୁର ମଧ୍ୟରେ ବିମାନ ଚଳାଚଳ କରୁଥିଲା। କିନ୍ତୁ କୋଭିଡ୍ ପାଇଁ ସେହି ବିମାନସେବା ବନ୍ଦ ହୋଇଯାଇଥିଲା।




# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୨୮/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, May 28/2024 | Page 16 | ₹ 7.00 | RAYAGADA

୫୦ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 183 | ମୂଲ୍ୟ₹୭/-



ବିଜୁ ଜନତା ଦଳ

# ଓଡ଼ିଶାର ପରିଚୟ



| ନବୀନଙ୍କ ପୂର୍ବର ଦୁଇ ଦଶକ | ନବୀନଙ୍କ ଦୁଇ ଦଶକ |
|---|---|
| ଦାରିଦ୍ର୍ୟ, ଅନାହାର ଓ ଅସହାୟତାର ଓଡ଼ିଶା | ସମୃଦ୍ଧ ଓଡ଼ିଶାର ଜିଡିପି ଆଜି ଜାତୀୟ ହାରଠୁ ଅଧିକ |
| ବିପର୍ଯ୍ୟୟ ସମୟରେ ସମ୍ପୂର୍ଣ୍ଣ ଅସହାୟ ରାଜ୍ୟ | ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱର ଶ୍ରେଷ୍ଠ ଉଦାହରଣ |
| କର୍ମଚାରୀଙ୍କ ଦରମା ଦେଇ ପାରୁନଥିବା ଦେବାଳିଆ ରାଜ୍ୟ | ଆର୍ଥିକ ପରିଚାଳନାରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟ- ଦେଶରେ ସର୍ବନିମ୍ନ ମୁଣ୍ଡ ପିଛା ଋଣ |
| ଖାଦ୍ୟ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ | ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ଦେଶକୁ ଖାଦ୍ୟ ଯୋଗାଉଥିବା ରାଜ୍ୟ । ଚାଷୀଙ୍କ ଆୟ ଦୁଇ ଗୁଣ କରିବାରେ ଦେଶର ପ୍ରଥମ ରାଜ୍ୟ |
| ଦୁର୍ନୀତିଗ୍ରସ୍ତ ଓ ପକ୍ଷପାତିତା ଶାସନ | 'ମୋ ସରକାର' ଦ୍ୱାରା ପରିଚାଳିତ ଓଡ଼ିଶା ଭାରତର ସର୍ବୋତ୍ତମ ପ୍ରଶାସନିକ ରାଜ୍ୟ ଭାବେ ଜଣା |
| ଦେଶରେ ପଛୁଆ ରାଜ୍ୟ ତାଲିକାରେ ସବୁଠୁ ଆଗରେ | ପୁଞ୍ଜିନିବେଶରେ ଓଡ଼ିଶା ଦେଶର ଦ୍ୱିତୀୟ ଅଗ୍ରଣୀ ରାଜ୍ୟ |
| ହସ୍ପିଟାଲ ଅଭାବରେ ଜରାଜୀର୍ଣ୍ଣ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା | BSKY ଦ୍ୱାରା ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା |
| ସ୍କୁଲ ଏବଂ ଶିକ୍ଷକ ଅଭାବୀ ରାଜ୍ୟ ଓ ସର୍ବ ନିମ୍ନମାନର ଶିକ୍ଷା ବ୍ୟବସ୍ଥା | ଅତ୍ୟାଧୁନିକ ଭିତ୍ତିଭୂମି ସହ ଓଡ଼ିଶାର ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷା କ୍ଷେତ୍ର ଆଜି ବିଶ୍ୱସ୍ତରୀୟ |
| ପେଟ ପୋଷିବା ପାଇଁ ଅନ୍ୟ ରାଜ୍ୟକୁ ପଳାୟନର କରୁଣ ପରିସ୍ଥିତି | ଓଡ଼ିଶାର ବେରୋଜଗାର ହାର ଦେଶରେ ସର୍ବନିମ୍ନ |
| | ଓଡ଼ିଶା ଦେଶର ନୂଆ କ୍ରୀଡ଼ା ରାଜଧାନୀ ଭାବେ ପରିଚିତ |
| | ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରି 'ସ୍କିଲ୍ ଇନ୍ ଓଡ଼ିଶା' ଆଜି ଏକ ବିଶ୍ୱସ୍ତରୀୟ ବ୍ରାଣ୍ଡ ହୋଇଛି |
| | IT, ସେମିକଣ୍ଡକ୍ଟର ଏବଂ AI କ୍ଷେତ୍ରରେ ସର୍ବାଧିକ ପୁଞ୍ଜିନିବେଶ ଆଣିଥିବା ରାଜ୍ୟ |
| | ଷ୍ଟାର୍ଟ-ଅପ ଇକୋସିଷ୍ଟମ୍ ପାଇଁ ଦେଶରେ ସର୍ବୋତ୍ତମ ରାଜ୍ୟ |
| | ସଡ଼କ ପରିବହନ, ବିମାନ ଚଳାଚଳ ଓ ବନ୍ଦର ଇତ୍ୟାଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି |

5T ନବୀନ ଗ୍ୟାରେଣ୍ଟି

ନବୀନଙ୍କ 5T ଗ୍ୟାରେଣ୍ଟି
ରୂପାନ୍ତରଣର ଗ୍ୟାରେଣ୍ଟି

## ଶଙ୍ଖ ଚିହ୍ନରେ ଦୁଇ ଥର ଭୋଟ୍ ଦିଅନ୍ତୁ

ଲୋକସଭା | ବିଧାନସଭା

PUBLISHED BY DR. SASMIT PATRA, GENERAL SECRETARY, BIJU JANATA DAL

# ସହର ଉପକଣ୍ଠରେ ୨ ଚିରସ୍ରୋତା ନଦୀ, କମୁନି ଜଳ ଯନ୍ତ୍ରଣା

■ ରାୟଗଡ଼ା ଦେଇ ବୋହୁଛି ନାଗାବଳି, ଝଞ୍ଜାବତୀ
■ ୧୬୧ ନଳକୂପରୁ ୧୫୦ ଅଚଳ

ରାୟଗଡ଼ା,୨୭।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠ ଦେଇ ୨ ଚିରସ୍ରୋତା ନଦୀ ନାଗାବଳି ଓ ଝଞ୍ଜାବତୀ ପ୍ରବାହିତ ହେଉଥିଲେ ମଧ୍ୟ ସହରରେ ଜଳ ଯାତନା ଅସହ୍ୟ ହୋଇପଡ଼ିଛି। ଗ୍ରୀଷ୍ମଋତୁରେ ସାମାନ୍ୟ ଜଳ ପାଇଁ ଉତ୍କଟ ପରିସ୍ଥିତି ସୃଷ୍ଟି ହେଉଛି। ଏହି ସମସ୍ୟା ଦୀର୍ଘବର୍ଷ ଧରି ଚାଲିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପଟେ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଯୋଜନା ଆଣୁଛନ୍ତି। ହେଲେ ଜଳ ଯୋଗାଣ ବ୍ୟବସ୍ଥା ତଦ୍ରୂପ।

ରାୟଗଡ଼ା ସହର ଭିତରେ ୧୬୧ ନଳକୂପ ରହିଥିବାବେଳେ ସେଥିରୁ ପ୍ରାୟ ୧୫୦ ନଳକୂପ ଅଚଳ ହୋଇପଡ଼ିଛି। ରାୟଗଡା ସହରର ୨୪ଟି ୱାର୍ଡ ମଧ୍ୟରୁ ୧୦ଟି ୱାର୍ଡର ବିଭିନ୍ନ ସାହିରେ ଲୋକେ ପାଣି ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ଏଭଳିକି ଅନେକ ସାହିରେ ଜନସ୍ୱାସ୍ଥ୍ୟ ବିଭାଗର ନଳକୂପଗୁଡ଼ିକରୁ ପାଣି ବାହାରୁନାହିଁ । ତେବେ ଗାୟତ୍ରୀ ନଗର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ନଳକୂପଗୁଡ଼ିକ ଅଧା ମାଟିରେ ପୋତିହୋଇଗଲାଣି । ଗତ ୫ ରୁ ୭ ବର୍ଷ ଭିତରେ ଖୋଲାଯାଇଥିବା ଅନେକ ନଳକୂପ କିଭଳି ଅଚଳ ହୋଇଯାଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କିନ୍ତୁ ଘରୋଇ କ୍ଷେତ୍ରରେ ଖନନ ହୋଇଥିବା ନଳକୂପଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ସରକାରଙ୍କ ତରଫରୁ ଖନନ ହୋଇଥିବା ନଳକୂପ ଠିକ୍ ଭାବରେ ଗଭୀରକୁ ପାଇପ ଯାଇ ନ ଥିବା କାରଣରୁ ଏହିଭଳି ସ୍ଥିତି ଉପୁଜିଥିବା ସାଧାରଣରେ ଅଭିଯୋଗ ହୋଇଛି । ଠିକାଦାର ନାମକୁ ମାତ୍ର ଖନନକରି ଅର୍ଥ ନେଇ ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଯଦି ସରକାରୀ ନଳକୂପଗୁଡିକୁ ଖୋଲି ବାହାର କରାଯାଏ, ତେବେ କେତେ ଗଭୀରକୁ ପାଇପ ସଂଯୋଗ ହୋଇଛି ତାହାର ପ୍ରମାଣ ମିଳିଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସହରରେ ସବୁ ସାହିରେ ୨ରୁ ୩ ନଳକୂପ ରହିଛି, ହେଲେ ସବୁ କେବଳ ସୋପିସ୍ ପାଲଟିଥିବା ଅଭିଯୋଗ ହୋଇଛି। ସହରର ଆଞ୍ଜେୟାପେଟା, ମାଙ୍କଡ଼ଖୋଲା, ସାଇଲକ୍ଷ୍ମୀନଗର, କରଣସାହି, ପାଇକ ସାହି, ନୂଆସାହି, ମାଝିସାହି, ଅଶୋକନଗର, ସାଇପ୍ରିୟାନଗର, ରୟତ କଲୋନି, ଶାସ୍ତ୍ରୀନଗର, ଗାନ୍ଧୀନଗର, ଇନ୍ଦିରାନଗର, ଗୋପୀନାଥନଗର ଆଦି ଅଞ୍ଚଳରେ ଅବସ୍ଥା ସାଂଘାତିକ ହୋଇପଡ଼ିଛି। ଅନ୍ୟପଟେ ପାଇପ ଜଳଯୋଗାଣ ବ୍ୟବସ୍ଥା ଠପ୍ ହୋଇଥିବା ନଜରକୁ ଆସିଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘରକୁ ପ୍ରଦାନ ହୋଇଥିବା ପାଇପ ଜଳଯୋଗାଣ ଏବଂ ସାହିଗୁଡ଼ିକରେ ଖଞ୍ଜାଯାଇଥିବା ଷ୍ଟାଣ୍ଡପୋଷ୍ଟଗୁଡ଼ିକର ଅବସ୍ଥା ମଧ୍ୟ ସମାନ ରହିଛି । ଅଭିଯୋଗକଲେ ଖରାଦିନେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣକରି ଦାୟିତ୍ୱମୁକ୍ତ ହୋଇଯାଉଛି ଜନସ୍ୱାସ୍ଥ୍ୟ ବିଭାଗ । ତେଣୁ ତୁରନ୍ତ ଏହି ଜଳ ଯାତନା ସମସ୍ୟା ଦୂରକରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ସହଦେବ କିଷାନଙ୍କୁ ପଚାରିବାରୁ ନୂତନ ପ୍ଲାଣ୍ଟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଗଲାଣି । ଟ୍ରେନ୍ ଲାଇନ ନିକଟରେ କାମ ଚାଲିଛି । ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ଏବଂ ସହରରେ ପାଣି ସମସ୍ୟା ଦୂରହୋଇଯିବ ବୋଲି ସହଦେବ କହିଛନ୍ତି । ତେବେ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟଗୁଡ଼ିକରୁ ଅନର୍ଗଳ ପାଣି ବାହାରୁଥିବା ବେଳେ ସେଗୁଡିକର ମରାମତି ପାଇଁ ଗଲେ ଅଞ୍ଚଳବାସୀ ମନା କରୁଛନ୍ତି ବୋଲି ଯନ୍ତ୍ରୀ ସହଦେବ କହିଛନ୍ତି । ଏଥିସହ ଜଳ ଅବକ୍ଷୟ ରୋକିବା ଦିଗରେ ଜନସାଧରଣ ସଚେତନ ହେବା ପାଇଁ ସେ ନିବେଦନ କରିଛନ୍ତି।



ଗାୟତ୍ରୀନଗର ବରିଷ୍ଠ ନାଗରିକ କାର୍ଯ୍ୟାଳୟ ନିକଟରେ ରହିଥିବା ଅଚଳ ନଳକୂପ ଅଧାରୁ ଅଧିକ ମାଟିରେ ପୋତିହୋଇଯାଇଛି।

# ସଡ଼କ ଦୁର୍ଘଟଣାରେ ଡାଟା ଏଣ୍ଟ୍ରି ଅପରେଟର ମୃତ

ଗୁଣପୁର,୨୭।୫(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ତଥା ଗୁମୁଡ଼ା ଯିବା ରାସ୍ତାରେ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ନିକଟରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗୁଣପୁର ପାଲିଆ ସାହିର ସୀମାଞ୍ଚଳ ନାୟକଙ୍କ ପୁଅ ରାଜେନ୍ଦ୍ର ନାୟକ (୨୬) । ସେ ଗୁଣପୁର ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ଅନ୍ୟପକ୍ଷେ ବାଇକ୍ ଚାଳକ ଦୁର୍କାନୀଗୁଡା ଗ୍ରାମର ସଦାନନ୍ଦ କୁଟିଙ୍ଗା ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଆଇଆଇସି ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି। ରାଜେନ୍ଦ୍ର ସବୁଦିନ ଭଳି ରବିବାର ରାତିରେ ଖାଇସାରି କେତେଜଣ କର୍ମଚାରୀଙ୍କ ସହ ରାସ୍ତାକଡ଼ରେ ଚାଲୁଥିଲେ। ସେହି ସମୟରେ ପଛ ପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉପଖଣ୍ଡ ଡାକ୍ତରଖାନାକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସୌରା ଭାଷାରେ ଶିକ୍ଷାଦାନ ପାଇଁ ତାଲିମ


ଭାଷାଭିତ୍ତିକ ଶିକ୍ଷକମାନେ ତାଲିମ ନେଉଛନ୍ତି।

ଗୁଣପୁର,୨୭।୫(ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ସରକାର ୧ମରୁ ୫ମ ଶ୍ରେଣୀ ଆଦିବାସୀ ପିଲାଙ୍କୁ ସେମାନଙ୍କ ଭାଷାରେ ଶିକ୍ଷାଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ରାୟଗଡ଼ା ଜିଲା ଗୁଣପୁର ଶବର ସାଂସ୍କୃତିକ ସଂଘର କାର୍ଯ୍ୟାଳୟଠାରେ ପିଲାଙ୍କୁ ସୌରା ଭାଷାରେ ଶିକ୍ଷାଦାନ ପାଇଁ ୧୦ ଦିନିଆ ତାଲିମ ଶିବିର ୨୫ ତାରିଖରୁ ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ପାଠ୍ୟ ଖସଡ଼ା ପ୍ରସ୍ତୁତ ଏବଂ ଆଦିବାସୀ ଭାଷାରେ ଶିକ୍ଷା ପ୍ରସ୍ତୁତ କରିବା ଲକ୍ଷ୍ୟରେ ଏହି ତାଲିମ ଶିବିର ଆରମ୍ଭ କରାଯାଇଛି । ଶିବିରରେ ଗୁଣପୁର ଶବର ସାଂସ୍କୃତିକ ସଂଘର ସଭାପତି ଚକ୍ରପାଣି ଶବର, ଉପ ସଭାପତି ଆରୋସି ଶବର, ସମ୍ପାଦକ ବଳରାମ ଶବର, ଯୁଗ୍ମ ସମ୍ପାଦକ ବିଦ୍ୟାଧର ଶବରଙ୍କ ସମେତ ଭାଷାଭିତ୍ତିକ ଶିକ୍ଷକମାନେ ଯୋଗଦେଇଥିଲେ ।

# ବାଇପାସ୍ ରାସ୍ତାରେ ଜଳୁନି ଷ୍ଟ୍ରିଟ୍‌ଲାଇଟ

ଗୁଡ଼ାରି, ୨୭।୫ (ପ୍ରମୋଦ କୁମାର ପତି )

ରାୟଗଡ଼ା ଜିଲା ଗୁଡ଼ାରି ସହରସ୍ଥିତ ବାଇପାସ୍ ରାସ୍ତାର ଷ୍ଟ୍ରିଟ୍‌ଲାଇଟ ଗତ ୫ଦିନ ହେବ ଜଳୁନାହିଁ। ଏହି ରାସ୍ତାରେ ଥିବା ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଲାଇଟ ଜଳ ନ ଥିବାରୁ ଉକ୍ତ ଅଞ୍ଚଳ ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇପଡ଼ିଛି। ଫଳରେ ଲୋକମାନେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଲାଇଟ ମରାମତି କାର୍ଯ୍ୟ ଆମ କାର୍ଯ୍ୟାଳୟ ପକ୍ଷରୁ କରାଯାଉନାହିଁ। ଭୁବନେଶ୍ୱରର ଏକ ସଂସ୍ଥା ଏହି ଲାଇଟଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି। ଅଭିଯୋଗ ମିଳିଲା ପରେ ସେମାନଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।


ବାଇପାସ୍ ରାସ୍ତାରେ ଥିବା ଅଚଳ ଷ୍ଟ୍ରିଟ୍‌ଲାଇଟ ।

# ୧୧୮୫୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୩୯୭ ପାସ୍

ପାସ୍ ହାର ଉପରେ ଶିକ୍ଷା ବିଭାଗର ନଜର

ରାୟଗଡ଼ା,୨୭।୫(ଆଶିଷ ରଞ୍ଜନ ପଣ୍ଡା)

ମାଟ୍ରିକ୍ ପରୀକ୍ଷାରେ ରାୟଗଡ଼ା ଜିଲାର ୧୧୮୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୧୩୯୭ ଜଣ ପାସ୍ କରିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ବଳକା ୩୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇ ନ ଥିବା ବିଭାଗୀୟ ସୂଚନାରୁ ଜଣାପଡ଼ିଛି। ଜିଲାର ପାସ୍ ହାର ୯୬.୧୬% ରହିଛି। ସେଥିରୁ ଏ୧ ଗ୍ରେଡ୍‌ରେ ୮ଜଣ, ଏ୨ ଗ୍ରେଡ୍‌ରେ ୩୩ଜଣ, ବି୧ ଗ୍ରେଡ୍‌ରେ ୩୪୫ ଜଣ, ବି୨ ଗ୍ରେଡ୍‌ରେ ୧୦୧୪ଜଣ, ସି ଗ୍ରେଡ୍‌ରେ ୨୬୬୧ଜଣ, ଡି ଗ୍ରେଡ୍‌ରେ ୩୯୨୯ଜଣ, ଇ ଗ୍ରେଡ୍‌ରେ ୩୪୦୭ଜଣ ଓ ଏଫ୍ ଗ୍ରେଡ୍‌ରେ ୪୫୬ଜଣ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ତେବେ ଚଳିତ ଥର ମାଟ୍ରିକ୍‌ପରୀକ୍ଷାଫଳରେ ବେସରକାରୀ ସ୍କୁଲଗୁଡ଼ିକର ଛାତ୍ରୀଛାତ୍ର ଜିଲାର ଟପ୍ପର ହୋଇଛନ୍ତି। ଏଥିସହ ଏ୧ ଗ୍ରେଡ୍‌ରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ଜଣ ଛାତ୍ରୀଛାତ୍ର ଏବଂ ଏ୨ ଗ୍ରେଡ୍‌ରେ ପାସ୍ ହୋଇଥିବା ୩୩ଜଣଙ୍କ ମଧ୍ୟରୁ ୧୫ଜଣ ବେସରକାରୀ ସ୍କୁଲର ରହିଛନ୍ତି।

ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭକରି ଉଚ୍ଚ ବିଦ୍ୟାଳୟଗୁଡ଼ିକରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଚଳିତ ଥର ପରୀକ୍ଷା ଫଳାଫଳ ନୈରାଶ୍ୟଜନକ ରହିଛି। ଗୋଟିଏ ମଧ୍ୟ ସରକାରୀ ସ୍କୁଲର ପିଲା ଏ୧ ଗ୍ରେଡ୍ ପାଇନାହାନ୍ତି। ତେଣୁ ଏଥିପ୍ରତି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ବିଶେଷ ଦୃଷ୍ଟିଦେବା ଆବଶ୍ୟକ ରହିଛି ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତ। ବିଶେଷ ଭାବେ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ବଦଳି, ଡେପୁଟେଶନ ଏବଂ ହଷ୍ଟେଲ ଓ ମଧ୍ୟାହ୍ନଭୋଜନ ଦାୟିତ୍ୱ ପାଇଁ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାରେ ବ୍ୟସ୍ତ ରହି ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ନେଇ ଶିକ୍ଷାବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଯଦି ଏ ନେଇ କୌଣସି ଦୃଢ଼ ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ବର୍ଷଗୁଡ଼ିକରେ ଅଭିଭାବକ ନିଜ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାଇବାକୁ କୁଣ୍ଠାବୋଧ କରିବେ ବୋଲି ଶିକ୍ଷାବିତ୍‌ମାନେ ପ୍ରକାଶ କରିଛନ୍ତ। ଏନେଇ ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କୁ ପଚାରିବାରୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ପିଲାଙ୍କ ପାସ୍ ହାର ଉପରେ ବିଭାଗ ପକ୍ଷରୁ ବିଶେଷ ଧ୍ୟାନ ରହୁଛି ଏବଂ ଆଗାମୀ ଶିକ୍ଷା ବର୍ଷରେ ସରକାରୀ ଉଚ୍ଚ ବିଦ୍ୟାଳୟର ପିଲାମାନେ କିଭଳି ଏ୧ ଗ୍ରେଡ୍‌ରେ ପାସ୍ ହେବେ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବସନ୍ତ ନାୟକ କହିଛନ୍ତି ।

# ଏବିଭିପିର ନଗର ସମ୍ମିଳନୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଏବିଭିପି ସଦସ୍ୟ ଓ ଅନ୍ୟମାନେ।

ନବରଙ୍ଗପୁର,୨୭।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଦାରୁବନ୍ଧ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ନଗର ସମ୍ମିଳନୀ ଅନୁଷ୍ଠିତ ହେଇଯାଇଛି। ନବରଙ୍ଗପୁର ଜିଲା ସଂଯୋଜକ ଦେବାଶିଷ ବିଷୋୟୀ ଅତିଥି ପରିଚୟ ଦେଇଥିଲେ। ଏବିଭିପି ଓଡ଼ିଶା ରାଜ୍ୟ ସହ ସମ୍ପାଦକ ସୁବାଷ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂଗଠନର ଲକ୍ଷ୍ୟ, ଆଦର୍ଶ ଏବଂ ଉପଲବ୍ଧି ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଆଗରେ ଅଭିଭାଷଣ ରଖିଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ଜନଜାତି ପ୍ରମୁଖ ମୋହନ ହରିଜନ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନୁତନ ନଗର କାର୍ଯ୍ୟକରିଣୀ ଘୋଷଣା କରାଯାଇଛି। ସଚ୍ଚିଦାନନ୍ଦ ବିଷୋୟୀ ନଗର ସଭାପତି, ବିଭୁ ସୁନ୍ଦର ଜେନା ନଗର ସମ୍ପାଦକ, କରଣ ମଲ୍ଲିକ ନଗର ଗଣମାଧ୍ୟମ ସଂଯୋଜଜ, କଳ୍ପନା ପ୍ରିୟଦର୍ଶିନୀ ସିଡିଡି ସଂଯୋଜଜ, ଆର୍‌କେଏମ୍ ସଂଯୋଜଜ ପ୍ରୀତି ନାୟକ, ଏସ୍‌ଏଫ୍‌ଡି ସଂଯୋଜଜ ସିମରନ୍, ଏସ୍‌ଏଫ୍‌ଏସ୍ ସଂଯୋଜଜଭାବେ ଶିବ ପ୍ରସାଦଙ୍କ ନାମ ଘଷଣା କରାଯାଇଥିଲା। ମନୋନୀତ ସଦସ୍ୟଙ୍କୁ ରାଜ୍ୟ ଜନଜାତି ସଂଯୋଜକ ମୋହନ ହରିଜନ ଶୁଭେଚ୍ଛା ଜଣାଇଥିଲେ।

# ଘାଟିରେ ବାଇକ୍ ଦୁର୍ଘଟଣା, ଯୁବକ ଗୁରୁତର

ଦଶମନ୍ତପୁର, ୨୭।୫(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତର ଏସ.ଦଣ୍ଡାବାଡ଼ ଘାଟିରେ ଭାରସାମ୍ୟ ହରାଇ ଏକ ବାଇକ (ଓଡି୧୦ଏଲ୍-୩୬୮୧) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଚାଳକ ବୈପାରିଗୁଡା ବ୍ଲକ ରାମଗିରି ଗ୍ରାମର ଦୁର୍ଯ୍ୟ କୁଲୁସିକାଙ୍କ ପୁଅ ମୋହନ ଗୁରୁତର ଆହତ ହୋଇଛନ୍ତି। ସେ ଏସ.ଦଣ୍ଡାବାଡ଼ ଗ୍ରାମରେ ଥିବା ତାଙ୍କ ଦାଦା ଘରକୁ ବୁଲିବାକୁ ଆସି ରାମଗିରି ଫେରୁଥିଲେ। ଖବର ପାଇ ଏସ.ଦଣ୍ଡାବାଡ଼ ଗ୍ରାମର ବିଜୟ ସାଉଁନ୍ତା, କେଶବ ସାଉଁନ୍ତାଙ୍କ ସହ ଅନ୍ୟ କେତେ ଜଣ ସେଠାରେ ପହଞ୍ଚି ଯୁବକ ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଡାକ୍ତରଖାନାକୁ ପଠାଇଥିଲେ।

# ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ)

ଘରୋଇ କଳିକୁ କେନ୍ଦ୍ର କରି ଆକ୍ରମଣ ଅଭିଯୋଗରେ ବଡ଼ ବଜାର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ପ୍ରହ୍ଲାଦ ନଗରର ଏଲ କିଶୋର। ପ୍ରହ୍ଲାଦ ନଗରରେ ରହୁଥିବା ତାଙ୍କ ଶାଳକ ଏଲ କିଶୋରଙ୍କୁ ଡାକିବାକୁ ଯାଇଥିଲେ। ପୂର୍ବ ଶତ୍ରୁତାରୁ ଭି. ଲୋକାନାଥଙ୍କ ସହ କିଶୋର ଝଗଡା କରିଥିଲେ। ପରେ ସେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ଭିଣୋଇଙ୍କୁ ଆକ୍ରମଣ କରିଥିଲେ।

# ରକ୍ତଭଣ୍ଡାରରେ ମିଳୁନି ରକ୍ତ, ସମସ୍ୟା ଦୂରୀକରଣ ପାଇଁ ଦାବିପତ୍ର

ରାୟଗଡ଼ା,୨୭।୫(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ଅଭାବ ସମସ୍ୟା ଦେଖାଦେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ସଂଖ୍ୟା ଅଧିକ ରହୁଥିବା ବେଳେ ସେହି ଅନୁପାତରେ ରକ୍ତଭଣ୍ଡାରରେ ରକ୍ତ ଗଚ୍ଛିତ ରହୁ ନ ଥିବା ଦେଖିବାକୁ ମିଳିଛି। ଜିଲାର ୧୧ଟି ବ୍ଲକ୍‌ର ଜନସାଧାରଣ ଏହି ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି। ଏପରିକି ଜିଲାରେ ଥିବା ସିଏଚ୍‌ସି ଓ ପିଏଚ୍‌ସିରୁ ରୋଗୀ ରେଫର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ବେଳେ ଏଠାରେ ରକ୍ତ ନ ମିଳିବା ଏକ ପ୍ରମୁଖ ସମସ୍ୟା ହୋଇଛି। ବିଶେଷକରି ଥାଲାସେମିଆ, ସିକିଲସେଲ୍, ପ୍ରସୂତି ଏବଂ ଅନ୍ୟ ଗୁରୁତର ରୋଗୀଙ୍କୁ ଅତ୍ୟାବଶ୍ୟକ ସ୍ଥଳେ ରକ୍ତ ମିଳୁ ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଧହୋଇ ରୋଗୀଙ୍କ ସମ୍ପର୍କୀୟମାନେ ନିଜସ୍ୱ ଉଦ୍ୟମରେ ରକ୍ତ ସଂଗ୍ରହକରି ରୋଗୀଙ୍କୁ ଦେଉଥିବା ନଜରକୁ ଆସୁଛି । ଏଥିପାଇଁ ରାୟଗଡ଼ା ଜିଲା ବିକାଶ ମଞ୍ଚ ପକ୍ଷରୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଲାଲମୋହନ ରାଉତରାୟଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାରରେ ସମସ୍ତ ଗ୍ରୁପ୍‌ର ରକ୍ତ ମହଜୁଦ ରଖିବା ସହ ଠିକ୍ ସମୟରେ ରୋଗୀଙ୍କୁ ବିନା ମୂଲ୍ୟରେ ରକ୍ତ ପ୍ରଦାନ କରିବା, ରକ୍ତଭଣ୍ଡାରକୁ ନିୟମିତ ୨୪ ଘଣ୍ଟା ଖୋଲା ରଖିବା, ରକ୍ତଦାନ ନିମନ୍ତେ ସଚେତନତା ସୃଷ୍ଟିକରିବା ଓ ସଂଗୃହୀତ ରକ୍ତ ବାହାର ରାଜ୍ୟକୁ ପ୍ରଦାନ ନ କରିବା ପାଇଁ ଦାବିରେ ଉଲ୍ଲେଖ ରହିଛି।

ରାୟଗଡ଼ାରେ ହାତଗଣତି କିଛି ସ୍ୱେଚ୍ଛାସେବୀ ସଙ୍ଗଠନ ରକ୍ତଦାନ ପାଇଁ ଶିବିରର ଆୟୋଜନ କରିଥାଆନ୍ତି। ବିଶେଷ ସୂତ୍ରରୁ ପ୍ରକାଶ ଯେ, ପ୍ରତ୍ୟେକ ମାସରେ ପ୍ରାୟ ୪୦୦ ୟୁନିଟ୍ ରକ୍ତର ଆବଶ୍ୟକତା ରହିଥିବା ବେଳେ ରକ୍ତଦାନ ବାବଦରେ ଆଦାୟ ହେଉଛି ମାତ୍ର ୫୦ ରୁ ୬୦ ୟୁନିଟ୍। ଏଭଳିକି ଜିଲାର କେତେକ ସଂଗଠନ ରକ୍ତଦାନ ଶିବିର ଆୟୋଜନକରି ସଂଗୃହୀତ ରକ୍ତ ଆନ୍ଧ୍ରପ୍ରଦେଶର ମେଡିକାଲରେ ଦାନ କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ରକ୍ତଭଣ୍ଡାରର କର୍ମଚାରୀ ରକ୍ତ ନ ଥିବା କହି ରୋଗୀଙ୍କୁ ଫେରାଇ ଦେଉଥିବା ଅଭିଯୋଗ ମଧ୍ୟ ରହିଛି। ରାୟଗଡ଼ା ଜିଲା ବିକାଶ ମଞ୍ଚ ସଭାପତି ଦୟାନନ୍ଦ ଖାଡ଼ଙ୍ଗାଙ୍କ ନେତୃତ୍ୱରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ କୋଷାଧ୍ୟକ୍ଷ ସୁରେଶ ସାହୁ, ସଭ୍ୟ ମନୋଜ କୁମାର ସାହୁ, ସନ୍ତୋଷ କୁମାର ପଣ୍ଡା, ସୁନୀଲ କୁମାର ପାଢ଼ୀ ଓ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ରାୟଗଡ଼ା ଜିଲା ବିକାଶ ମଞ୍ଚ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର ଦିଆଯାଉଛି।

# ପ୍ରେମ ପ୍ରତାରଣା, ଯୁବକ ଗିରଫ

ବ୍ରହ୍ମପୁର,୨୭।୫(ସୁବାସ ଚନ୍ଦ୍ର ପାଢ଼ୀ):

ଇନଷ୍ଟାଗ୍ରାମ୍‌ରେ ଜଣେ ମହିଳାଙ୍କୁ ପ୍ରେମ କରି ପରେ ପ୍ରତାରିତ କରିଥିବା ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଗୋସାଣୀନୂଆଗାଁର ଜଗଦୀଶ ପାଣିଗ୍ରାହୀ(୨୭)। ଉଭୟ ପୀଡିତା ଓ ପ୍ରତାରକ ଜଗଦୀଶଙ୍କ ଡାକ୍ତରୀମାଇନା କରାଯାଇଛି। ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ପ୍ରାୟ ବର୍ଷେ ତଳେ ଇନଷ୍ଟାଗ୍ରାମରେ ଜଗଦୀଶ ଜଣେ ୩୨ ବର୍ଷିୟା ମହିଳାଙ୍କ ସହ ପ୍ରେମ ସମ୍ପର୍କ ଆରମ୍ଭ କରିଥିଲେ। ପରେ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ଜଗଦୀଶଙ୍କୁ ବିବାହ କରିବା ପାଇଁ କହିବାରୁ ସେ ମନା କରିଦେଇଥିଲେ। ମହିଳା ଜିଦ ଧରିବାରୁ ତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ। ପ୍ରତାରଣାର ଶିକାର ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୪/୨୪ରେ ମାମଲା ରୁଜୁ କରିଥିଲା।

# ଭାଜପା କ୍ଷମତାରେ ଥିବାଯାଏ ଧର୍ମଭିତ୍ତିରେ ସଂରକ୍ଷଣ ଦିଆଯିବନି: ନଡ୍ଡା

ବାରାଣସୀ,୨୭।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଦଳ ଯେପର୍ଯ୍ୟନ୍ତ କ୍ଷମତାରେ ରହିଛନ୍ତି, ସେ ପର୍ଯ୍ୟନ୍ତ ଧର୍ମ ଆଧାରରେ ସଂରକ୍ଷଣକୁ ଅନୁମତି ଦିଆଯିବ ନାହିଁ। ଉତ୍ତରପ୍ରଦେଶର ବାରାଣସୀକୁ ନିର୍ବାଚନ ପ୍ରଚାରରେ ଆସିଥିବା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସୋମବାର ଏହା କହିଛନ୍ତି। ବିରୋଧୀମାନେ ଧର୍ମଆଧାରରେ ସଂରକ୍ଷଣ ଦେବାକୁ ଯୋଜନା କରୁଛନ୍ତି। ତେବେ ଧର୍ମ ଭିତ୍ତିରେ ସଂରକ୍ଷଣ ଦିଆଯାଇପାରିବ ନାହିଁ ବୋଲି ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଥିବା ନଡ୍ଡା କହିଛନ୍ତି। ଦଳିତ, ଆଦିବାସୀ, ପଛୁଆ ବର୍ଗ ଏବଂ ଅତ୍ୟନ୍ତ ପଛୁଆ ବର୍ଗଙ୍କ ପାଇଁ ରହିଥିବା ସଂରକ୍ଷଣରେ ଅନ୍ୟ କାହାକୁ ଦଖଲ ଦେବାକୁ ଦିଆଯିବ ନାହିଁ। ଜୁନ୍ ୪ରେ ବିରୋଧୀ ଦଳଙ୍କର କ'ଣ ହେଉଛି, ତାହା ଆପଣମାନେ ଦେଖିବେ ବୋଲି ଭାଜପା ଅଧ୍ୟକ୍ଷ ଖବରଦାତାମାନଙ୍କୁ କହିଛନ୍ତି।

ବାରାଣସୀରେ ବୁଦ୍ଧିଜୀବୀମାନଙ୍କର ଏକ ବୈଠକରେ ନଡ୍ଡା କହିଥିଲେ, ଦୀର୍ଘଦିନ ଯାଏ ରାଜନୀତି କହିଲେ 'ବିଭାଜନ ଓ ଶାସନ'କୁ ବୁଝାଉଥିଲା। କିନ୍ତୁ ବର୍ତ୍ତମାନ ତାହା 'ବିକାଶର ରାଜନୀତି'ରେ ପରିଣତ ହୋଇଛି। ୧୦ ବର୍ଷ ପୂର୍ବେ ରାଜନୈତିକ ସ୍ଥିତି କ'ଣ ଥିଲା ତାହା ଆପଣମାନେ ଦେଖିଛନ୍ତି। ଭାରତ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ଗଣାହେଉଥିଲା। ସାଧାରଣ ଜନତାଙ୍କର ରାଜନୀତି ପ୍ରତି ଆଗ୍ରହ ନ ଥିଲା ଓ ସେମାନଙ୍କ ବିଶ୍ୱାସ ଭାଙ୍ଗିଯାଇଥିଲା, ଯାହା ସବୁଠୁ ବଡ଼ ସମସ୍ୟା ଥିଲା। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଥିଲା ବୋଲି ଭାଜପା ନେତା କହିଛନ୍ତି। ତେବେ ଗତ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ମୋଦି ଦେଶର ବିକାଶକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଏକ ବିଶ୍ୱାସ ସୃଷ୍ଟି କରିଛନ୍ତି। ପୂର୍ବରୁ ବିରୋଧୀ ଦଳ ଜାତିବାଦର ପ୍ରସାର କରିବା ସହ ଧର୍ମ ଧର୍ମ ମଧ୍ୟରେ ବିଭାଜନ ସୃଷ୍ଟି କରି ରଖିଥିଲେ। ମୋଦି ଏହି ସଂସ୍କୃତିକୁ ବଦଳାଇ ଦେଇଛନ୍ତି। ଏବେ 'ସବ୍‌କା ସାଥ୍, ସବ୍‌କା ପ୍ରୟାସ ଔର ସବ୍‌କା ବିକାଶ' ମନ୍ତ୍ରରେ ବିକାଶର ରାଜନୀତି ଚାଲିଛି। ଏଥର ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ୪୦୦ ପାର୍ କରିବ ଏବଂ ମୋଦି ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବେ ବୋଲି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ କହିଛନ୍ତି।

# ବିଜେଡି ଉପରେ ଲୋକେ ଭରସା କରୁନାହାନ୍ତି: ଭାଜପା

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶାରେ ୩ଟି ପର୍ଯ୍ୟାୟ ନିର୍ବାଚନ ସରିଛି। ଇତିମଧ୍ୟରେ ମିଳିଥିବା ଜନମତ ଅନୁଯାୟୀ ଏଥର ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ଯାଉଛି। ଭାଜପା ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ଅପରପକ୍ଷେ ଦୁର୍ନୀତିଗ୍ରସ୍ତ ବିଜେଡି ଉପରେ ଲୋକେ ଆଉ ଭରସା କରୁନାହାନ୍ତି। ରାଜ୍ୟରେ ଭାଜପାର ସରକାର ପ୍ରତିଷ୍ଠା ହେଲେ ପାନ, ଧାନ, ମୀନ ଓ ପ୍ରାଣୀପାଳନ ଭଳି ବିଭିନ୍ନ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ଯେଉଁସବୁ ସଂକଳ୍ପ କରାଯାଇଛି, ତାହାକୁ ପୂରଣ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ମୁଖପାତ୍ର ପ୍ରଦୀପ ପୁରୋହିତ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ନବୀନ ପଟ୍ଟନାୟକ ଦୀର୍ଘ ୨୫ ବର୍ଷ ହେବ ଓଡ଼ିଶାରେ ଚାଷୀଙ୍କ ସହ ବିଶ୍ୱାସଘାତ କରିଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଚାଷୀଙ୍କ ଆୟ ସାରା ଭାରତରେ ତଳଆଡୁ ୨ୟ ସ୍ଥାନରେ ରହିଛି। ୨୦୧୯ରେ କାଳିଆ ଯୋଜନା ଆଣି ଚାଷୀଙ୍କୁ ଭଣ୍ଡାଇଥିଲେ। ଏହି ଯୋଜନାରେ ପ୍ରତି ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ଦେବାକୁ ସେତେବେଳେ ବିଜେଡି ସରକାର ଘୋଷଣା କରିଥିଲେ। ମାତ୍ର ନିର୍ବାଚନ ଜିତିବା ପରେ ସବୁ ଭୁଲିଗଲେ। ସୋହେଲା ସମାବେଶରେ ଧାନ କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ଚାଷୀଙ୍କୁ ଦେବାକୁ ନବୀନବାବୁ ଘୋଷଣା କରିଥିଲେ, କିନ୍ତୁ ଏଯାଏ ଦେଇନାହାନ୍ତି। ସେହିପରି ୨୦୨୪ର ଘୋଷଣା ମଧ୍ୟ କେବଳ ଚାଷୀଙ୍କୁ ନିର୍ବାଚନ ଥୋପ ଦେଇ ସେମାନଙ୍କୁ ଠକିବାକୁ ପ୍ରୟାସ କରାଯାଉଛି। ରାଜ୍ୟରେ ଯେତିକି ଶୀତଳଭଣ୍ଡାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ ତାହା ମଧ୍ୟ ନ କରି ଯେତିକି ଥିଲା ସେସବୁ ମଧ୍ୟ ବନ୍ଦ ହୋଇଗଲାଣି। ଅପରପକ୍ଷେ ଭାଜପା ସରକାର ହେଲେ ସମସ୍ତ ଚାଷୀଙ୍କ ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ। ସଂକଳ୍ପ ପତ୍ରରେ ଯେଉଁ ଘୋଷଣା କରାଯାଇଛି ସେହି ପ୍ରତିଶ୍ରୁତିଗୁଡ଼ିକ କିଭଳି ପୂରଣ ହେବ ସେନେଇ ବ୍ୟାପକ ପଦକ୍ଷେପ ନିଆଯିବ। ସେହିପରି ଭାଜପା ସରକାର ହେଲେ ୫ ବର୍ଷରେ ଚାଷୀଙ୍କ ଆୟ କିପରି ଦୁଇ ଗୁଣିତ ହେବ ସେନେଇ ବିଭିନ୍ନ ପଦକ୍ଷେପ ନିଆଯିବ। ସେମାନଙ୍କ ପାଇଁ ରାଜକୋଷରେ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯିବ। ଧାନ କୁଇଣ୍ଟାଲ ପିଛା କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଧାର୍ଯ୍ୟ କରାଯିବ। ଡିବିଟି ଜରିଆରେ ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ଅର୍ଥ ହସ୍ତାନ୍ତର କରାଯିବ। ଏବେର କଟ୍‌ନିଛଟ୍‌ନି ବ୍ୟବସ୍ଥାରେ ଚାଲିଥିବା ଲୁଟ୍ ପ୍ରକ୍ରିୟାକୁ ଶେଷ କରି ଦିଆଯିବ। ଏହି ବ୍ୟବସ୍ଥାରେ ବିଜେଡି ଦ୍ୱାରା ୫୦୦ କୋଟି ଟଙ୍କାର ଲୁଟ୍ ହୋଇଛି। ମାତ୍ର ଭାଜପା ସରକାରରେ ସମସ୍ତ ମଣ୍ଡିରେ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ମାଧ୍ୟମରେ ଧାନ କିଣାଯିବ। ବେଆଇନ ଭାବେ ଗୋ ହତ୍ୟା ଏବଂ ଗୋମାଂସ ବ୍ୟବସାୟ ବନ୍ଦ କରିବା ପାଇଁ ଆଇନ ଆସିବ ବୋଲି ପୁରୋହିତ କହିଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୮/୨୦୨୪ | Bhubaneswar, Tuesday, May 28/2024 | ପୃଷ୍ଠା-୧




ସୋମବାର ରଥଖଳାରେ ଭୋଇ ସେବକମାନେ ଚକ ନିର୍ମାଣ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ମାଟ୍ରିକ ପରୀକ୍ଷାରେ କମ୍ ନମ୍ବର ରହିବାରୁ ଛାତ୍ରଙ୍କ ଆତ୍ମହତ୍ୟା

କାଳିଆପାଣି,୨୭।୫(ଅସିତ୍ ମହାନ୍ତ)

ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର ଜଣେ ଛାତ୍ର ମାଟ୍ରିକ ପରୀକ୍ଷାରେ କମ୍ ନମ୍ବର ରଖିଥିବାରୁ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୁକିନ୍ଦା ଜଗନ୍ନାଥ ନୋଡାଲ ହାଇସ୍କୁଲର ଛାତ୍ର ପ୍ରଜ୍ଞା କୁମାର ପଣ୍ଡା। ସେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ରବିବାର ପରୀକ୍ଷାଫଳ ପ୍ରକାଶିତ ହୋଇଥିଲା। ସେ ୫୦ ପ୍ରତିଶତ ନମ୍ବର ରଖିଥିଲେ। ହେଲେ ସେ ଆଶାନୁରୂପ ନମ୍ବର ରଖି ନ ଥିବା ଜାଣିବା ପରେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ବେକରେ ଶାଢ଼ି ବାନ୍ଧି ଝୁଲିପଡିଥିଲେ। ଖବର ପାଇ ସୁକିନ୍ଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୪)ରୁଜୁ ହୋଇଛି। ସୂଚନାଯୋଗ୍ୟ, ପ୍ରଜ୍ଞାଙ୍କ ଘର ପାଣିକୋଇଲି ଥାନା ଅଧୀନ ବଡ଼ବିରୁଆଁ ଗାଁରେ। ହେଲେ ତାଙ୍କ ପରିବାର ସୁକିନ୍ଦାରେ ଭଡ଼ାରେ ରହୁଥିଲେ।

# ପୋଲିସ ଇନ୍‌ଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା

ଫୁଲବାଣୀ/କୋଟଗଡ଼, ୨୭।୫ (ରାକେଶ କୁମାର ରାଉତ/ସରୋଜ ବଳିୟାର ସିଂ)

### କୋଟଗଡ଼ରେ ଲାଲ୍‌ବାହିନୀ ରକ୍ତମୁଖା

କନ୍ଧମାଳ ଜିଲ୍ଲା କୋଟଗଡ଼ ବ୍ଲକରେ କିଛିଦିନର ନିରବତା ପରେ ଲାଲବାହିନୀ ରକ୍ତମୁଖା ହୋଇଉଠିଛି। ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣେ ଯୁବକଙ୍କୁ ମାଓବାଦୀମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ଘରଠାରୁ କିଛି ଦୂରରେ ଯୁବକଙ୍କୁ ହତ୍ୟା କରିବା ପରେ ଧମକପୂର୍ଣ୍ଣ ପୋଷ୍ଟର ଛାଡ଼ିଯାଇଛନ୍ତି। ସିପିଆଇ ମାଓବାଦୀ ବାଘୁନା ଡିଭିଜନାଲ କମିଟି ଯୁବକଙ୍କୁ ହତ୍ୟା କରିଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ହତ୍ୟାର ଶିକାର ହୋଇଥିବା ଯୁବକ ହେଉଛନ୍ତି କୋଟଗଡ଼ ଥାନା ଦୁର୍ଗାପାଙ୍ଗା ପଞ୍ଚାୟତ ବାଡ଼ିପଙ୍ଗା ଗାଁର ମେଟଲା ରଇତ।

ବାଡ଼ିପଙ୍ଗା ଗାଁର ମେଟଲାଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗତ ଶନିବାର ରାତିରେ ୧୨ରୁ ୧୫ ସଶସ୍ତ୍ର ମାଓବାଦୀ ଘରୁ ଡାକି ନେଇଥିଲେ। ପରେ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ସୋମବାର ସକାଳୁ ତାଙ୍କ ମୃତଦେହକୁ ଏକ ପଲିଥିନ ଜରିରେ ଗୁଡ଼ାଇ ଗାଁ ଅଙ୍ଗନୱାଡି କେନ୍ଦ୍ର ପାଖରେ ଫିଙ୍ଗି ଚାଲିଯାଇଥିଲେ। ଗ୍ରାମ ଲୋକେ ସକାଳେ ଦେଖି କୋଟଗଡ ଥାନାକୁ ସୂଚନା ଦେଇଥିଲେ। ମୃତଦେହରେ ଥିବା କ୍ଷତଚିହ୍ନକୁ ଦେଖି ଜଣାପଡୁଛି ଯେ, ମାଓବାଦୀମାନେ ମେଟଲାଙ୍କୁ ବହୁ ନିର୍ଯାତନା ଦେବା ପରେ ହତ୍ୟା କରିଛନ୍ତି। ପୋଲିସ ମେଟଲାଙ୍କ ମୃତଦେହ ହେପାଜତକୁ ନେଇ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ମେଟଲା କନ୍ଧମାଳ ଜିଲ୍ଲାର ଜଣେ କନ୍ଧ ପୁଅ ଥିଲେ। ସେ ପ୍ରାୟ ମାସେ ପୂର୍ବରୁ ବିବାହ କରିଥିଲେ। ନିଜ ଅଞ୍ଚଳରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ମୁନ୍‌ସି ତଥା ଚାଷବାସ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ଏଭଳି ନିର୍ଦ୍ଦୋଷ ଲୋକଙ୍କୁ ପୋଲିସ ଖବରଦାତା ନାଁରେ ନିର୍ମମ ହତ୍ୟାକୁ ପୋଲିସ ନିନ୍ଦା କରୁଛି। କନ୍ଧମାଳ ପୋଲିସକୁ ମେଟଲା କୌଣସି ପ୍ରକାର ଖବର ଦେଇନାହାନ୍ତି। ଏହା ମାଓବାଦୀଙ୍କ ଏକ ଚକ୍ରାନ୍ତ। ଉନ୍ନୟନମୂଳକ କାର୍ଯ୍ୟ ଯଥା ରାସ୍ତା, ମୋବାଇଲ ଟାୱାର, ପୋଲକୁ ପ୍ରତିରୋଧ କରିବା ପାଇଁ ନିରୀହ ଲୋକଙ୍କୁ ଭୟଭୀତ କରିବାର ଉଦ୍ୟମ କରିଛନ୍ତି। ପୋଲିସ ପକ୍ଷରୁ ମାଓବାଦୀଙ୍କ ବିରୋଧରେ ଅଭିଯାନ ତଥା ସର୍ଚ୍ଚ ଅପରେଶନ ଜାରି ରହିବ ବୋଲି କନ୍ଧମାଳ ଏସ୍‌ପି ଶୁଭେନ୍ଦୁ ପାତ୍ର ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**

**ତୀର୍ଥଯାତ୍ରୀଙ୍କ ମୃତ୍ୟୁ**

# ୧୦୩ ବିଧାୟକଙ୍କ ସମ୍ପତ୍ତି ୫ ବର୍ଷରେ ୭୩% ବଢ଼ିଛି

ଭୁବନେଶ୍ୱର,୨୭।୫(ଅନିଲ ଦାସ)

### ୪୧୨ ଜଣ କୋଟିପତି ପ୍ରାର୍ଥୀ

୨୦୨୪ ସାଧାରଣ ନିର୍ବାଚନରେ ବିଭିନ୍ନ ଦଳର ୧୦୩ ଜଣ ବିଧାୟକ ପୁଣି ନିର୍ବାଚନ ଲଢୁଛନ୍ତି। ସେମାନଙ୍କର ହାରାହାରି ସମ୍ପତ୍ତି ପରିମାଣ ୫ ବର୍ଷରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅର୍ଥାତ୍ ସମ୍ପତ୍ତି ୭୩% ବୃଦ୍ଧି ପାଇଛି। ଏଥିରୁ ବିଜେଡିରୁ ୭୪ଜଣ ପୁଣି ଥରେ ଟିକେଟ ପାଇ ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ହାରାହାରି ସମ୍ପତ୍ତି ୫ କୋଟିରୁ ୮ କୋଟି ଅର୍ଥାତ୍ ପ୍ରାୟ ୫୪% ବଢ଼ିଛି। ଭାଜପାର ୨୧ଜଣ ବିଧାୟକ ପୁଣି ଟିକେଟ ପାଇଛନ୍ତି। ସେମାନଙ୍କ ହାରାହାରି ସମ୍ପତ୍ତି ୧ କୋଟିରୁ ୨ କୋଟି ହୋଇଛି। ଅର୍ଥାତ୍ ପ୍ରାୟ ୭୪% ବଢ଼ିଛି। କଂଗ୍ରେସର ୫ଜଣ ବିଧାୟକ ପୁଣି ଟିକେଟ ପାଇଛନ୍ତି। ସେମାନଙ୍କ ହାରାହାରି ସମ୍ପତ୍ତି ୧ କୋଟିରୁ ୩ କୋଟି ହୋଇଛି ଅର୍ଥାତ୍ ପ୍ରାୟ ୧୨୨% ବୃଦ୍ଧି ପାଇଛି।

୧,୨୮୫ ବିଧାୟକ ପ୍ରାର୍ଥୀଙ୍କ ଭିତରେ ୪୧୨ ଜଣ କୋଟିପତି ପ୍ରାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ସମ୍ପତ୍ତି ଥିବା ବିଧାୟକ ପ୍ରାର୍ଥୀ ହେଉଛନ୍ତି ଭାଜପାର ଦିଲୀପ ରାୟ। ତାଙ୍କ ପାଖରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଶି ମୋଟ ୩୧୩ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ତଳକୁ ବିଜେଡିର ସନାତନ ମହାକୁଡ଼ଙ୍କ ପାଖରେ ୨୨୭ କୋଟି, ଭାଜପାର ବସ୍ତା ପ୍ରାର୍ଥୀ ସୁବାସିନୀ ଜେନାଙ୍କ ପାଖରେ ୧୩୫ କୋଟି, ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପାଖରେ ୧୨୨ କୋଟି ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହଙ୍କ ପାଖରେ ୧୨୦ କୋଟିର ସମ୍ପତ୍ତି ରହିଛି। ଏମିତି ଅନେକ ପ୍ରାର୍ଥୀ ଅଛନ୍ତି, ଯେଉଁମାନଙ୍କ ପାଖରେ ମାତ୍ର ୧ ହଜାର କିମ୍ବା ୨ ହଜାର ଟଙ୍କାର ସମ୍ପତ୍ତି ରହିଥିବା ସେମାନେ ନିର୍ବାଚନ ସତ୍ୟପାଠରେ ଦର୍ଶାଇଛନ୍ତି। ଅଧିକ ଋଣ କରିଥିବା ବିଧାୟକ ପ୍ରାର୍ଥୀଙ୍କ ଭିତରେ ସୌମ୍ୟରଞ୍ଜନ ପଟ୍ଟନାୟକ ଶୀର୍ଷରେ ଅଛନ୍ତି। ତାଙ୍କ ଋଣ ପରିମାଣ ୧୦୬ କୋଟି, ସୁବାସିନୀ ଜେନାଙ୍କ ଋଣ ୨୯ କୋଟି ଓ ନିରଞ୍ଜନ ପଟ୍ଟନାୟକଙ୍କ ଋଣ ୨୦ କୋଟି ରହିଥିବା ଦର୍ଶାଇଛନ୍ତି।

ଆୟକର ବିବରଣୀକୁ ଦେଖିଲେ, ବର୍ଷକୁ ସବୁଠାରୁ ଅଧିକ ଆୟ କରୁଥିବା ପ୍ରାର୍ଥୀଙ୍କ ଭିତରେ ଅଛନ୍ତି ଦୀପାଳି ଦାସ। ତାଙ୍କର ବାର୍ଷିକ ଆୟ ପ୍ରାୟ ୬ କୋଟି ରହିଛି। ସେମିତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ☞ପୃଷ୍ଠା-୮

## ପ୍ରଜ୍ୱଳ ୩୧ରେ ଏସ୍‌ଆଇଟିରେ ହାଜର ହେବେ

ନୂଆଦିଲ୍ଲୀ,୨୭।୫

ଯୌନ ଉତ୍ପୀଡ଼ନ ଅଭିଯୋଗର ସମ୍ମୁଖୀନ ହୋଇଥିବା ଜେଡିଏସ୍ ଏମ୍‌ପି ପ୍ରଜ୍ୱଳ ରେଭନ୍ନା ଭାରତ ଫେରି ଆସନ୍ତା ୩୧ରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ନିକଟରେ ହାଜର ହେବେ ବୋଲି କହିଛନ୍ତି। ସେ ତଦନ୍ତରେ ସହଯୋଗ କରିବା ସହ ତାଙ୍କ ବିରୋଧରେ ଆସିଥିବା ଅଭିଯୋଗଗୁଡ଼ିକର ଉତ୍ତର ରଖିବେ ବୋଲି ପ୍ରଜ୍ୱଳ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ଅଦାଲତ ଉପରେ ତାଙ୍କର ବିଶ୍ୱାସ ରହିଛି ଏବଂ ସେ କୋର୍ଟ ଜରିଆରେ ମିଥ୍ୟା ମାମଲାରୁ ମୁକୁଳିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କନ୍ନଡ ଟିଭି ଚ୍ୟାନେଲ ଏସିଆନେଟ୍ ସୁବର୍ଣ୍ଣ ନ୍ୟୁଜ୍‌ରେ ଉକ୍ତ ଭିଡିଓ ବିବୃତି ପ୍ରସାରିତ ହୋଇଛି।

ଅନେକ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିବା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ନାତି ତଥା ଏନ୍‌ଡିଏର ହାସନ ଲୋକ ସଭା ପ୍ରାର୍ଥୀ ୩୩ ବର୍ଷୀୟ ☞ପୃଷ୍ଠା-୮

# ମହାପ୍ରଭୁଙ୍କ ପାଇଁ ପହଞ୍ଚିଲା ବାସୁଙ୍ଗାପାଟ

ପୁରୀ, ୨୭।୫(ଅଜିତ୍ କୁମାର ମହାନ୍ତି)



ଜୁଲାଇ ୭ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସମେତ ପୁରୀ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରା ଏବଂ ଏହାପୂର୍ବରୁ ହେବାକୁ ଥିବା ମହାପ୍ରଭୁଙ୍କ ଗୁପ୍ତନୀତି ସମୟରେ ବାସୁଙ୍ଗା ପାଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ସୋମବାର କଟକ ଜିଲ୍ଲା ତିଗିରିଆ ନୂଆପାଟଣା ଅଞ୍ଚଳରୁ ୩ କୁଇଣ୍ଟାଲ ବାସୁଙ୍ଗା ପାଟ ଆସି ପୁରୀରେ ପହଞ୍ଚିଛି। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହି ବାସୁଙ୍ଗା ପାଟ ପହଞ୍ଚିବା ପରେ ପ୍ରଶାସନିକ ଅଧିକାରୀଙ୍କୁ ଏହା ହସ୍ତାନ୍ତର କରାଯାଇଛି ବୋଲି ଏହାକୁ ଆଣି ଆସିଥିବା ବିଜୟଧର ସାଥୁଆ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆପାଟଣା ଟସର ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ବାସୁଙ୍ଗାପାଟ ଲାଗି ବରାଦ ଦିଆଯାଇଥିଲା। ପୂର୍ବରୁ ପାଟର ସାମ୍ପଲ ଚିହ୍ନଟ କରିବା ଲାଗି ବାଡ଼ଗ୍ରାହୀ ସେବକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପାଟର ମାନ ଅନୁଧ୍ୟାନ ପରେ ପ୍ରଶାସନ ବରାଦ ଦେଇଥିଲା। ଏହାପରେ ବାସୁଙ୍ଗାପାଟ ପ୍ରସ୍ତୁତ କରାଯାଇଥିଲା। ତେବେ ପୂର୍ବରୁ ରେଶମ କୀଟଙ୍କୁ ମାରି ପାଟ ତିଆରି କରାଯାଉଥିବାବେଳେ ଏବେ ଆଧୁନିକ ଉପାୟରେ ପାଟ ପ୍ରସ୍ତୁତ କରାଯାଉଛି। ଫଳରେ ପୋକ ନ ମରି ଉଡ଼ି ପଳାଉଛନ୍ତି।

# ବାତ୍ୟା ରେମାଲରେ ୯ ମୃତ

### ପଶ୍ଚିମବଙ୍ଗରେ ୧୫ ହଜାର ଘର ଭାଙ୍ଗିଲା

ଢାକା/କୋଲକାତା,୨୭।୫

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ରେମାଲ ରବିବାର ରାତିରେ ସ୍ଥଳଭାଗ ଛୁଇଁବା ପରେ ପଶ୍ଚିମବଙ୍ଗ ଏବଂ ବାଂଲାଦେଶରେ ତାଣ୍ଡବ ରଚିଛି। ବାତ୍ୟାରେ କାନ୍ଥ ଓ ଗଛଡାଳ ପଡ଼ି ପଶ୍ଚିମବଙ୍ଗରେ ୨ ଜଣ ଏବଂ ବାଂଲାଦେଶରେ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପଶ୍ଚିମବଙ୍ଗରେ ୧୫ ହଜାରରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ବହୁ ଲୋକ ପ୍ରଭାବିତ ହୋଇଛନ୍ତି। ସେହିପରି ପଡୋଶୀ ଦେଶରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ଯୋଗୁ ୧୫ ନିୟୁତ ଲୋକ ଅନ୍ଧାରରେ ରହିଛନ୍ତି।

ରବିବାର ରାତି ୮ଟା ୩୦ରୁ ବାତ୍ୟାର ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗର ସାଗରଦ୍ୱୀପ ଏବଂ ବାଂଲାଦେଶର ଖେପୁପରା ମଧ୍ୟରେ ଏହା ସ୍ଥଳଭାଗ ଛୁଇଁବା ବେଳେ ପବନର ବେଗ ୧୨୦ କିଲୋମିଟର ଏବଂ ସର୍ବାଧିକ ୧୩୫ କିଲୋମିଟର ରହିଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାତ୍ୟାସ୍ଥିତି ଅନୁଧ୍ୟାନ କରିବା ପରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା କହିଛନ୍ତି। ଲୋକଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସରକାରୀ କଳ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ବୋଲି ସେ ଏକ୍ସ'ରେ ଲେଖିଛନ୍ତି। ଉପକୂଳ ଅଞ୍ଚଳରୁ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ୧,୪୩୮ ନିରାପଦ ଆଶ୍ରୟସ୍ଥଳରେ ରଖାଯାଇଥିଲା। କୋଲକାତା ବିମାନବନ୍ଦରରେ ବିମାନ ଚଳାଚଳ ୨୧ ଘଣ୍ଟା ପାଇଁ ବନ୍ଦ ରହିଥିଲା। ବାତ୍ୟା ସାଙ୍ଗକୁ ପ୍ରବଳ ବର୍ଷା ଯୋଗୁ ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି।

ବାତ୍ୟା ପ୍ରଭାବରେ ବାଂଲାଦେଶର ବରିଶଲ, ଭୋଲା, ପଟୁଆଖାଲି, ସାତଖିରା ଏବଂ ଚଟ୍ଟୋଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ପଟୁଆଖାଲି ଏବଂ ସାତଖିରାରେ ଜଣେ ଲେଖାଏ ପ୍ରାଣ ହରାଇଥିବାବେଳେ ବରିଶଲ, ଭୋଲା ଏବଂ ଚଟ୍ଟୋଗ୍ରାମରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୋଙ୍ଗଲାରେ ଏକ ଟ୍ରଲର ବୁଡ଼ିଯିବାରେ ଜଣେ ପିଲା ସମେତ ୨ ଜଣ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା ସାଙ୍ଗକୁ ସମୁଦ୍ରରେ ୫ରୁ ୬ ଫୁଟ୍ ଉଚ୍ଚର ଜୁଆର ଆସି ଉପକୂଳ ଅଞ୍ଚଳରେ ବହୁ କ୍ଷତି ଘଟାଇଛି।

# ୫ଦିନରେ କେରଳ ଛୁଇଁପାରେ ମୌସୁମୀ

ଭୁବନେଶ୍ୱର,୨୭।୫(ଅସମାପିକା ସାହୁ)

ଚଳିତବର୍ଷ ଠିକ୍ ସମୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁପାରେ। ଏଥିପାଇଁ ପାଗ ଅନୁକୂଳ ରହିଛି। ଆସନ୍ତା ୫ଦିନ ଭିତରେ ମୌସୁମୀ କେରଳ ଉପକୂଳ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ତେବେ କେରଳ ଛୁଇଁବା ପରେ ହିଁ ଓଡ଼ିଶାରେ ମୌସୁମୀ ପ୍ରବେଶ ନେଇ ଆକଳନ କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସେପଟେ ଓଡ଼ିଶା ପ୍ରତି ବାତ୍ୟା 'ରେମାଲ' ବିପଦ ଟଳିଯାଇଥିଲେ ମଧ୍ୟ ତାତି ବଢୁଛି। ସୋମବାର ୮ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରେକର୍ଡ କରାଯାଇଛି। ୪୨.୨ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ଅପରାହ୍ନ ୨ଟା ୩୦ ସୁଦ୍ଧା ତାପମାତ୍ରା ୩୭.୭ ଡିଗ୍ରୀ ଏବଂ ଆର୍ଦ୍ରତା ୬୨% ରହିଥିଲା। ଫଳରେ ଅସହ୍ୟ ଗୁଳୁଗୁଳି ଅନୁଭବ ହୋଇଥିଲା। ତେବେ ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ହିଟ୍‌ୱେଭ ସମ୍ଭାବନା ନାହିଁ। ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ରହିବ। କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ଅପରପକ୍ଷେ ଚଳିତବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବରେ ସ୍ୱାଭାବିକଠାରୁ ଅଧିକ ବର୍ଷିବ ବୋଲି ସୋମବାର ଆଇଏମ୍‌ଡି ପୁଣିଥରେ ଦୋହରାଇଛି। ☞ପୃଷ୍ଠା-୮

# କେନ୍ଦ୍ରାପଡ଼ାବାସୀ ନୁହେଁ, କମ୍ପାନୀ ଥିଲା ଆଗ: ନବୀନ



ଭୁବନେଶ୍ୱର/କେନ୍ଦ୍ରାପଡ଼ା,୨୭।୫ (ଅନିଲ ଦାସ/ଜଗନ୍ନାଥ ଧଳ)

ମୁଁ ଜଣକୁ ୧୦ ବର୍ଷ ଏମ୍‌ପି କରିଥିଲି। ସେ କେବଳ ନିଜ ପାଇଁ ଓ ତାଙ୍କ କମ୍ପାନୀର ଲାଭ ଲାଗି କାମ କରିଛନ୍ତି। କେନ୍ଦ୍ରାପଡ଼ାବାସୀ ଓ ମୋ ସହିତ ବିଶ୍ୱାସଘାତ କରିଛନ୍ତି। ନାଁ ନ ନେଇ କେନ୍ଦ୍ରାପଡ଼ାର ଭାଜପା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଟାର୍ଗେଟ୍ କରିଛନ୍ତି। ଅନ୍ୟ ପକ୍ଷରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ବୈଜୟନ୍ତଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାର ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ୨ ଥର ଲୋକ ସଭା ଓ ଥରେ ରାଜ୍ୟ ସଭାକୁ ପଠାଇଥିଲେ। ସାଂସଦ ହେବା ଆଗରୁ ତାଙ୍କର ପାରିବାରିକ କମ୍ପାନୀର ସ୍ଥିତି କ'ଣ ଥିଲା। ସାଂସଦ ହେବା ପରେ ତାଙ୍କ କମ୍ପାନୀର ବହୁତ ଲାଭ ହୋଇଛି। ସେ ନିଜ ଲାଗି ଓ ନିଜ କମ୍ପାନୀର ଲାଭ ପାଇଁ ଲାଗିଲେ। କମ୍ପାନୀ ପାଇଁ ରେଲ୍‌ୱେ ସାଇଡିଂ ଆଣିଲେ କିନ୍ତୁ କେନ୍ଦ୍ରାପଡ଼ାକୁ ରେଲ୍‌ୱେ ଆଣିବାକୁ ଭୁଲିଗଲେ। ଫାଇନାନ୍ସ କମିଟିର ସଦସ୍ୟ ଭାବେ ନିଜ କମ୍ପାନୀର ଅନେକ ହଜାର କୋଟି ଟଙ୍କାର ଋଣ ଛାଡ଼ କଲେ। ସେ ଚାହୁଁଥିଲେ ଫାଇନାନ୍ସ କମିଟିର ଅଧ୍ୟକ୍ଷ ହେବାପାଇଁ। କିନ୍ତୁ ମୁଖ୍ୟମନ୍ତ୍ରୀ ଅନୁଭବ କଲେ ସେ ତାଙ୍କ ନିଜସ୍ୱ ଲାଭ ପାଇଁ ଏହା ଚାହୁଁଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେହିଦିନଠାରୁ ମୁଖ୍ୟମନ୍ତ୍ରୀଙ୍କ ଉପରେ କ୍ରୋଧାନ୍ୱିତ ହୋଇ ବିଭିନ୍ନ ଗୁଜବ ସୃଷ୍ଟି କଲେ। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ସୃଷ୍ଟି କଲେ। ଏପରିକି ବିଭିନ୍ନ ☞ପୃଷ୍ଠା-୮

# ୪ ସୁଦ୍ଧା ରତ୍ନଭଣ୍ଡାର ଚାବି ହାଇକୋର୍ଟଙ୍କୁ ହସ୍ତାନ୍ତର କର: ବିଶ୍ୱଶର୍ମା

କେନ୍ଦ୍ରାପଡ଼ା/ମାର୍ଶାଘାଇ, ୨୭।୫ (ଜଗନ୍ନାଥ ଧଳ/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ମିଳୁନାହିଁ। ତଦନ୍ତ ରିପୋର୍ଟ ଚାପିଦିଆଯାଇଛି। ମୋର ସନ୍ଦେହ ହେଉଛି ଯେ, ରତ୍ନଭଣ୍ଡାର ଚାବି ପାଣ୍ଡିଆନ ହିଁ ଲୁଚାଇ ରଖିଛନ୍ତି। ଆସନ୍ତା ୪ ତାରିଖରେ ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବ। ସେହିସମୟ ସୁଦ୍ଧା ସେ ହାଇକୋର୍ଟଙ୍କୁ ରତ୍ନଭଣ୍ଡାର ଚାବି ହସ୍ତାନ୍ତର କରନ୍ତୁ। ନଚେତ ୧୦ ତାରିଖରେ ଓଡ଼ିଶାରେ ଭାଜପା ସରକାର ଶପଥ ନେବା ପରେ ଏହାର ହିସାବ କରାଯିବ। ପାତାଳରେ ଥିଲେ ମଧ୍ୟ ରତ୍ନଭଣ୍ଡାର ଚାବି ଖୋଜି ବାହାର କରାଯିବ ବୋଲି କହିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା। କେନ୍ଦ୍ରାପଡ଼ା ଜିଲ୍ଲାର ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ ରଙ୍କାଳରେ ସୋମବାର ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ବିଶ୍ୱଶର୍ମା ଏଭଳି ଭାବେ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜ ଅକ୍ତିଆରକୁ ନେଇ ସାରିଥିବାରୁ ଏଠାରେ ଦୁର୍ନୀତି ବଢ଼ିଚାଲିଛି। ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ କବଳରୁ ଉଦ୍ଧାର କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଓଡ଼ିଶାର ସ୍ୱାଭିମାନ ରକ୍ଷା କରିବାକୁ ହେଲେ ପାଣ୍ଡିଆନ ଶାସନକୁ ହଟାଇବାକୁ ପଡ଼ିବ ବୋଲି ବିଶ୍ୱଶର୍ମା କହିଛନ୍ତି। ଜିଲ୍ଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ବିଶ୍ୱଶର୍ମା କହିଛନ୍ତି, ☞ପୃଷ୍ଠା-୮




"ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା

# ତୀର୍ଥଯାତ୍ରୀଙ୍କ ମୃତ୍ୟୁ

ଉତ୍ତରାଖଣ୍ଡର ଚାରିଧାମ ଯଥା ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଓ ବଦ୍ରିନାଥ ଯାତ୍ରା ଏକ ଧାର୍ମିକ ଯାତ୍ରା। ଏହି ଚାରିଧାମ ଯାତ୍ରା ମୁଖ୍ୟତଃ ପାଣିପାଗ ସ୍ଥିତିକୁ ଲକ୍ଷ୍ୟ କରି ପ୍ରତିବର୍ଷ ଏପ୍ରିଲ-ମେ'ରୁ ଆରମ୍ଭ ହୋଇ ଅକ୍ଟୋବର-ନଭେମ୍ବରରେ ଶେଷ କରାଯାଇଥାଏ। ଚଳିତ ବର୍ଷ ମେ ୧୦ ଅକ୍ଷୟତୃତୀୟାରୁ ଏହି ଯାତ୍ରା ଆରମ୍ଭ ହୋଇଛି। ଏବେ ସୁଦ୍ଧା ୯ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଚାରିଧାମ ଦର୍ଶନ କରିସାରିଲେଣି। ଗତବର୍ଷ ତୁଳନାରେ ଏହି ସମୟ ମଧ୍ୟରେ ତୀର୍ଥଯାତ୍ରୀଙ୍କ ସଂଖ୍ୟା ପାଖାପାଖି ୬୦ ପ୍ରତିଶତ ବୃଦ୍ଧି ପାର୍ବତ୍ୟାଞ୍ଚଳ ପାଇଁ ସମସ୍ୟା ହୋଇଛି। ଯାତ୍ରାର ୧୬ ଦିନ ମଧ୍ୟରେ ମୋଟ ୫୮ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ହୋଇସାରିଲାଣି। ଏମାନଙ୍କ ମଧ୍ୟରୁ ୪୦ ଜଣଙ୍କ ବୟସ ୫୦ରୁ ଉର୍ଦ୍ଧ୍ୱ ଏବଂ ସବୁଠୁ ଅଧିକ ୪୭ ତୀର୍ଥଯାତ୍ରୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏଠାରେ ମନେରଖିବାକୁ ହେବ ଯେ, ଭାରତର ସରକାରୀ ତଥ୍ୟ ସବୁବେଳେ ଏହିଭଳି ଆକଳନକୁ କମ୍ କରି ଦେଖାଇଥାଏ। ଏହା ଏକ ପରାଧୀନ ଦେଶର ପରିଚାଳକମାନଙ୍କର ମାନସିକତା । ଚାରିଧାମ ଯାତ୍ରାରେ ଯାଇଥିବା ଭକ୍ତମାନଙ୍କ ମୃତ୍ୟୁ ସଂଖ୍ୟାକୁ ଦେଖି ଉତ୍ତରାଖଣ୍ଡ ରାଜ୍ୟ ସରକାର ଶ୍ରଦ୍ଧାଳୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଉପରେ ଅଧିକ ଜୋର୍ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଭଳି ୨୦୨୩ରେ ଚାରିଧାମ ଯାତ୍ରାରେ ୨୫୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ୩୦୦। ବିଶେଷକରି ହିମାଳୟ ଅଞ୍ଚଳରେ ସମୁଦ୍ରପତ୍ତନର ପ୍ରାୟ ୩୦୦୦ରୁ ୪୦୦୦ ମିଟର ଉଚ୍ଚରେ ଯାତ୍ରା କରିବା ଦ୍ୱାରା ଏଭଳି ମୃତ୍ୟୁ ହେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି। କାରଣ ଏହି ଉଚ୍ଚତାରେ ଅମ୍ଳଜାନ ପରିମାଣ କମ୍ ଥାଏ। ସେଥିପାଇଁ ହୃଦ୍‌ରୋଗ, ଫୁସ୍‌ଫୁସ୍ ସମସ୍ୟା ଥିବା ବ୍ୟକ୍ତି, ନିଃଶ୍ୱାସ ପ୍ରଶ୍ୱାସ ସମସ୍ୟାରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଏହିଭଳି ପାହାଡ଼ଚଢା ମୃତ୍ୟୁମୁଖକୁ ଗଲାଭଳି ହୋଇପାରେ। ଚାରିଧାମ ଯାତ୍ରା ପୂର୍ବରୁ ନାମ ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ହେଉଥିଲେ ମଧ ପ୍ରାରମ୍ଭରୁ ୧୬ ଦିନର ଯାତ୍ରାରେ ପ୍ରତିଦିନ ହାରାହାରି ୩ ଜଣଙ୍କ ମୃତ୍ୟୁ ଘଟିବା ସ୍ୱାସ୍ଥ୍ୟ ଯାଞ୍ଚର ମାନ ଉପରେ ପ୍ରଶ୍ନ ଉଠାଇଛି। ଏହାବ୍ୟତୀତ ଚାରିଧାମ ଯାତ୍ରା ପାଇଁ ମଧ୍ୟପ୍ରଦେଶରୁ ଯାଉଥିବା ଯାତ୍ରୀଙ୍କ ମଧ୍ୟରୁ ୫୦ ଜଣଙ୍କର ନକଲି ପଞ୍ଜୀକରଣ ହୋଇଥିବା ଜଣାପଡ଼ିବା ସହ ଏହି କାର୍ଯ୍ୟରେ ଲିପ୍ତ ଏଜେଣ୍ଟଙ୍କୁ ହରିଦ୍ୱାରରୁ ଗିରଫ କରାଯାଇଛି। ଏଥିରୁ ବୁଝାପଡୁଛି ଯେ, ଚାରିଧାମ ଯାତ୍ରାରେ ସ୍ୱଚ୍ଛତା ବଜାୟ ରଖିବା ସମ୍ଭବ ହେଉନାହିଁ। ତୀର୍ଥଯାତ୍ରୀମାନେ ନକଲି ସ୍ୱାସ୍ଥ୍ୟ ସାର୍ଟିଫିକେଟ ଦେଇ ଏହି ଯାତ୍ରାରେ ଯାଇଥିବାର ସନ୍ଦେହ କରାଯାଇପାରେ। ଗୋଟିଏ ପକ୍ଷରେ ଯାତ୍ରା ପ୍ରକ୍ରିୟାରେ ତ୍ରୁଟିକୁ ମୃତ୍ୟୁ ପାଇଁ ଦାୟୀ କରାଯାଇପାରେ, କିନ୍ତୁ ଏହା ପଛରେ ଆଉ ଏକ ବଡ଼ କାରଣ ହେଉଛି ହିନ୍ଦୁ ଧର୍ମାବଲମ୍ବୀଙ୍କ ଧର୍ମୀୟ ବିଶ୍ୱାସ। ଧର୍ମ ବିଶ୍ୱାସ ସାଧାରଣ ଲୋକଙ୍କୁ ଅନ୍ଧ କରିଦିଏ। ନିକଟ ଅତୀତକୁ ଦେଖିଲେ ଅଧିକାଂଶ ବଡ଼ ଧରଣର ଦୁର୍ଘଟଣା, ଯେଉଁଥିରେ ଶତାଧିକ ଲୋକଙ୍କର ମୃତ୍ୟୁ ଘଟୁଛି, ସାଧାରଣତଃ ଧାର୍ମିକ ଅଭିଯାନ ସମୟରେ ଘଟିଥାଏ। ୨୦୦୫ରେ ମହାରାଷ୍ଟ୍ର ମନ୍ଧେର ଦେବୀ ମନ୍ଦିରରେ ଦଳାଚକଟାରେ ୨୯୧ ଶ୍ରଦ୍ଧାଳୁ, ଜାନୁଆରୀ ୨୦୧୭ରେ ଘଟିଥିବା ଗଙ୍ଗାସାଗର ମେଳା ଦଳାଚକଟାରେ ୬ ଜଣଙ୍କର ଏବଂ ୧୯୯୯ର କେରଳ ସାବରିମାଳା ମନ୍ଦିର ଦଳାଚକଟାରେ ୫୩ ଜଣଙ୍କ ମୃତ୍ୟୁ ଭଳି ଅନେକ ଘଟଣାକୁ ଉଦାହରଣ ଭାବେ ନିଆଯାଇପାରେ। ଭକ୍ତମାନଙ୍କ ମନରେ ଧର୍ମୀୟ ଅବଧାରଣା ଏମିତି ବସାବାନ୍ଧିଛି ଯେ, କିଛି ଆଶା ପୂରଣ ଲାଗି ନିଜର ସ୍ୱାସ୍ଥ୍ୟ ବିଷୟକୁ ଅଣଦେଖା କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଅବଗତ ଥାଇ ମଧ ବହୁ ତୀର୍ଥଯାତ୍ରୀ ହିମାଳୟର ଉଚ୍ଚ ଅଞ୍ଚଳରେ ଯାତ୍ରା କରିବାକୁ ପଛାଉନାହାନ୍ତି। ଏଭଳି ପ୍ରଚ୍ଛଦପଟରେ ଦେଶ ସମ୍ମୁଖରେ ଦୁଇଟି ପନ୍ଥା ରହିଛି। ପ୍ରଥମଟି ହେଉଛି ବିଧିବଦ୍ଧ ସରକାରୀ ଅନୁମତି ଲୋଡ଼ି ଏହିଭଳି କଷ୍ଟକର ଏବଂ ଭିଡ଼ ଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଉ। ଦ୍ୱିତୀୟଟି ହେଉଛି, ଯିଏ ଯିବ ସିଏ ନିଜେ ତାହାର ସମଗ୍ର ବନ୍ଦୋବସ୍ତ କରି ଏହି ଯାତ୍ରା ପୂରଣ କରିବ। ଚିନ୍ତା କଲେ, ଦ୍ୱିତୀୟଟି ସବୁଠାରୁ ଗ୍ରହଣୀୟ ମନେହେଉଛି।

ଏଭଳି ପ୍ରଚ୍ଛଦପଟରେ ଦେଶ ସମ୍ମୁଖରେ ଦୁଇଟି ପନ୍ଥା ରହିଛି। ପ୍ରଥମଟି ହେଉଛି ବିଧିବଦ୍ଧ ସରକାରୀ ଅନୁମତି ଲୋଡ଼ି ଏହିଭଳି କଷ୍ଟକର ଏବଂ ଭିଡ଼ ଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଉ। ଦ୍ୱିତୀୟଟି ହେଉଛି, ଯିଏ ଯିବ ସିଏ ନିଜେ ତାହାର ସମଗ୍ର ବନ୍ଦୋବସ୍ତ କରି ଏହି ଯାତ୍ରା ପୂରଣ କରିବା ଚିନ୍ତା କଲେ, ଦ୍ୱିତୀୟଟି ସବୁଠାରୁ ଗ୍ରହଣୀୟ ମନେହେଉଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 4 | 5 | 3 | 9 | 7 | |
| 4 | | | | | | 3 | | |
| | | | 6 | | | | | |
| 2 | | | | | | | | |
| 9 | | 1 | 7 | 3 | | 5 | 4 | |
| | | | | 4 | | | 9 | |
| | 7 | | | | 1 | | 2 | |
| | | 8 | | 6 | | | | |
| 3 | | | 5 | 9 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 7 | 4 | 1 | 2 | 3 | 5 |
| 4 | 5 | 2 | 6 | 8 | 3 | 1 | 9 | 7 |
| 1 | 7 | 3 | 9 | 5 | 2 | 4 | 6 | 8 |
| 3 | 4 | 5 | 2 | 7 | 8 | 9 | 1 | 6 |
| 7 | 2 | 9 | 1 | 6 | 5 | 3 | 8 | 4 |
| 8 | 1 | 6 | 3 | 9 | 4 | 7 | 5 | 2 |
| 2 | 9 | 7 | 5 | 1 | 6 | 8 | 4 | 3 |
| 5 | 3 | 4 | 8 | 2 | 9 | 6 | 7 | 1 |
| 6 | 8 | 1 | 4 | 3 | 7 | 5 | 2 | 9 |

ଗତକାଲିର ଉତ୍ତର

# ବିରାଡ଼ି ହାତରେ ମାଛଭାର



ଡ. ପ୍ରଫୁଲ୍ଲ କୁମାର ସାହୁ

ଗଣତନ୍ତ୍ର କହିଲେ ସାଧାରଣତଃ ସମାନତା, ସ୍ୱାଧୀନତା ଓ ଆଇନର ଶାସନକୁ ବୁଝାଏ, ଯାହା ଏକ ପ୍ରତିନିଧିମୂଳକ କାର୍ଯ୍ୟବିଧି। ଏହା ଲୋକଙ୍କ ଇଚ୍ଛା ଉପରେ ପ୍ରତିଷ୍ଠିତ ଏକ ସର୍ବୋତ୍ତମ ଶାସନ ବ୍ୟବସ୍ଥା ଏବଂ ଜନମତ ଉପରେ ନିର୍ଭରକରେ ତା'ର ଗତି ଓ ପ୍ରକୃତି। ଅର୍ଥାତ୍ ଲୋକ ବା ନାଗରିକଙ୍କ ହାତରେ ରହିଛି ସରକାର ଗଢ଼ିବା,ଭାଙ୍ଗିବା ଓ ଗଣତନ୍ତ୍ରକୁ ସୁରକ୍ଷିତ ରଖିବାର ଦାୟିତ୍ୱ। କିନ୍ତୁ ବାସ୍ତବତା ହେଉଛି ନିର୍ବାଚନ ସରିଗଲା ପରେ ମତଦାତା ଅଦୃଶ୍ୟ ହୋଇଯାଆନ୍ତି ଏବଂ ଦୃଶ୍ୟପଟକୁ ଆସନ୍ତି କାର୍ଯ୍ୟନିର୍ବାହୀ ପ୍ରତିନିଧିମାନେ। ତେଣୁ ଶାସନର ଅସଲ ନିୟାମକ ହେଉଛନ୍ତି ଲୋକ ପ୍ରତିନିଧି ଏବଂ ସେମାନଙ୍କ ଦକ୍ଷତା ଓ ପ୍ରତିବଦ୍ଧତା ଉପରେ ନିର୍ଭରକରେ ଗଣତନ୍ତ୍ରର ଗରିମା। ମାତ୍ର ଦୁର୍ଭାଗ୍ୟର ବିଷୟ ଆମ ଗଣତନ୍ତ୍ର ଯେତିକି ପରିପକ୍ୱ ହେଉଛି, ସେତିକି ନିମ୍ନଗାମୀ ହେଉଛି ତା'ର ରାଜନୈତିକ ବିଚାରଧାରା। ବିଶେଷକରି ଚଳିତ(୨୦୨୪) ନିର୍ବାଚନ ପରିପ୍ରେକ୍ଷୀରେ ଗଣତନ୍ତ୍ରକୁ ଏକ ତାମସାରେ ପରିଣତ କରିସାରିଲେଣି ଘନ ଘନ ରଙ୍ଗ ବଦଳାଉଥିବା ରାଜନୈତିକ ଏଣ୍ଡୁଅମାନେ।

ଗଣତନ୍ତ୍ର ଏବେ ଏକ ମତାନ୍ଧ ଦଳତନ୍ତ୍ରରେ ପରିଣତ ହୋଇସାରିଛି, ଯେଉଁଠି ନା ଅଛି ନୀତି ଆଦର୍ଶ ନା ଆଭ୍ୟନ୍ତରୀଣ ଗଣତନ୍ତ୍ର। ଆଗେ ରାଜନୈତିକ ଦଳଗୁଡ଼ିକ ଥିଲା ସମାନ ବିଚାରସମ୍ପନ୍ନ ବ୍ୟକ୍ତିମାନଙ୍କର ଏକ ଏକ ମିଳନପୀଠ। ଏବେ ତାହା ମୁଷ୍ଟିମେୟ କେତେଜଣ ନେତାଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଓ ଉପଭୋଗ ନିମନ୍ତେ ଉଦ୍ଦିଷ୍ଟ ଏକ ସଂକୀର୍ଣ୍ଣ ଗୋଷ୍ଠୀ ମାତ୍ର। ଯେନତେନ ଉପାୟରେ କ୍ଷମତା ଦଖଲ ପାଇଁ ନେତା ଆମଦାନୀ ଉପରେ ଗୁରୁତ୍ୱ ଦେଉଛି ସବୁ ଦଳ।

କଙ୍କଡ଼ାକୁ ଗୋଳିଆପାଣି ସୁହାଇଲା ଭଳି ଦଳଡିଆଁଙ୍କୁ ସୁହାଉଛି ଲୋକଙ୍କ ଅନ୍ଧ ସମର୍ଥନ। ଦଳୀୟ ଭାବନାରେ ଆକ୍ରାନ୍ତ ମତଦାତା ପ୍ରାର୍ଥୀଙ୍କ ଦକ୍ଷତା ଦେଖେନି କି ସ୍ୱଚ୍ଛତା ଖୋଜେନି, ଦଳୀୟ ଚିହ୍ନ ହିଁ ତା' ପାଇଁ ଯଥେଷ୍ଟ। ଏହାର ସୁଯୋଗ ନେଇ ପ୍ରତି ଥର ନିର୍ବାଚନ ଜିଣି କ୍ଷମତା ଉପଭୋଗ କରୁଛନ୍ତି କେତେଜଣ ଅଭ୍ୟାସଗତ ଦଳଛଡ଼ା।

ଏକ ସ୍ୱଚ୍ଛ ଓ ନୀତିନିଷ୍ଠ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟିକରିବା ଦିଗରେ ବିଶେଷ ମହତ୍ତ୍ୱ ରଖେ ସଚେତନ ମତଦାତାଙ୍କ ଭୂମିକା। ବିଶେଷକରି ଯେଉଁମାନେ କାହାରି ଦ୍ୱାରା ପ୍ରଭାବିତ ନ ହୋଇ ନିର୍ଭୀକ ଭାବେ ମତଦାନ କରନ୍ତି ତାଙ୍କୁ କୁହାଯାଏ ସଙ୍କୋଚ ମତଦାତା। ଏମାନେ ଦଳୀୟ ଭାବନାରେ ଅନ୍ଧହୋଇ ଭୋଟ ଦିଅନ୍ତି ନାହିଁ କି କାହାରି ପ୍ରଚାର ଓ ପ୍ରରୋଚନାରେ ବଦଳାନ୍ତି ନାହିଁ ମତ। ଯୋଗ୍ୟ ପ୍ରତିନିଧି ଚୟନ ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ଦକ୍ଷତାକୁ ନେଇ ଯେଉଁ ପ୍ରଶ୍ନ ସବୁ ମନକୁ ଆନ୍ଦୋଳିତ କରେ ସେମାନେ ତା'ର ଯଥାର୍ଥ ଉତ୍ତର ଖୋଜନ୍ତି ପ୍ରାର୍ଥୀମାନଙ୍କ କାର୍ଯ୍ୟଧାରା, ପ୍ରତିଶ୍ରୁତି ଓ ରାଜନୈତିକ ପୃଷ୍ଠଭୂମି ଆଧାରରେ। ସେହି ଉତ୍ତର ସାହାଯ୍ୟରେ ସେମାନେ ଚିହ୍ନନ୍ତି ଯୋଗ୍ୟ ପ୍ରାର୍ଥୀ। ବାସ୍ତବରେ ଏହିମାନେ ହେଉଛନ୍ତି ଗଣତାନ୍ତ୍ରିକ ସୈନିକ ଏବଂ ଏମାନଙ୍କ ସଂଖ୍ୟା ଯେତେ ବଢ଼ିବ ସେତେ ସୁରକ୍ଷିତ ରହିବ ଆମ ଗଣତାନ୍ତ୍ରିକ ପରମ୍ପରା ଓ ମୂଲ୍ୟବୋଧ। ଜଣେ ଦଳୀୟ କର୍ମୀ ବା ସମର୍ଥକ ମଧ ଗଣତାନ୍ତ୍ରିକ ସୈନିକର ଭୂମିକା ନିର୍ବାହ କରିପାରେ ବିବେକର ଆହ୍ୱାନରେ। ଦଳୀୟ କର୍ମୀ ବା ସମର୍ଥକ ହେଲେ ବି ଜଣେ ମତଦାତା ଭାବରେ ବିବେକକୁ ଅଗ୍ରାଧିକାର ଦେଇ ଭାବିଲେ ରାଜନୈତିକ ଅନୀତି ଓ ଅନାଦର୍ଶକୁ କେବେ ବି ମିଳିବନି ଅନ୍ତରାତ୍ମାର ସମର୍ଥନ।



ସେ ଯେଉଁ ଦଳର ପ୍ରାର୍ଥୀ ହୁଅନ୍ତୁନା କାହିଁକି କୌଣସି ଅଭ୍ୟାସଗତ ଦଳଡିଆଁଙ୍କୁ ଦେଖିଲେ ମନକୁ ସ୍ୱତଃ ଆନ୍ଦୋଳିତ କରିବ ଅନେକ ଉତ୍ପୀଡ଼କ ପ୍ରଶ୍ନ। ତା'ର ଉତ୍ତର ଖୋଜି ବସିଲେ ଆଖି ଆଗରେ ଖୋଲିଯିବ ଦଳଡିଆଁ ପ୍ରାର୍ଥୀଙ୍କ ଛଳନାର ମୁଖା। ସେଭଳି ସୁବିଧାବାଦୀ ନେତା ସପକ୍ଷରେ ମତଦାନ କରିବା ପାଇଁ କେବେ ବି ମିଳିବନି ବିବେକର ଅନୁମତି।

ଦଳଡିଆଁଙ୍କୁ ଛାଡ଼ିଲେ ଅନେକ ପ୍ରାର୍ଥୀ ଅଛନ୍ତି, ଯିଏ ନିର୍ଦ୍ଦିଷ୍ଟ ଦଳର ଶୃଙ୍ଖଳିତ ଓ ପୁରୁଣା କର୍ମୀ। ନିଜ ଦଳ ପାଇଁ ସେମାନେ ଶୃଙ୍ଖଳିତ ବା ଉତ୍ସର୍ଗୀକୃତ ହୋଇପାରନ୍ତି, କିନ୍ତୁ ଲୋକ ପ୍ରତିନିଧି ହେବାକୁ ତାଙ୍କର ଦକ୍ଷତା ଓ ସ୍ୱଚ୍ଛତା କେତେ? ନିଶା ନିବାରଣ ଓ ପରିବେଶ ସୁରକ୍ଷା ଭଳି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କ'ଣ ତାଙ୍କର ଆଭିମୁଖ୍ୟ ? ଲୋକେ ଏସବୁ କଥା ବିଚାର ନ କରି ଭୁଲିଯାଆନ୍ତି ନେତାଙ୍କ ମଧୁର ବଚନ ଓ ତେରଛା ହସରେ। 'ମନବୋଧ ଚଉତିଶା'ରେ କବି ଭକ୍ତଚରଣ ଦାସ ଲେଖିଛନ୍ତି-" ଚିତ୍ର ପ୍ରତିମା ପ୍ରାୟ ଦିଶୁ ସୁନ୍ଦର, ଚିରି ଭିତର ଦେଖ କି ନାରଖାର।" ଏ କଥାଟି ଆମ ରାଜନେତାଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ରଯୁଜ୍ୟ। ଅଥଚ ନେତାଙ୍କ ମୁଖାପିନ୍ଧା ଚେହେରା ଦେଖି ବାରମ୍ବାର ଭୁଲ୍ କରୁଛନ୍ତି ମତଦାତା।

ସବୁ ରାଜନୈତିକ ଦଳ ଆତ୍ମଘୋଷିତ ରାଷ୍ଟ୍ରବାଦୀ। ଜନକଲ୍ୟାଣ ନିମନ୍ତେ ସବୁଦଳ ସମର୍ପିତ। ଲୋକଙ୍କ ପାଇଁ କିଏ କ'ଣ କରିଛି ବା କରିବ, ତାକୁ ନେଇ ସବୁ ଦଳର ତାଲିକା ଖୁବ୍ ଲମ୍ବା। ସେହି ଆଧାରରେ କିଏ ହାତୀ ଦେବ ବୋଲି ପ୍ରତିଶ୍ରୁତି ଦେଲାଣି ତ କିଏ ଥୋଇଲାଣି ଘୋଡ଼ା ଦେବାର ଗ୍ୟାରେଣ୍ଟି। କିନ୍ତୁ ଏହା ପଛରେ ଯେଉଁ ରାଜନୈତିକ କପଟ-କୌଶଳ ରହିଛି ତାହା ହିଁ ଲୋକଙ୍କ ପାଇଁ ଅସଲ ଗ୍ୟାରେଣ୍ଟି। ସବୁ ଦଳର ନାରା ଗରିବ ହଟାଓ। ଅସଲରେ କିନ୍ତୁ ସମସ୍ତେ ଚାହାନ୍ତି ଦାରିଦ୍ର୍ୟର ସ୍ଥାୟିତ୍ୱ। ଦାରିଦ୍ର୍ୟ ଦୂରୀକରଣ ପାଇଁ ଏଠି ତିଆରି ହୋଇଛି ଜନ୍ମଠାରୁ(ମାଗଣା ପ୍ରସବ ଯୋଜନା) ମୃତ୍ୟୁ ପର ପର୍ଯ୍ୟନ୍ତ (ହରିଶ୍ଚନ୍ଦ୍ର ଯୋଜନା) ଅସୁମାରି ଯୋଜନା। କିନ୍ତୁ ତା'ର ଅନ୍ତରାଳରେ ରହିଛି ଦାରିଦ୍ର୍ୟକୁ ବଳ ଯୋଗାଇବାର ମସୁଧା।

ଶିଶୁଟିଏ ଚାଲି ଶିଖିଲା ବେଳେ ବାରମ୍ବାର ପଡ଼େ ଏବଂ ଏହି ପଡ଼ିବା ଦ୍ୱାରା ଭୂଇଁର ଆଘାତ ପାଇ ଶକ୍ତ ହୁଏ ତା' ଶରୀର। ଧୀରେ ଧୀରେ ସେ ଚାଲି ଶିଖେ ଏବଂ ଏହି ପ୍ରକ୍ରିୟା ପଛରେ ଥାଏ ମାଆର ପ୍ରଯତ୍ନ ଓ ଶିଶୁର ପ୍ରୟାସ। ଅନ୍ୟପକ୍ଷରେ ମା' ଯଦି ତା' ପିଲାକୁ ବଡ଼ହେବା ଯାଏ କୋଳରୁ ନ ଛାଡ଼ିବ,ତେବେ ସେ ଚାଲି ଶିଖିବ କେମିତି? କେମିତି ଶକ୍ତ ହେବ ତା' ଶରୀର? ଏହି ସାମାନ୍ୟ କଥାଟି ସରକାରଙ୍କ ମଗଜକୁ ପଶେନି ନା ଦାରିଦ୍ର୍ୟକୁ କୋଳେଇ କାଖେଇ ବଡ଼ କରିବା ସରକାରଙ୍କ ଲକ୍ଷ୍ୟ? ଏକଥା ସତ୍ୟ ଯେ ଲୋକଙ୍କ ଦାରିଦ୍ର୍ୟ ସହ ଯୋଡ଼ିହୋଇ ରହିଛି କ୍ଷମତା ଦୀର୍ଘାୟୁ ହେବାର ସ୍ୱପ୍ନ ଓ ସମ୍ଭାବନା। ସେଥିପାଇଁ କେବଳ ରାଜ୍ୟ ସରକାର ନୁହନ୍ତି, ଦାରିଦ୍ର୍ୟର ସ୍ଥାୟିତ୍ୱ ନିମନ୍ତେ କେନ୍ଦ୍ର ସରକାର ମଧ ବଦ୍ଧପରିକର। ଗୋଟିଏ ଦଶନ୍ଧି ପୂର୍ବରୁ ପ୍ରତିଦିନ ଦେଶର ଖବରକାଗଜ ପୃଷ୍ଠା ମଣ୍ଡନ କରୁଥିଲା ଅନାହାର ଜନିତ ମୃତ୍ୟୁ। ଏହାର ପ୍ରତିକାର ପାଇଁ ୨୦୧୩ ରେ ଆସିଲା ଖାଦ୍ୟ ସୁରକ୍ଷା ଆଇନ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ମାଗଣାରେ ଯୋଗେଇ ଦିଆଗଲା ଚାଉଳ, ଗହମ ଆଦି ଖାଦ୍ୟଶସ୍ୟ। ଏହାଦ୍ୱାରା ଦେଶରୁ ଅନାହାର ମୃତ୍ୟୁ ହଟିଲା ସତ, କିନ୍ତୁ ନିଜ ଜାଗାରୁ ଇଞ୍ଚେ ବି ଘୁଞ୍ଚିଲାନି ଦାରିଦ୍ର୍ୟ।

ବିଶେଷଜ୍ଞଙ୍କ କହିବା ଅନୁସାରେ କୌଣସି ଜନ କଲ୍ୟାଣକାରୀ ଯୋଜନାର ଆଭିମୁଖ୍ୟ ଯଦି ଅର୍ଥନୀତିକୁ ଛାଡ଼ି ରାଜନୀତିକୁ ଜାବୁଡ଼ି ଧରେ,ତେବେ ପରସ୍ପର ବିପରୀତ ଦିଗରେ ଗତି କରନ୍ତି ଲକ୍ଷ୍ୟ ଓ ବାସ୍ତବତା। ଲକ୍ଷ୍ୟ ଥିଲା ଦାରିଦ୍ର ସୀମାରେଖା ତଳେ ଥିବା ଲୋକଙ୍କୁ ଖାଦ୍ୟଶସ୍ୟ ବାଣ୍ଟିବା, ଯାହା ଅର୍ଥନୀତିର ବିଷୟ। ମାତ୍ର ଖାଦ୍ୟଶସ୍ୟ ବଣ୍ଟନକୁ ଆଧାରକରି ଭୋଟ ମାଗିବା ଅର୍ଥନୀତି ନୁହେଁ, ତୁଚ୍ଛା ରାଜନୀତି। ଏହି କାରଣରୁ ବିଭିନ୍ନ ଯୋଜନାର ଶ୍ରେୟ ନେବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଲାଗିଛି ଟଣାଓଟରା। କିଏ କହୁଛି ଏହା ରାଜ୍ୟ ସରକାରଙ୍କ ଯୋଜନା ତ ଆଉ କିଏ କହୁଛି ଏଥିପାଇଁ କେନ୍ଦ୍ର ଦେଇଛି ଟଙ୍କା। ଅସଲ କଥାଟି ହେଲା ଟଙ୍କା କେନ୍ଦ୍ରର ନୁହେଁ କି ରାଜ୍ୟର ନୁହେଁ, ତାହା ଲୋକଙ୍କ ଟିକସ ଆୟ। ସରକାର କେବଳ ତା'ର ଉତ୍ତରଦାୟୀ। ଅନେକ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ତା'ର ଦୁରୁପଯୋଗ ହେବା କାରଣରୁ ଦୁର୍ବଳ ହେଉଛି ଦେଶର ଅର୍ଥନୀତି। ବର୍ଷକୁ ବର୍ଷ ବଢୁଛି ମୁଣ୍ଡ ପିଛା ଋଣଭାର। ଏକଥା ଲୋକଙ୍କୁ ଜଣାଇବ କିଏ ? ଜଣାଇବା ଦାୟିତ୍ୱ ଥିଲା ଗଣମାଧ୍ୟମର, ଯିଏ ଏବେ ଅସତ୍ୟର ଭାଟ ହୋଇ ସତ୍ୟକୁ ବାଟବଣା କରୁଛି ଦିନ ଆଲୁଅରେ। ଆଗଭଳି ଆଉ କ'ଣ ନିର୍ଭୀକ କବି, ଲେଖକ ଅଛନ୍ତି ଯେ ସେମାନଙ୍କ ସ୍ୱର ଓ ସଂଳାପ ଶୁଣିଲେ ସୃଷ୍ଟିହେବ ରାଜଶକ୍ତିର ହୃତ୍‌କମ୍ପନ! ତେଣୁ ବିଚାର ଏବେ ମତଦାତାଙ୍କ ପାଖରେ। ବିବେକ ମାର୍ଗଦର୍ଶକ ହେଲେ ଆଶାତୀତ ଭାବରେ ବଢ଼ିବ ଗଣତାନ୍ତ୍ରିକ ସୈନିକ ସଂଖ୍ୟା। ଅନ୍ୟଥା ବିରାଡ଼ି ହାତରେ ମାଛଭାର ପଠାଇ ଆଖି ମଳିମଳି କାନ୍ଦିବା ଗଣତନ୍ତ୍ରର ପରବର୍ତ୍ତୀ ପର୍ବ ପର୍ଯ୍ୟନ୍ତ।

ମୋ: ୬୩୭୧୬୪୨୪୬୪

# ଦଶମ ପରୀକ୍ଷାଫଳ



ଡ. ମନୋରଞ୍ଜନ ପ୍ରଧାନ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ଦଶମ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏ ବର୍ଷ ମୋଟାମୋଟି ଭାବରେ ରାଜ୍ୟରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କୃତିତ୍ୱ ଉତ୍ସାହପୂର୍ଣ୍ଣ ରହିଛି। ରାଜ୍ୟ ସ୍ତରରେ ପରୀକ୍ଷାଫଳ ୯୬.୦୭ ପ୍ରତିଶତ ହୋଇଛି। ଜିଲା ସ୍ତରରେ କଟକ ୯୭.୯୮% ସହ ସର୍ବାଗ୍ରେ ଥିବାବେଳେ ୯୩.୬% ପାସ୍ ହାର ସହ ନୂଆପଡ଼ା ଜିଲା ତାଲିକାରେ ଶେଷ ସ୍ଥାନରେ ଅଛି। କୋରାପୁଟ, ମାଲକାନଗିରି,ରାୟଗଡ଼ା, ନବରଙ୍ଗପୁର ଭଳି ଆଦିବାସୀ ଅଧୁଷିତ ଜିଲାର ଫଳାଫଳ ମଧ ଉତ୍ସାହଜନକ ହୋଇଛି। ପୂର୍ବବର୍ଷ ତୁଳନାରେ ଏ ବର୍ଷର ଫଳ ସାମାନ୍ୟ କମ୍ ରହିଛି। ସୂଚନାଯୋଗ୍ୟ, ୨୦୨୩ ଶିକ୍ଷା ବର୍ଷରେ ମାଟ୍ରିକ ପରୀକ୍ଷାଫଳ ୯୭.୯୯% ଥିଲା, ଯାହାକି ଏ ବର୍ଷର ଫଳାଫଳଠାରୁ ପ୍ରାୟ ୧.୨୬ ପ୍ରତିଶତ କମ୍।

ଉଲ୍ଲେଖନୀୟ କଥା ହେଉଛି ଗତ ବର୍ଷଗୁଡ଼ିକ ଭଳି ଏ ବର୍ଷ ମଧ ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ମାଟ୍ରିକ ପରୀକ୍ଷାରେ ଅଧିକ ସଫଳ ହୋଇଛନ୍ତି। ଗତ ୫ବର୍ଷର ପରୀକ୍ଷାଫଳକୁ ବିଶ୍ଳେଷଣକଲେ ଜଣାଯାଏ, ଝିଅମାନେ ପୁଅମାନଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। ତଥ୍ୟ ଅନୁଯାୟୀ ୨୦୧୯, ୨୦୨୦, ୨୦୨୧, ୨୦୨୩ ଓ ୨୦୨୪ ଶିକ୍ଷାବର୍ଷରେ ମାଟ୍ରିକ୍ ପରୀକ୍ଷାରେ ପୁଅମାନଙ୍କ ସଫଳତା ହାର ଯଥାକ୍ରମେ ୬୫.୨୬, ୭୭.୮୦, ୯୭.୯, ୯୫.୫ ଓ ୯୫.୩୯ ପ୍ରତିଶତ ଥିବାବେଳେ ଝିଅମାନଙ୍କ ପାସ୍ ହାର ଥିଲା ଯଥାକ୍ରମେ ୭୨.୬୫, ୮୧.୯୮, ୮୩.୩, ୯୭.୦୭ ଓ ୯୬.୭୩ ପ୍ରତିଶତ। କେବଳ ସେତିକି ନୁହେଁ, ଏ ବର୍ଷ ସର୍ବାଧିକ ନମ୍ବର ରଖିଥିବା ଶିକ୍ଷାର୍ଥୀମାନଙ୍କ ମଧ୍ୟରୁ ପୁଅମାନଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା ଅଧିକ। ଏହା ସମସ୍ତଙ୍କ ପାଇଁ ନିଶ୍ଚିତ ଭାବରେ ପ୍ରେରଣାଦାୟୀ। ଆଜି ପିତାମାତାଙ୍କ ସଚେତନତା ଓ ଛାତ୍ରୀମାନଙ୍କ ଉତ୍ସାହ ହେତୁ ଝିଅମାନଙ୍କ ନାମଲେଖା ହାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବଢ଼ିବା ଦେଶ ଓ ସମାଜ ପାଇଁ ଶୁଭଙ୍କର । କାରଣ ନାରୀ ଶିକ୍ଷିତ, ସଶକ୍ତ ଓ ସମୃଦ୍ଧ ହୋଇପାରିଲେ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ସହଜ ଓ ସରଳ ହୋଇପାରିବ। ତେବେ ଝିଅମାନଙ୍କ ଉତ୍ସାହପୂର୍ଣ୍ଣ ଫଳାଫଳ ପାଇଁ ସରକାରଙ୍କ ଗଠନମୂଳକ ପଦକ୍ଷେପ ପ୍ରଶଂସନୀୟ। ତେବେ ବର୍ତ୍ତମାନ ସଂକ୍ଷେପରେ ଆଲୋଚନା କରିବା ମାଟ୍ରିକ୍ ପରୀକ୍ଷାଫଳ ସମ୍ବନ୍ଧରେ।

ପ୍ରଥମତଃ ଦଶମ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ସର୍ବ ପ୍ରଥମ ଶ୍ରେୟ ଶିକ୍ଷାର୍ଥୀମାନଙ୍କୁ ଯିବ। କାରଣ ସେମାନଙ୍କ ପ୍ରଚେଷ୍ଟା, ପରିଶ୍ରମର ପରାକାଷ୍ଠା ହେଉଛି ଏହି ଉପଲବ୍ଧି। ତା'ପରେ ଶ୍ରେୟ ଯିବ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ। ପିଲାଙ୍କ ପାଠପଢ଼ା ପାଇଁ ଦିନରାତି ଏକ କରିଦେଇଥିବା ପିତାମାତା, ଅଭିଭାବକମାନଙ୍କୁ ଏବଂ ଏଥିସହ ସରକାରୀ ସ୍ତରରେ ନିଆଯାଉଥିବା ବିବିଧ ପଦକ୍ଷେପ ମଧ ଏଭଳି ପ୍ରେରଣାଦାୟୀ ଫଳାଫଳରେ ନିଦାନ ହୋଇପାରେ।

ଏହା ବ୍ୟତୀତ ଆମ ରାଜ୍ୟର ମାଟ୍ରିକ୍ ପରୀକ୍ଷାଫଳ ଭଲ ହେବାର ଅନ୍ୟ କେତୋଟି କାରଣ ହେଉଛି, ପାଠ୍ୟକ୍ରମ ଓ ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ। ଆଜିର ପାଠ୍ୟକ୍ରମ ପୂର୍ବପରି ନାହିଁ। ପୂର୍ବରୁ ପାଠ୍ୟକ୍ରମ ଓ ପୁସ୍ତକଗୁଡ଼ିକର ବିଷୟବସ୍ତୁ ତୁଳନାତ୍ମକ ଭାବରେ ଜଟିଳ ଓ ବହୁଳ ଥିଲା। ଆଜିକାଲି ପୁସ୍ତକଗୁଡ଼ିକର କଳେବର କମିଛି ଓ ବିଷୟବସ୍ତୁ ଗୁଡ଼ିକୁ ସରଳୀକରଣ କରାଯାଇଛି। ଏଥିସହ ପରୀକ୍ଷା ଢାଞ୍ଚା ଓ ପ୍ରଶ୍ନପତ୍ରର ସ୍ୱରୂପ ମଧ ବଦଳିଛି। ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ସଂଖ୍ୟା କମିଛି,ଅତି କ୍ଷୁଦ୍ର ବା ବସ୍ତୁନିଷ୍ଠ ପ୍ରଶ୍ନ ସଂଖ୍ୟା ବଢ଼ିଛି। ବହୁବିଧ ଚୟନ ସୁବିଧା (ମଲ୍ଟିପଲ ଚଏସ୍) ମୂଳକ ପ୍ରଶ୍ନ ବୃଦ୍ଧି ହେବା ମାଟ୍ରିକ ପରୀକ୍ଷା ଫଳ ଅଧିକ ହେବାର ଏକ କାରଣ କୁହାଯାଇପାରେ। ଦ୍ୱିତୀୟରେ, ମୂଲ୍ୟାୟନ ପ୍ରକ୍ରିୟାରେ ମଧ ପରିବର୍ତ୍ତନ ଘଟିଛି। ଆଉ ଶିକ୍ଷକ ଶିକ୍ଷୟିତ୍ରୀମାନେ ଭାଷା ବିଷୟଗୁଡ଼ିକରେ ୭୦ ପାର କରିବା ପରେ ଗୋଟି ଗୋଟି ଅକ୍ଷର ପଢ଼ି ନମ୍ବର କାଟୁ ନାହାନ୍ତି କି ଶହେରୁ ଶହେ ଦେବାକୁ କୁଣ୍ଠାବୋଧ କରୁନାହାନ୍ତି। ବନାନଗତ ଅଶୁଦ୍ଧି, ବ୍ୟାକରଣଗତ ତ୍ରୁଟି ଓ ତଥ୍ୟଗତ ଭୁଲ୍ ଗୁଡ଼ିକୁ ନମ୍ବର କାଟିବାର ମାନସିକତା ପ୍ରାୟତଃ ଉଭେଇଗଲାଣି। ଭାଷା ବିଷୟଗୁଡିକ ସହ ଅନ୍ୟ ବିଷୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ଖୋଲା ହସ୍ତରେ ନମ୍ବର ଦେବାକୁ ଦ୍ୱିଧା ପ୍ରକଟ କରୁନାହାନ୍ତି। ଅର୍ଥାତ୍ ମୂଲ୍ୟାୟନ ପ୍ରକ୍ରିୟାରେ ମଧ ନମନୀୟତା ଓ ପରୀକ୍ଷା କରେଇବାରେ ସରଳତା ଉଲ୍ଲେଖନୀୟ ପରୀକ୍ଷାଫଳର ଏକ କାରଣ। ଏଥିସହ ମାଟ୍ରିକ୍ ପରୀକ୍ଷା ଫଳ ଭଲ ହେବାରେ ବିଦ୍ୟାଳୟ ରୂପାନ୍ତରୀକରଣ ମାଧ୍ୟମରେ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ କରିବା, ପ୍ରଯୁକ୍ତି ବିଦ୍ୟା ଉପଯୋଗ ପାଇଁ ସ୍ମାର୍ଟ କ୍ଲାସ୍, ଇ-ଲାଇବ୍ରେରି, ବ୍ୟାପକ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ମଧ ଶିକ୍ଷାର୍ଥୀମାନଙ୍କ ପାଠପଢ଼ାରେ ଅନେକ ପରିମାଣରେ ସହାୟତା ପ୍ରଦାନ କରିଛି। ଭଲ ପରୀକ୍ଷାଫଳର ଶ୍ରେୟ ମଧ ସାମାଜିକ ଗଣମାଧ୍ୟମର ସହାୟତା ଓ ପିତାମାତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି। ଆଜିକାଲି ଗାଁରେ ରହୁଥିବା ଛାତ୍ରୀଛାତ୍ର ୟୁଟ୍ୟୁବ୍ ଭଳି ଅନେକ ସାମାଜିକ ଗଣମାଧ୍ୟମ ଉପଯୋଗକରି ରାଜ୍ୟ,ଦେଶ ବା ଦେଶ ବାହାରର ପ୍ରଭାବଶାଳୀ ପ୍ରାଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଦାନକୁ ଘରେ ବସି ଶୁଣିପାରୁଛନ୍ତି, ଯାହାକି ସେମାନଙ୍କ ଅନେକ ଦ୍ୱନ୍ଦ୍ୱ ଓ ଶିକ୍ଷଣଜନିତ ସମସ୍ୟା ଦୂରୀଭୂତ କରିବାରେ ବିଶେଷ ସହାୟକ ହେଉଛି। ତେଣୁ ଦଶମ ପରୀକ୍ଷାରେ ଉତ୍ସାହଜନକ ପ୍ରଦର୍ଶନର ଶ୍ରେୟ ଅନେକଙ୍କର। ତଥାପି କେବଳ ସଂଖ୍ୟାତ୍ମକ ଦୃଷ୍ଟିରୁ ଫଳାଫଳର ପ୍ରତିଶତକୁ ନେଇ ଉତ୍ଫୁଲ୍ଲିତ ନ ହୋଇ ଛାତ୍ରୀଛାତ୍ରମାନଙ୍କ ଗୁଣାତ୍ମକ ବିକାଶ ପାଇଁ ସବୁ ସ୍ତରରେ ଚେଷ୍ଟା କରାଯିବା ଉଚିତ। କାରଣ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଶିକ୍ଷାର୍ଥୀମାନଙ୍କ ପାଖରେ ସାଧାରଣ ଜ୍ଞାନ, ବିଷୟବସ୍ତୁଗୁଡିକର ଅବଧାରଣାଗତ ବୋଧଗମ୍ୟତା, ନିର୍ଭୁଲ୍ କଥନ ଓ ଲିଖନ ଏବଂ ସାମାଜିକ ଆଚରଣରେ ଅନେକ ତ୍ରୁଟିବିଚ୍ୟୁତି ଦେଖିବାକୁ ମିଳୁଛି। ଏପରିକି ଦଶମ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ପ୍ରାପ୍ତ କରିଥିବା ଛାତ୍ରୀଛାତ୍ରମାନେ ଉଚ୍ଚଶ୍ରେଣୀରେ ନିରାଶଜନକ ଭାବରେ ବିଫଳ ହେବାର ଅନେକ ଦୃଷ୍ଟାନ୍ତ ଅଛି। ଅବଶ୍ୟ ଏହାର କାରଣ ବହୁବିଧ। ତଥାପି ଦୃଢ଼ ତଥା ସଶକ୍ତ ବିଦ୍ୟାଳୟ ମୂଳଦୁଆ ଆଗାମୀ ଭବିଷ୍ୟତ ନିର୍ମାଣର ମାର୍ଗ ପ୍ରଶସ୍ତ କରିଥାଏ ଏକଥା ସମସ୍ତଙ୍କୁ ହେଜିବାକୁ ପଡ଼ିବ।



ସହକାରୀ ପ୍ରଫେସର, ବିକ୍ରମଦେବ ବିଶ୍ୱବିଦ୍ୟାଳୟ,
ଜୟପୁର, କୋରାପୁଟ
ମୋ: ୯୪୩୭୯୧୪୮୧୮

## ଏଇ ଭାରତରେ

ତିନି ବନ୍ଧୁ ଗ୍ରାମୀଣ ଅଞ୍ଚଳର ରୋଗୀମାନଙ୍କୁ ମାତ୍ର ୧ ଟଙ୍କାରେ ଇ-କ୍ଲିନିକ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା କରିଛନ୍ତି। ଆଙ୍କାଶ ଟଣ୍ଡନ ଏବଂ ତାଙ୍କର ଦୁଇ ବନ୍ଧୁ ସକେତ ଆସତି ଓ ଅଙ୍କୁର ଚୌରାସିଆ ଡିଗିକ୍ୟୁରେ ଷ୍ଟାର୍ଟଅପ୍ ମାଧ୍ୟମରେ ଏହି ସେବା ଯୋଗାଇ ଦେଉଛନ୍ତି। ଉକ୍ତ ଷ୍ଟାର୍ଟଅପ୍‌କୁ ସେମାନେ ୨୦୨୦ରେ ପ୍ରତିଷ୍ଠା କରିଥିଲେ। ସେ ଟେଲିକନ୍‌ସଲଟେଶନ ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ନେବାରେ ରୋଗୀମାନଙ୍କୁ ସାହାଯ୍ୟ କରୁଛନ୍ତି। ଏଥିପାଇଁ ଲୋକମାନଙ୍କୁ ସକ୍ଷମ କାର୍ଡ ଦିଆଯାଉଛି, ଯାହାଦ୍ୱାରା ସେମାନେ ଏହି ସେବା ପାଉଛନ୍ତି। ଏ ପର୍ଯ୍ୟନ୍ତ ତିନିବନ୍ଧୁ ମଧ୍ୟପ୍ରଦେଶର ୨୦,୦୦୦ ଲୋକଙ୍କୁ ଏହି ସେବା ଯୋଗାଇ ଦେଇସାରିଲେଣି। ସେମାନେ ଲୋକମାନଙ୍କୁ ବି ଡିଜିଟାଲ ପ୍ରେସ୍‌କ୍ରିପଶନ ଏବଂ ଲାବ୍ ଟେଷ୍ଟ ସର୍ଭିସ ମଧ ଯୋଗାଇ ଦେଉଛନ୍ତି । ଏପରି କି ଆବଶ୍ୟକ ପଡ଼ିଲେ ରୋଗୀଙ୍କୁ ତାଙ୍କ ସହଭାଗୀ ହସ୍ପିଟାଲକୁ ପଠାଇବାର ବ୍ୟବସ୍ଥା କରୁଛନ୍ତି। ୩୬୫ ଟଙ୍କା ଦେଲେ ଲୋକେ ବର୍ଷସାରା ଡାକ୍ତରଙ୍କ ପରାମର୍ଶ ନେବାର ବ୍ୟବସ୍ଥା ମଧ କରାଯାଇଛି। ଡିଗିକ୍ୟୁରେ ୧୦ ହସ୍ପିଟାଲର ୬୦ ଜଣ ଡାକ୍ତର ଯୋଡି ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୭୫

- ଉମରକୋଟ୍‌ର ମରୁଡ଼ିଗ୍ରସ୍ତ ଅଞ୍ଚଳରେ ପାନୀୟଜଳର ଘୋର ଅଭାବ ପଡ଼ିଥିବାରୁ ଦୂଷିତ ଜଳ ପିଇ ୧୨ ଜଣଙ୍କ ମୃତ୍ୟୁ।
- ଦେଶରେ ପ୍ରଥମ କରି ନୂଆଦିଲ୍ଲୀଠାରେ ଏକ ମହିଳା ଛାପାଖାନା ଖୋଲାଯାଇଛି।
- ବିହାରର ପୂର୍ଣ୍ଣିୟା ଜିଲାରେ ହୋଇଥିବା ଝଡ଼ତୋଫାନରେ ୧୫ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ


### ମଦ୍ୟପ ଡ୍ରାଇଭରଙ୍କୁ କ୍ଷମା ନାହିଁ

ମହାଶୟ,
ମଦ ପିଇ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ। ନିଜ ଜୀବନ ସହିତ ଅନ୍ୟ ଜୀବନ ମଧ ଚାଲିଯିବାର ସମ୍ଭାବନା ରହିଛି। ମଦପିଇ ଗାଡ଼ି ଚଳାଇବା ଯୋଗୁ ଭାରସାମ୍ୟ ହରାଇ ଅନେକ ସମୟରେ ଭୟଙ୍କର ଦୁର୍ଘଟଣା ଘଟୁଛି। ଜୋରଦାର ବ୍ଲକିଂ ଏବଂ ଚେକିଂ ମାଧ୍ୟମରେ ମଦ୍ୟପଙ୍କୁ ଧରିବାର ବ୍ୟବସ୍ଥା ରହିଛି। ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା ଦାଏର ହେବା ସାଙ୍ଗକୁ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରାଯାଉଛି। ଗାଡ଼ିକୁ ମଧ ଜବତ କରାଯାଉଛି। 'ମଦ ପିଇ ଗାଡ଼ି ଚଳାନ୍ତୁନି' ବୋଲି ସରକାର ଏତେ ସ୍ଲୋଗାନ ଦେଉଛନ୍ତି, କିନ୍ତୁ ଅମାନିଆ ଡ୍ରାଇଭରମାନେ ସୁଧୁରିବାର ନାଁ ନେଉନାହାନ୍ତି। ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ।

-ସତ୍ୟସିଂହ ଶତପଥୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଲୁହାରଡ୍ ବୋଝେଇ ଟ୍ରକରେ ଗଞ୍ଜେଇ ଚାଲାଣ

## ୩.୭୫ କୁଇଣ୍ଟାଲ ଗଞ୍ଜେଇ, ୨୪ଟନ ୯୬୦କିଲୋ ରଡ୍ ଜବତ, ୨ଗିରଫ

ସୋନପୁର,୨୭।୪
(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଟାଉନ ପୋଲିସ ଏକ ଲୁହାରଡ ବୋଝେଇ ଟ୍ରକ୍‌ରେ ବୌଦ୍ଧ ଜିଲା କନ୍ଧମାଳରୁ ମଧ୍ୟପ୍ରଦେଶକୁ ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ ବେଳେ ଜବତ କରିଛି। ଟ୍ରକ୍ ଡ୍ରାଇଭର ତଥା ମଧ୍ୟପ୍ରଦେଶର ଦିନଦୋରୀ ଜିଲା ବଗାଗ ଥାନା ପିନ୍ଦ୍ରୁଖି ଅଞ୍ଚଳର ବିଜୟ ଗାବଲେ(୨୪) ଓ ହେଲପର ତଥା ମଧ୍ୟପ୍ରଦେଶ ସାଣ୍ଡୋଲ ଜିଲା କାରି ଗ୍ରାମର ବିନୋଦ ମାଝି(୪୫)ଙ୍କୁ ଗିରଫ କରାଯାଇଛି। ଜବତ ଟ୍ରକ୍ ନଂ ଏମ୍‌ପି୧୮ଜିଏ-୨୭୩୬ରେ ଲୁହାରଡ ପରିବହନ ହେଉଥିଲା। ତେବେ ପୋଲିସ ଓ ଅବକାରୀ ବିଭାଗ ଆଖିରେ ଧୂଳି ଦେଇ ଉକ୍ତ ଟ୍ରକ୍‌ରେ ଗଞ୍ଜେଇ ମଧ୍ୟ ଚାଲାଣ କରାଯାଉଥିଲା। ତନଖି ସମୟରେ ୧୧ଟି ଜରି ବସ୍ତାରେ ଥିବା ମୋଟ ୩ କୁଇଣ୍ଟାଲ ୭୫କିଲୋ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୩୭ଲକ୍ଷ ୫୦ହଜାର ଟଙ୍କା ହେବ। ସେହିପରି ଟ୍ରକ୍ ଡାଲାରୁ ୨୪ଟନ ୯୬୦କିଲୋ ଟିଏମ୍‌ଟି ବାର ଆଇରନ ରଡ ଜବତ ହୋଇଛି। ଜବତ ରଡର ମୂଲ୍ୟ ୧୫ଲକ୍ଷ ଟଙ୍କା ହେବ ବୋଲି ସୁବର୍ଣ୍ଣପୁର ଏସ୍‌ପି ୟଶପ୍ରତାପ ଶ୍ରୀମାଲ୍ ସୋମବାର ସୋନପୁର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ ଟ୍ରକ୍‌ରେ ସମ୍ବଲପୁର ଲାପାଙ୍ଗା ସ୍ଥିତ ଶ୍ୟାମ ମେଟାଲିକ୍ସରୁ ଲୁହା ରଡ ବୋଝେଇ ହୋଇଥିଲା। ରଡ ସମ୍ବଲପୁରରୁ ମଧ୍ୟପ୍ରଦେଶର ଜବଲପୁରକୁ ଯାଉଥିଲା। ତେବେ ଗଞ୍ଜେଇ ଚୋରାଚାଲାଣକାରୀ ଟ୍ରକ୍‌କୁ ଗଞ୍ଜେଇ ପରିବହନରେ ବ୍ୟବହାର କରିଥିଲେ। ଟ୍ରକ୍ ସମ୍ବଲପୁରରୁ ବୌଦ୍ଧ ଜିଲାର କନ୍ଧମାଳକୁ ଆସିଥିଲା। କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ବୋଝେଇ ପରେ ଟ୍ରକ୍ ସୁବର୍ଣ୍ଣପୁର ରାସ୍ତା ଦେଇ ମଧ୍ୟପ୍ରଦେଶ ଅଭିମୁଖେ ଯାଉଥିଲା।

ସୋନପୁର ଆଇଆଇସି ଲୋକନାଥ ସାହୁଙ୍କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଯେ, ଏକ ନିର୍ଦ୍ଦିଷ୍ଟ ଟ୍ରକ୍‌ରେ ବୌଦ୍ଧ ଜିଲାରୁ ସୁବର୍ଣ୍ଣପୁର ସହର ରାସ୍ତା ଦେଇ ଗଞ୍ଜେଇ ଚୋରାଚାଲାଣ କରାଯାଉଛି। ଏସମ୍ପର୍କରେ ସେ ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ପୋଲିସ ଟିମ୍ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଗି ରହିଥିଲେ। ପୋଲିସ ଟିମ୍ ଟ୍ରକ୍‌କୁ ଅଟକ ରଖି ତନଖି କରିବା ପରେ ଲୁହା ରଡ ସହ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ପୋଲିସ ଟ୍ରକ୍, ଗଞ୍ଜେଇ, ଲୁହା ରଡ, ହେଲପର ଓ ଡ୍ରାଇଭରଙ୍କ ନିକଟରୁ ୨ଟି ମୋବାଇଲ ଜବତ କରିବା ସହ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଓ ସୋନପୁର ଆଇଆଇସି ଲୋକନାଥ ସାହୁ ଉପସ୍ଥିତ ଥିଲେ।




ଜବତ ଟ୍ରକ୍, ଗଞ୍ଜେଇ ବସ୍ତା।

### ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ: ଏସ୍‌ପି

ଟ୍ରକ୍‌ରେ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରାଚାଲାଣ ଘଟଣାରେ ଡ୍ରାଇଭର ଓ ହେଲପରଙ୍କ ସମେତ ଅନ୍ୟମାନଙ୍କ ସମ୍ପୃକ୍ତି ରହିଛି। ଗଞ୍ଜେଇ ଚାଷ ଓ ପରିବହନ ପଛରେ ପଡୋଶୀ ବୌଦ୍ଧ ଜିଲା ଓ ବାହାରେ ଏକ ବଡ ର୍‍ୟାକେଟ୍ କାମ କରୁଛି। ସେମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଗଞ୍ଜେଇ ବିକ୍ରେତା ଓ ପରିବହନକାରୀଙ୍କ ଅର୍ଥନୈତିକ କାରବାର ସମ୍ପର୍କରେ ତଦନ୍ତ କରାଯିବ ବୋଲି ଏସ୍‌ପି ୟଶପ୍ରତାପ ଶ୍ରୀମାଲ୍ କହିଛନ୍ତି।

# ଭିଜିଲାନ୍ସ ଜାଲରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ

ଭବାନୀପାଟଣା/ଥୁଆମୂଳ ରାମପୁର,୨୭।୫
(ଉତ୍ତମ କୁମାର ଦାଶ/ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାଣୀଗୁମ୍ମା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସନ୍ନ୍ୟାସୀ ନାୟକ ସୋମବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସକାଳେ ସେ ସ୍ଥାନୀୟ ଜଣେ ଗ୍ରାମସାଥୀଙ୍କଠାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ପାଉଣା କରାଇଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ପରେ ଲାଞ୍ଚ ଟଙ୍କା ଜବତ ସହ ଭିଜିଲାନ୍ସ ବିଭାଗ ପିଇଓଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପଟେ ପଞ୍ଚାୟତ ଅଫିସ ସମେତ ଭବାନୀପାଟଣା ସହର ଜଳେଶ୍ୱର ମନ୍ଦିର ପାଖରେ ଥିବା ତାଙ୍କ ବାସଭବନ ଓ ଲାଞ୍ଜିଗଡ଼ରେ ଥିବା ଘରେ ମଧ୍ୟ ଭିଜିଲାନ୍ସ ବିଭାଗ ଚଢ଼ାଉ କରି କାଗଜପତ୍ର ଯାଞ୍ଚ କରିଛି। ଏହି ଚଢ଼ାଉରେ ଭବାନୀପାଟଣା ଓ କୋରାପୁଟ ଭିଜିଲାନ୍ସ ବିଭାଗ ସାମିଲ ହୋଇଥିଲେ। ଏହାକୁ ନେଇ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା (ନଂ.୧୦/୨୦୨୪) ରୁଜୁ ହୋଇଛି।



ସନ୍ନ୍ୟାସୀ ନାୟକ

# ଦୃଷ୍ଟିବାଧିତ ଯୁବତୀଙ୍କୁ ବଳାତ୍କାର

ପାଟଣା,୨୭।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳରେ ଜଣେ ୨୮ ବର୍ଷୀୟା ଦୃଷ୍ଟିବାଧିତ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଯୁବତୀଙ୍କ ମା’ ବାପାଙ୍କ ଦେହାନ୍ତ ପରେ ଭାଉଜ, ଭାଇଙ୍କ ପାଖରେ ରହୁଥିଲେ। ମେ ୧୪ ତାରିଖ ପୂର୍ବାହ୍ନରେ ଭାଉଜ, ଭାଇ କାମ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତ ଯୁବତୀଙ୍କୁ ଏକୁଟିଆ ପାଇ ଘରୁ ଘୋଷାଡ଼ି ହୁଡ଼ିକୁ ଟେକି ନେଇ ମାଡ଼ ମାରିବା ସହ ବଳାତ୍କାର କରିଥିଲେ। ମୁହଁ ଖୋଲିଲେ ଯୁବତୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗତ ଗୁରୁବାର ଭାଇ ଭାଉଜ ଘରକୁ ଫେରିବା ପରେ ଯୁବତୀ ଜଣକ ସମସ୍ତ ଘଟଣା କହିବା ପରେ ପରିବାର ଲୋକଙ୍କ ସହ ପୀଡ଼ିତା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୁକ୍ତ ପୂର୍ବରୁ ତାଙ୍କ ଘରକୁ ବିଭିନ୍ନ ସମୟରେ ଯିବାଆସିବା କରୁଥିଲେ। ତେଣୁ ପୀଡ଼ିତା ଅଭିଯୁକ୍ତଙ୍କ ସ୍ୱରରୁ ଚିହ୍ନି ପାରିଥିଲେ ବୋଲି ପୋଲିସ କହିଛି। ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି, ଉଭୟଙ୍କୁ ଥାନାକୁ ଅଣାଯାଇ ତଦନ୍ତ ଜାରି ରହିଛି। ମଙ୍ଗଳବାର ଉଭୟଙ୍କ ଡାକ୍ତରୀମାଇନା ହେବ।

### ଯୁବକ ଥାନାରେ ଅଟକ


# ବିନିର୍ଦ୍ଦିଷ୍ଟ ଆର୍ଥିକ କାରବାର (ଏସ୍.ଏଫ୍.ଟି.) ବିବରଣୀ ଦାଖଲ

କରିବାର ଶେଷ ତାରିଖ

୩୧ ମଇ ୨୦୨୪



ଯଦି ଆପଣ

| | |
|---|---|
| ଉପନିବନ୍ଧକ ଅଟନ୍ତି | ମ୍ୟୁଚୁଆଲ ଫଣ୍ଡର ଟ୍ରଷ୍ଟି କିମ୍ବା ମ୍ୟୁଚୁଆଲ ଫଣ୍ଡ ବ୍ୟାପାରଗୁଡ଼ିକର ପ୍ରବନ୍ଧନ କରୁଛନ୍ତି |
| ସମବାୟ ବ୍ୟାଙ୍କ ଅଟନ୍ତି | ବୈଦେଶିକ ମୁଦ୍ରା ଡିଲର ଅଟନ୍ତି |
| ପୋଷ୍ଟ ମାଷ୍ଟର ଜେନେରାଲ ଅଟନ୍ତି | ଲାଭାଂଶ ଦେଉଥିବା କମ୍ପାନୀ ଅଟନ୍ତି |
| ବଣ୍ଡ, ଡିବେଞ୍ଚର କିମ୍ବା ଶେୟାର୍ ଜାରିକର୍ତ୍ତା ଅଟନ୍ତି | ନିଜ ଶେୟାର୍‌କୁ ପୁନର୍ବାର କିଣୁଥିବା କମ୍ପାନୀ ଅଟନ୍ତି |
| ବ୍ୟାଙ୍କିଙ୍ଗ୍ କମ୍ପାନୀ ଅଟନ୍ତି | ସାମଗ୍ରୀ କିମ୍ବା ସେବାର ଯୋଗାଣକାରୀ ଅଟନ୍ତି (ଯେଉଁମାନଙ୍କର ଖାତାଗୁଡ଼ିକ ଆୟକର ଅଧିନିୟମ ୧୯୬୧ର ଧାରା ୪୪ଏବି ଅଧୀନରେ ସମୀକ୍ଷା ଆବଶ୍ୟକ ହୋଇଥିବ) |
| ଏନ୍‌ବିଏଫ୍‌ସି ଅଟନ୍ତି | |
| ନିଧି ଅଟନ୍ତି | |

ତେବେ ଆପଣଙ୍କୁ

ଆୟକର ଅଧିନିୟମ ୧୯୬୨ର ନିୟମ ୧୧୪ଇ ଅନୁଯାୟୀ, ଆର୍ଥିକବର୍ଷ ୨୦୨୩-୨୪ ଅବଧିରେ କୌଣସି ତୃତୀୟ ପକ୍ଷ (ଥାର୍ଡ ପାର୍ଟି) ଙ୍କ ସହିତ ସମ୍ପାଦନ କରାଯାଇଥିବା ନେଣଦେଣ ପାଇଁ ଫର୍ମ ନଂ. ୬୧ଏରେ ବିନିର୍ଦ୍ଦିଷ୍ଟ ଆର୍ଥିକ କାରବାର (ଏସ୍.ଏଫ୍.ଟି.)ର ବିବରଣୀ ଦାଖଲ କରିବାକୁ ପଡ଼ିବ।

## ପଞ୍ଜୀକରଣ ତଥା ଦାଖଲ କରିବା ପାଇଁ

https://report.insight.gov.in ପରିଦର୍ଶନ କରନ୍ତୁ

ପୋଷ୍ଟ ଅଫିସ୍ ଏବଂ ଉପନିବନ୍ଧକ ନିଜର ବିବରଣୀକୁ TIN ସୁବିଧା କେନ୍ଦ୍ରରେ ଜମା କରିପାରିବେ।

ବିବରଣୀ www.tin-nsdl.com ରେ ଉପଲବ୍ଧ

CBC 15401/13/0001/2425

ଦୟାକରି ଧ୍ୟାନ ଦିଅନ୍ତୁ

* ଏସ୍.ଏଫ୍.ଟି. ଦାଖଲ କରିବାରେ ବିଳମ୍ବ ଲାଗି ଆପଣ ଖିଲାପ ଅବଧିରେ ଦିନ ପିଛା ଟ.1000/- ଙ୍କା ପର୍ଯ୍ୟନ୍ତ ଜରିମାନା ପାଇଁ ଦାୟୀ ରହିବେ।
* ଦାଖଲ ନ କରିବା କିମ୍ବା ଭୁଲ୍ ବିବରଣୀ ଦାଖଲ କରିବା ପାଇଁ ଜରିମାନା ଲାଗୁ କରାଯାଇପାରେ।

ସହାୟତା ପାଇଁ ଦୟାକରି ଆପଣଙ୍କ ରାଜ୍ୟ/ଅଞ୍ଚଳର ଡିଆଇଟି (ଆଇ ଆଣ୍ଡ ସିଆଇ)ଙ୍କ ସହ ଯୋଗାଯୋଗ କରନ୍ତୁ। ଯୋଗାଯୋଗ ବିବରଣୀ https://incometaxindia.gov.in/Documents/departmental-directory.pdfରେ ଉପଲବ୍ଧ

ଇ-ବ୍ରୋଶର୍ ପାଇଁ, କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

INCOME TAX DEPARTMENT

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ

ଅଧିକ ସୂଚନା ପାଇଁ, ଦୟାକରି https://report.insight.gov.in ପରିଦର୍ଶନ କରନ୍ତୁ

@IncomeTaxIndia @IncomeTaxIndiaOfficial @IncomeTaxIndiaOfficial @Income Tax India @ Income Tax India Official


# ବଡ଼ଜିମେଇଁରୁ ପ୍ରଥମ ମାଟ୍ରିକ୍ ପାସ୍‌କଲେ ତୁଳସୀ



ଆଶ୍ୱାୟାରର କାର୍ଯ୍ୟକର୍ତ୍ତା ତୁଳସୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦୁଝର,୨୭।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ବରେଇଗୁଡ଼ା ପଞ୍ଚାୟତର ଦୁର୍ଗମ ବଡ଼ଜିମେଇଁ ଗ୍ରାମର ତୁଳସୀ ମୁଣ୍ଡା ପ୍ରଥମ ଛାତ୍ରୀ ଭାବେ ମାଟ୍ରିକ୍ ପାସ୍ କରିଛନ୍ତି। ସେ ୩୬୦ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ଜଣାପଡ଼ିଛି। ଏହା ପୂର୍ବରୁ ଗ୍ରାମରେ କେହି ବି ମାଟ୍ରିକ ପାସ୍ କରି ନ ଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି।

ଦେଶ ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ବଡ଼ଜିମେଇଁ ଗ୍ରାମ ବିକାଶଠୁ ବହୁ ଦୂରରେ। ବଣପାହାଡ଼ ଘେରା ଏହି ଗ୍ରାମର ଲୋକେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ୍ ଆଦି ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଅନେକେ ଶିକ୍ଷାରୁ ବଞ୍ଚିତ ହୋଇଥାଆନ୍ତି। ତୁଳସୀଙ୍କ ବାପା ସାଗର ମୁଣ୍ଡା ଓ ମା’ ଜେମା ମୁଣ୍ଡାଙ୍କ ମୃତ୍ୟୁ ପରେ ତୁଳସୀ ମଧ୍ୟ ଅଧାରୁ ପଢ଼ା ଛାଡ଼ିଦେଇଥିଲେ। ଜିଲାରେ କାର୍ଯ୍ୟ କରୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାୟାରର କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ଆବାସିକ ସେତୁ ପାଠ୍ୟକ୍ରମ, ରଘୁନାଥପୁରରେ ୧ବର୍ଷ ରହି ଅଧ୍ୟୟନ କରିଥିଲେ। ପରେ ଅନୁଷ୍ଠାନର ସହଯୋଗରେ ରୁଟିଂଶିଳା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଏହାସହ ହରିଚନ୍ଦନପୁର ବାଳିକା ହାଇସ୍କୁଲରେ ନବମ ଓ ଦଶମ ଶ୍ରେଣୀ ପାଠ ପଢ଼ିଲେ। ତୁଳସୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଅର୍ଥାତ୍ ବି-୨ ଗ୍ରେଡ୍‌ରେ ପାସ୍ କରିଥିବାରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାୟାର ହରିଚନ୍ଦନପୁରର ବ୍ଲକ୍ ସଂଯୋଜକ ଅଶୋକ କୁମାର ସାହୁ, କ୍ଲଷ୍ଟର ସଂଯୋଜକ ବିଜୟ ମହାନ୍ତ, ସୁବ୍ରତ ସେଠୀ, ଆନନ୍ଦ ସାହୁ, ଆବାସିକ ସେତୁ ପାଠ୍ୟକ୍ରମର ଶିକ୍ଷୟିତ୍ରୀ ଶୁଭସ୍ମିତା ସାହୁ, ଶୁଭଶ୍ରୀ ମହାନ୍ତ ପ୍ରମୁଖ ତୁଳସୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତୁଳସୀଙ୍କ ଉଚ୍ଚଶିକ୍ଷା ପାଇଁ ଅନୁଷ୍ଠାନ ତରଫରୁ ସହଯୋଗ କରାଯିବ ବୋଲି କୁହାଯାଇଛି।

# ପାଣି ପାଇଁ ରାସ୍ତାରୋକୋ କଲେ ମହିଳା

ଦାମନଯୋଡ଼ି,୨୭।୫ (ମାନସ ରଞ୍ଜନ କର)


ମାଥାଲପୁଟ ହାଟପଦାଠାରେ ପାଣି ପାଇଁ ମହିଳାମାନେ ରାସ୍ତାରୋକୋ କରିଛନ୍ତି।

- ଜଳସ୍ତର କମୁଥିବାରୁ ଜଳ ଯୋଗାଣରେ ହେଉଛି ସମସ୍ୟା
- ହାଟପଦା ଅଞ୍ଚଳରେ ବସୁଧା ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି
- ଜିଲା ପ୍ରଶାସନ ସହ ଆଲୋଚନା କରିବ ନାଲ୍‌କୋ

କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ହାଟପଦାଠାରେ ସୋମବାର ପାଣି ପାଇଁ ହାଣ୍ଡି ମାଠିଆ ରଖି ଶତାଧିକ ମହିଳା ରାସ୍ତାରୋକୋ କରିଛନ୍ତି। ସକାଳ ୬ଟାରୁ ସେମାନେ ଏହି ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ କୌଣସି ଗାଡି ମୋଟର ଯାତାୟାତ କରିପାରି ନ ଥିଲା। ଖବରପାଇ ଦାମନଯୋଡ଼ି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ମହିଳାଙ୍କ ସହ ଆଲୋଚନା ପରେ ସକାଳ ୯ଟା ବେଳକୁ ପରିସ୍ଥିତି ସୁଧୁରିଥିଲା। ଅଟକି ରହିଥିବା ଯାତ୍ରୀବାହୀ ବସ୍ ଏବଂ ଅନ୍ୟ ଗାଡିଗୁଡ଼ିକୁ ମହିଳାମାନେ ଛାଡିଥିଲେ ମଧ୍ୟ ନାଲ୍‌କୋ ମାଇନ୍ସ ବସ୍‌କୁ ଛାଡି ନ ଥିଲେ। ନାଲକୋ ପକ୍ଷରୁ ସେମାନଙ୍କୁ ତୁରନ୍ତ ପାଣି ଯୋଗାଇ ଦିଆଯାଉ ବୋଲି ମହିଳାମାନେ ଅଡି ବସିଥିଲେ। ତେବେ ଏହି ହାଟପଦା ଅଞ୍ଚଳରେ ଜଳସ୍ତର ନ ଥିବାରୁ ବର୍ଷସାରା ଲୋକଙ୍କୁ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡୁଛି। ବିଗତ ଦିନରେ ଅଞ୍ଚଳବାସୀ ରାସ୍ତା ଅବରୋଧ କରି ପାଣି ଯୋଗାଇ ଦେବାକୁ ନାଲ୍‌କୋ ନିକଟରେ ଦାବି କରି ଆସୁଥିଲେ। ହାଟପଦାଠାରେ ପାଣି ପଏଣ୍ଟ ବ୍ୟବସ୍ଥା କରିବା ସହ ପ୍ରତ୍ୟହ ଦୁଇଓଳି ପାଣି ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ତେବେ ଗତ କିଛିଦିନ ହେଲା ନାଲ୍‌କୋ ଯୋଗାଇ ଦେଇଥିବା ପାଣି ପଏଣ୍ଟରେ କେବଳ ଗୋଟିଏ ଥର କମ୍ ସମୟ ପାଇଁ ପାଣି ଆସୁଥିବାରୁ ଲୋକଙ୍କୁ ଠିକ ଭାବେ ପାଣି ମିଳିପାରୁ ନ ଥିବା ଆନ୍ଦୋଳନକାରୀ ମହିଳାମାନେ କହିଛନ୍ତି। ଦୁଇଓଳି ଦୁଇଘଣ୍ଟା ଲେଖାଏ ନାଲ୍‌କୋ ପାଣି ଯୋଗାଇ ଦେଉ ବୋଲି ସେମାନେ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଘଟଣାସ୍ଥଳରେ ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା ଓ ଜିଲା ପରିଷଦ ସଭ୍ୟ ମିହିର କୁଲଦୀପ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପରେ ସରପଞ୍ଚ, ଜିଲା ପରିଷଦ ସଭ୍ୟ, ଲୋକ ପ୍ରତିନିଧି, ନାଲ୍‌କୋ ଅଧିକାରୀମାନଙ୍କ ଉପସ୍ଥିତିରେ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଆନ୍ଦୋଳନକାରୀ ମହିଳାଙ୍କ ସହ ଏହି ସମସ୍ୟା ଉପରେ ଏକ ବୈଠକ ହୋଇଥିଲା। ତେବେ ଯେଉଁ ନଦୀରୁ ପାଣି ସଂଗ୍ରହ କରାଯାଉଛି ସେଠାରେ ଜଳପତନ କମି କମି ଯାଉଥିବାରୁ ନାଲ୍‌କୋ କାରଖାନା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ହେଉ ନାହିଁ। ଫଳରେ ସ୍ଥାନୀୟ ଲୋକଙ୍କୁ ପାଣି ଯୋଗାଇବାରେ ସମସ୍ୟା ଦେଖାଦେଉଥିବା ନାଲ୍‌କୋ ଜିଏମ୍ ସରୋଜ କୁମାର ନାଥ କହିଥିଲେ। ଏ ଦିଗରେ ଜିଲା ପ୍ରଶାସନ ସହ ଆଲୋଚନା କରିବାକୁ ସେ କହିଛନ୍ତି। ଏହି ପଞ୍ଚାୟତରେ ସରକାରଙ୍କ ବସୁଧା ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଯେଉଁ ବ୍ୟବସ୍ଥା କରାଯାଇଛି ତାହା ଠିକ୍ ଭାବେ କାମ ଦେଉନାହିଁ। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମାଥାଲପୁଟ ସରପଞ୍ଚ ରଞ୍ଜିତା ଗୁରୁନା କହିଛନ୍ତି। ପାଣି ସମସ୍ୟାର ସମାଧାନ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଗଲେ ଲୋକେ ଉପକୃତ ହୋଇପାରିବେ ବୋଲି ସେ କହିଛନ୍ତି। ମାଥାଲପୁଟ ଅଞ୍ଚଳରେ ଜିଲା ପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ ବସୁଧା ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ତୁରନ୍ତ ଉକ୍ତ ଅଞ୍ଚଳରେ ବସୁଧା ଯୋଜନା କାର୍ଯ୍ୟକାରୀ କରିବାକୁ ଜିଲା ପରିଷଦ ସଭ୍ୟ ମିହିର କୁଲଦୀପ ଦାବି କରିଛନ୍ତି।

## ପାଣି ପାଇ ଗରା ଧରି ରାସ୍ତା ରୋକୋ

ଜୟପୁର, ୨୭।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହର କୁମ୍ଭାରସାହିରେ ମହିଳାମାନେ ପାଣି ପାଇଁ ସୋମବାର ଗରା ଧରିରାସ୍ତା ଅବରୋଧ କରଥିଲେ। ଦୀର୍ଘ ୧୫ ଦିନ ହେବ କୁମ୍ଭାରସାହିରେ ପାଇପରେ ପାଣି ଆସୁ ନାହିଁ। ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳ ପାଣି ପାଇଁ ସାହିବାସିନ୍ଦା ନାହିଁ ନ ଥିବା ହଇରାଣ ହୋଉଛନ୍ତି। ଉକ୍ତ ସାହିରେ ଦେଢ ଶହ ଘର ରହିଥିବା ବେଳେ ଲୋକ ସଂଖ୍ୟା ୪ ଶହ ରହିଛି। ସ୍ଥାନୀୟ କାଉନସିଲର ସିମାଞ୍ଚଳ ବିଷୋୟୀଙ୍କ ନେତୃତ୍ୱରେ ମହିଳାମାନେ ରାସ୍ତାରୋକା କରଥିବା ବେଳେ ସୂଚନା ପାଇ ଟାଉନଥାନା ପୋଲିସ ଓ ବିଭାଗୀୟ ଅଧିକାରୀମାନେ ପହଞ୍ଚି ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ମହିଳାମାନେ ରାସ୍ତା ରୋକୋ ପ୍ରତ୍ୟାହାର କରିଥିଲେ।

## ଜଣେ ଗିରଫ, ଅନ୍ୟ ଜଣେ ଫେରାର ରହିଛନ୍ତି

ସୁନାବେଡା/କୋରାପୁଟ, ୨୭।୫
(କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)

**କନେଷ୍ଟବଲଙ୍କୁ ଆକ୍ରମଣ କରି ଥାନାରୁ ଅଭିଯୁକ୍ତ ଫେରାର ଘଟଣା**



କୋରାପୁଟ ଜିଲା ନନ୍ଦପୁର ଥାନାରେ ରବିବାର କନଷ୍ଟେବଲଙ୍କୁ ଆକ୍ରମଣ କରି ୨ ଅଭିଯୁକ୍ତ ଫେରାର୍ ହେବା ଘଟଣାରେ ସୋମବାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଶେଖ ସାଇନ। ଅନ୍ୟ ଜଣେ ଅଭିଯୁକ୍ତ ଉମେଶ ଗୁଣ୍ଟାଙ୍କୁ ପୋଲିସ ଖୋଜିବା ଜାରି ରଖିଛି। ଖବରରୁ ଜଣାପଡିଛି, ଗତ ମାସରେ ନନ୍ଦପୁର ଥାନାରେ ଏକ ନାବାଳିକା ଅପହରଣ ମାମଲା ରୁଜୁ ହୋଇଥିଲା। ଏହାର ତଦନ୍ତ କରି ପୋଲିସ ରବିବାର ଉପରୋକ୍ତ ୨ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସମୟରେ ଜଣେ କାନ୍ଥ ଡେଇଁ ଫେରାର ହୋଇଯାଇଥିଲେ। ପରେ ଅନ୍ୟଜଣେ ଯୁବକ ଦାୟିତ୍ୱରେ ଥିବା କନଷ୍ଟେବଲ ବିଭୁତି ଟାକ୍ରିଙ୍କୁ ଥାନାରେ ଥିବା ଏକ ପୁରୁଣା ଅକାମି ବନ୍ଧୁକରେ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ପୋଲିସ ତତକ୍ଷଣାତ୍ ତଲାସି ଆରମ୍ଭ କରି ଘଟଣାର ୨୪ ଘଣ୍ଟା ନ ପୁରୁଣୁ ଶେଖ ସାଇନଙ୍କୁ ତାଙ୍କ ଶ୍ୱଶୁର ଘର ବିଲାପୁଟରେ ଥିବା ଜାଣି ସେଠାରୁ ତାଙ୍କୁ ଗିରଫ କରିଥିଲା। ତେବେ ନାବାଳିକା ଅପହରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଉମେଶ ଏବେ ମଧ ଫେରାର ରହିଛନ୍ତି। ଏହି ଘଟଣାକୁ ଗୁରୁତର ସହ ନେଇ ଏସ୍‌ପି ଅଭିନବ ସୋନକାର ସୋମବାର ନନ୍ଦପୁର ଥାନା ପରିଦର୍ଶନରେ ଆସି ମାମଲାର ସମୀକ୍ଷା କରିଥିଲେ। ପୂର୍ବରୁ ନାବାଳିକା ଅପହରଣ ଘଟଣାରେ ନନ୍ଦପୁର ଥାନା କେସ ନଂ. ୬୦/ ୨୪ରେ ମାମଲା ରୁଜୁ କରାଯାଇଥିବା ବେଳେ ଏବେ ପୁଣି କେସ୍ ନଂ. ୬୬/୨୪ରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଶେଖ ସାଇନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଥିବା ନନ୍ଦପୁର ଏସ୍‌ଡିପିଓ ସମ୍ପିତ ମାଝୀ କହିଛନ୍ତି।

## ଜବରଦଖଲ ଉଚ୍ଛେଦ ନେଇ ପୌରପାଳିକାର ପଦକ୍ଷେପ

ଜୟପୁର, ୨୭।୫(ପବନ ପାଣିଗ୍ରାହୀ)

ରାସ୍ତା ପାର୍ଶ୍ୱରେ ଦୋକାନ କରିଥିବା ବ୍ୟବସାୟୀଙ୍କୁ ଉଠାଇବା ଲାଗି ଡାକବାଜି ଯନ୍ତ୍ରରେ ପ୍ରଚାର କରି ସୋମବାର ପୌରପାଳିକା ପକ୍ଷରୁ ଅବଗତ କରାଯାଇଛି। ସହରର ୱେଲକମ ଛକଠାରୁ ରଜାନହର, ଏମଜିରୋଡ ଓ ପୁରୁଣା ମାଛ ବଜାରରେ ରାସ୍ତା ପାର୍ଶ୍ୱରେ ବସୁଥିବା ଉଠା ଦୋକାନୀ, ଠେଲାଗାଡିରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଏନେଇ ଅବଗତ କରାଯାଇଛି। ଯଦି ୩ ଦିନ ଭିତରେ ଦୋକାନ ଉଠାଇଲେ ପୌର ପାଳିକା ପଦକ୍ଷେପ ନେବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି କୁହାଯାଇଛି। ରାସ୍ତା କଡରେ ବ୍ୟବସାୟୀ ବସୁଥିବାରୁ ଗହଳି ହୋଇ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିଯୋଗୁ ଏପରି ପଦକ୍ଷେପ ନିଆଯାଇଥିବା ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

## ଅଟୋ-ବାଇକ୍ ଧକ୍କା, ନାବାଳକ ମୃତ

କୋରାପୁଟ, ୨୭।୫(ଅମିତାଭ ବେହେରା)

ନାରାୟଣପାଟଣା ଥାନା ଓଡ଼ିଆପେଣ୍ଠ ଗ୍ରାମ ନିକଟରେ ରବିବାର ରାତିରେ ଏକ ଅଟୋ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାରାୟଣପାଟଣା ବ୍ଲକ ଖଜାଗୁଡ଼ା ଗ୍ରାମର ବି.ହବିକା ( ୧୨)। ହବିକା ଭୁବନେଶ୍ୱର କିସ୍ ବିଦ୍ୟାଳୟର ରହି ପଢୁଥିଲେ। ସେ ଗତ କିଛି ଦିନ ହେଲା ନିଜ ଘର ନାରାୟଣପାଟଣା ବ୍ଲକ ଖଜାଗୁଡ଼ା ଗ୍ରାମକୁ ଆସିଥିଲେ। ତାଙ୍କ ଦେହ ଖରାପ ହୋଇଥିବାରୁ ବାପାଙ୍କ ସହ ଅଟୋ ଯୋଗେ ନାରାୟଣପାଟଣା ଡାକ୍ତରଖାନାକୁ ଯାଇ ସେଠାରୁ ଫେରୁଥିବା ବେଳେ ଏକ ବାଇକ୍ ସହ ଦୁର୍ଘଟଣା ହୋଇ ହବିକାଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା।

## ଭୋଟ ଗଣତି ନେଇ ସମୀକ୍ଷା କଲେ ଜିଲାପାଳ

ଜୟପୁର,୨୭।୫(ପବନ ପାଣିଗ୍ରାହୀ)


ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ଜିଲାପାଳ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ସୋମବାର ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ହୋଇଥିବା ଭୋଟ ଗଣତି କେନ୍ଦ୍ରର ସମୀକ୍ଷା କରଛନ୍ତି। ଏନେଇ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜୟପୁର ଉପଜିଲାପାଳ ପ୍ରଭାତ ପରିଡା, ଅତିରିକ୍ତ ଜିଲାପାଳ ଆଲମଣି ସେଠୀ ଓ ଉପଖଣ୍ଡ ଅରକ୍ଷୀ ଅଧୀକ୍ଷକ ତପସ୍ୱିନୀ କହଁର ଉପସ୍ଥିତ ଥିଲେ। ବୈଠକରେ ଭୋଟ ଗଣତି କିପରି ସୁଚାରୁରୂପେ ହେବ ସେ ବିଷୟରେ ଅଲୋଚନା ହୋଇଥିଲା। ଉକ୍ତ ଦିନ ଦଶହରା ପଡିଆ ଦେଇ ସମସ୍ତ ପଦାଧିକାରୀ ଓ ଖବରଦାତା ପ୍ରବେଶ କରିବେ। ଉକ୍ତ ଦିନ କୌଣସି ପ୍ରକାର ଇଲେକ୍ଟ୍ରୋନିକ ଗାଜେଟ ପ୍ରବେଶକୁ ବାରଣ କରଯାଇଛି। ଖବରଦାତାମାନେ କେବଳ ଭିଡିଓ ରେକଡ଼ିଂ ପାଇଁ ଡିଜିଟାଲ କ୍ୟାମେରା ବ୍ୟବହାର କରିପାରିବେ। ମୋବାଇଲ ଫୋନ ଦ୍ୱାରା କୌଣସି ପ୍ରକାର ରେକର୍ଡିଂ କରିପାରିବେ ନାହିଁ। ଉକ୍ତ ଦିନ ଜୟପୁର ଓ କୋଟପାଡ ନିର୍ବାଚନ ମଣ୍ଡଳୀ ପାଇଁ ଯେଉଁ ଭୋଟ ଗଣତି ରହିଛି ୨୫ ରାଉଣ୍ଡ ଗଣତି କରାଯିବାକୁ ଆଲୋଚନା ହୋଇଥିଲା। ଭୋଟ ଗଣତି ଦିନ ଯେପରି ଗହଳି କିମ୍ବା ରାସ୍ତା ଜାମ୍ ନ ହେବ ସେଥିପାଇଁ ଏକ ରୁଟ ଚାର୍ଟ ପ୍ରସ୍ତୁତ କରିବାକୁ ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡିଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ବିଡିଓ ଶକ୍ତି ମହାପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ଡ.ମୋନାଲିସା ଆଚାର୍ଯ୍ୟ, ବୈପାରିଗୁଡା ତହସିଲଦାର ବୈପାରିଗୁଡ଼ା ସ୍ନିଗ୍ଧା ଚୌଧୁରୀ, ଟାଉନ ଥାନା ଅଧିକାରୀ ରମଣୀ ରଞ୍ଜନ ଦଳାଇ, କନିଷ୍ଠଯନ୍ତ୍ରୀ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ଉପସ୍ଥିତ ଥିଲେ।

## ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସବୁ ଛାତ୍ରୀଛାତ୍ର ପାସ୍

ବୋରିଗୁମ୍ମା,୨୭।୫(ବିଜୟ ସାହୁ)

**ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ**

ବୋରିଗୁମ୍ମା ସନ୍ତୋଷୀ ନଗରସ୍ଥିତ ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳାଫଳ ଶତ ପ୍ରତିଶତ ହୋଇଛି। ଚଳିତ ବର୍ଷ ୪୨ ଜଣ ଛାତ୍ରୀଛାତ୍ର ବିଜ୍ଞାନ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ଜଣ ପ୍ରଥମ ଶ୍ରେଣୀ, ୧୦ ଜଣ ଦ୍ୱିତୀୟ ଶ୍ରେଣୀ ଓ ଜଣେ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ବିଦ୍ୟାଳୟ ଅଧକ୍ଷ ଶିବ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି। ସଞ୍ଜନା ପେଣ୍ଡିଆ ୫୧୯ ନମ୍ବର (୮୭%) ରଖି ଟପ୍ପର ହୋଇଥିବା ବେଳେ ୟୁ.ପ୍ରିୟଙ୍କା ୫୧୩ ନମ୍ବର(୮୬%) ଦ୍ୱିତୀୟ ଓ ରୀନା ହାଲବା ୫୦୦ ନମ୍ବର (୮୪%) ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୌରୀ ଶଙ୍କର ପଣ୍ଡା,ସମ୍ପାଦିକା ରେଣୁକା ପଣ୍ଡା, ଚେୟାରମ୍ୟାନ ସରିତା ମିଶ୍ର, ସଦସ୍ୟ ଶଶାଙ୍କ ମିଶ୍ର ଓ ମନୋଜ ପାଣିଗ୍ରାହୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବର୍ଜ୍ୟବସ୍ତୁ ପରିଚାଳନା, ପୋକ୍‌ସୋ ଆଇନ ସଚେତନତା ଶିବିର


ବୈଠକରେ ଯୋଗ ଦେଇଥିବା ବିଚାରପତି ଓ ଅନ୍ୟମାନେ।

ମାଲକାନଗିରି, ୨୭।୫
(ଦୁର୍ଯ୍ୟୋଧନ ପାତ୍ର)

ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆୟୋଜିତ ସ୍ଥାନୀୟ ଆଇଟିଡିଏ ସମ୍ମିଳନୀ କକ୍ଷରେ ମାଲକାନଗିରି ପୌର ପରିଷଦ ଅଧୀନ ସଫେଇ କର୍ମଚାରୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରୁପର ମହିଳା, ସ୍ୱାସ୍ଥ୍ୟ କର୍ମୀ, ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଶିବିରରେ ଆଇନସେବା ପ୍ରାଧିକରଣ ସଚିବ ରାକେଶ କୁମାର ମୁଦୁଲି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନ ସେବା ପ୍ରାଧିକରଣର ପ୍ରମୁଖ ପ୍ରତିରକ୍ଷା ଓକିଲ ଅଶୋକ କୁମାର ପଟ୍ଟନାୟକ, ଖବରଦାତା ଦୁର୍ଯ୍ୟୋଧନ ପାତ୍ର ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ଖରା, ବର୍ଜ୍ୟବସ୍ତୁ ବିଶେଷଜ୍ଞ ବ୍ରଜ କିଶୋର ପାଳ ଆଇନ ସେବା ପ୍ରାଧିକରଣ ଉପ ମୁଖ୍ୟ ପ୍ରତିରକ୍ଷା ଓକିଲ ରାଜେଶ ପଟ୍ଟନାୟକ, ସହାୟକ ପ୍ରତିରକ୍ଷା ଓକିଲ ସଂଯୁକ୍ତା ଦତ୍ତ ଓ ସାଗର ପାଣିଗ୍ରାହୀ ପ୍ରମୁଖ ଯୋଗଦାନ କରିଥିଲେ। ଆଇନ ସେବା ପ୍ରାଧିକରଣର ସମସ୍ତ କାର୍ଯ୍ୟ ଯଥା ପ୍ରାକ୍ ମକଦ୍ଦମା ମାମଲା ଫଇସଲା, ମଧ୍ୟସ୍ଥ ବ୍ୟବସ୍ଥା, ଆଇନସେବା ପ୍ରତିରକ୍ଷା ଓକିଲ ବ୍ୟବସ୍ଥା, ପୀଡିତଙ୍କ ନିମନ୍ତେ କ୍ଷତିପୂରଣ, ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ବ୍ୟବସ୍ଥା, ନିୟମ, ଉଚ୍ଚତମ ନ୍ୟାୟାଳୟଙ୍କ ନଜିର ଓ କର୍ମ କ୍ଷେତ୍ରରେ ଯୌନ ଉତ୍ପୀଡ଼ନ ସମ୍ପର୍କିତ ନିୟମାବଳୀ ଉପରେ ସଚେତନ କରାଇଥିଲେ। ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ଖରା, ନଗରବାସୀଙ୍କ ପ୍ରତ୍ୟକ୍ଷ ସହାୟତାରେ କିପରି ଏହି ଯୋଜନା ସଫଳ ହୋଇପାରିବ ସେ ସମ୍ପର୍କରେ କହିଥିଲେ। ଖବରଦାତା ଦୁର୍ଯ୍ୟୋଧନ ପାତ୍ର ଆଇନକୁ ଅପବ୍ୟବହାର ନ କରି ସମାଜରେ ସଂସ୍କାର ଆଣି ଏକ ସୁନାଗରିକ ଭାବେ ଗଢି ଉଠିବା ସହ ପରିବେଶ ସୁରକ୍ଷା କିପରି ହୋଇପାରିବ ସେ ସମ୍ପର୍କରେ ସଚେତନ କରିଥିଲେ। ବର୍ଜ୍ୟବସ୍ତୁ ବିଶେଷଜ୍ଞ ପାଳ ବର୍ଜ୍ୟବସ୍ତୁ ପରିଚାଳନାରେ ମାଲକାନଗିରି ପୌର ପରିଷଦ କିପରି ସୁଚାରୁ ରୂପେ ପରିଚାଳନା ସହ ଆଗାମୀ ଦିନରେ ଏହାକୁ ଆହୁରି ସଫଳ ହେବା ନିମନ୍ତେ ପ୍ରୟାସ ଉପରେ କହିଥିଲେ। ଅଶୋକ ପଟ୍ଟନାୟକ ଓ ଅନ୍ୟାନ୍ୟ ଉପସ୍ଥିତ ଆଇନ ସେବା ପ୍ରାଧିକରଣ ପ୍ରତିରକ୍ଷା ଓକିଲଗଣ ବିଭିନ୍ନ ଲୋକାଭିମୁଖୀ ଆଇନ ସମ୍ପର୍କରେ ବୁଝାଇବା ସହ ମାଲକାନଗିରି ଜିଲାରେ ଆଇନ ସେବା ପ୍ରାଧିକରଣର କାର୍ଯ୍ୟାବଳୀ ସମ୍ପର୍କରେ କହିବା ସହ ଏହି ଆଇନ ସେବା ପ୍ରାଧିକରଣଙ୍କ ପ୍ରଚେଷ୍ଟାରେ ଅସହାୟ ଶିଶୁ, ମହିଳା, ଅସହାୟ ବ୍ୟକ୍ତି, ମାନସିକ ବିକାରଗ୍ରସ୍ତ ବ୍ୟକ୍ତି, ବରିଷ୍ଠ ନାଗରିକ ଆଦିଙ୍କ ଥଇଥାନ ସହ ଆପୋସ ମିଳାମିଶା ମାଧ୍ୟମରେ ମାମଲା ସମାଧାନ,ମଧ୍ୟସ୍ଥ ମାଧ୍ୟମରେ ମାମଲା ସମାଧାନ ସହ ଆଇନ ସେବା ପ୍ରତିରକ୍ଷା କାର୍ଯ୍ୟାଳୟ ମାଧ୍ୟମରେ ମାଗଣା ଆଇନସେବା ବ୍ୟବସ୍ଥା ଉପରେ ସଚେତନ କରାଇଥିଲେ। ଉକ୍ତ ଶିବିରରେ ପ୍ରାୟ ୮୦ ରୁ ୯୦ ସଚେତନ ମହିଳା, ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ସଫେଇ କର୍ମଚାରୀ ଭାଗ ନେଇଥିଲେ।

## ଗର୍ଭ ଯନ୍ତ୍ରଣାର କଷ୍ଟ:ଏକ କି.ମି. ଚାଲି ଚାଲି ଗଲେ ଗର୍ଭବତୀ

ମାଲକାନଗିରି, ୨୭।୫(ଦୁର୍ଯ୍ୟୋଧନ ପାତ୍ର)


ଗର୍ଭବତୀଙ୍କୁ ଚଲେଇ ନିଆଯାଉଛି।

ମାଲକାନଗିରି ଜିଲାରେ ବହୁ ଯୋଜନା ପ୍ରଣୟନ ହେଉଥିବା ବେଳେ ଏହି ଯୋଜନାଗୁଡିକ ଶତ ପ୍ରତିଶତ ପୂରଣ ହେଉ ନ ଥିବା ଦେଖିବାକୁ ମିଳିଛି। ବିଶେଷ କରି ଜିଲାର ସବୁ ଗ୍ରାମ, ପଲ୍ଲୀମାନଙ୍କରେ ରାସ୍ତା ନିର୍ମାଣ ଯୋଜନା କେବଳ ଯୋଜନାରେ ହିଁ ସୀମିତ ହୋଇ ରହିଯାଇଛି। ଫଳରେ ଆଜି ମଧ୍ୟ ଏପରି ବହୁ ଗ୍ରାମ ଅଛି ଯେଉଁ ଗ୍ରାମକୁ ଯିବାପାଇଁ ରାସ୍ତାଟିଏ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ଏତିକି ନୁହେଁ ଜରୁରିକାଳୀନ ସମୟରେ ଜଣେ ରୋଗୀଙ୍କୁ ଡାକ୍ତରଖାନା ନେବାକୁ ହେଲେ ଭାରର ସାହାଯ୍ୟ ନେବାକୁ ବାଧ ହେଉଛନ୍ତି ଗ୍ରାମବାସୀ। ଏହି ପରିପ୍ରେକ୍ଷୀରେ ବହୁ ରୋଗୀ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ଜିଲାରେ ପ୍ରତିମାସରେ ଗର୍ଭବତୀଙ୍କୁ ଭାରରେ ବୋହି ଆଣିବା ଘଟଣା ନିତିଦିନିଆ ହୋଇଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ। କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଗନ୍ଦିଗୁଡା ଗ୍ରାମର ଜଣେ ଗର୍ଭବତୀ ଏକ କିଲୋମିଟର ଚାଲି ଆସି ଆମ୍ବୁଲାନ୍ସରେ ଚିକିତ୍ସାଳୟକୁ ଯାଇଛନ୍ତି। ସୂଚନା ଅନୁଯାୟୀ, ଗନ୍ଦିଗୁଡା ଗ୍ରାମର ମଧୁ ମୁଦୁଲିଙ୍କ ସ୍ତ୍ରୀ ପ୍ରତିମାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଆସିଲା, କିନ୍ତୁ ଗ୍ରାମକୁ ରାସ୍ତା ନ ଥିବାରୁ ବାଧହୋଇ ଆମ୍ବୁଲାନ୍ସ ସୋମନାଥପୁର ପଞ୍ଚାୟତ ହାତୀଆନ୍ଧ ଗ୍ରାମ ନିକଟଦେଇ ଯାଇଥିବା ବାଲିମେଳା ଜୟପୁର ମୁଖ୍ୟ ରାସ୍ତା କଡରେ ରହିଥିଲା। ତେବେ ଆମ୍ବୁଲାନ୍ସ ଉକ୍ତ ସ୍ଥାନରେ ଅଟକି ଥିବା ଜାଣି ପରିବାର ଲୋକେ ଓ ଗ୍ରାମବାସୀ ବାଧହୋଇ ପ୍ରତିମାଙ୍କୁ ଚଲାଇ ଚଲାଇ ନେଇଥିଲେ। ପ୍ରତିମା ଗ୍ରାମଠାରୁ ପ୍ରାୟ ଏକ କି.ମି.ପାହାଡିଆ ରାସ୍ତାଦେଇ ବହୁ କଷ୍ଟରେ ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ। ପରେ ପ୍ରତିମାଙ୍କୁ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିବା ଏବଂ ମା' ଓ ଶିଶୁ ଦୁଇଜଣ ସୁସ୍ଥ ଥିବା ଡାକ୍ତର କହିଛନ୍ତି।

## ପାଣି ପାଇଁ ଡହଳ ବିକଳ ଗ୍ରାମବାସୀ

ବାଲିମେଳା,୨୭।୫(ଶିବଦତ୍ତ ସାହୁ)

- ବିକାଶ ଆଢୁଆଳରେ ନୂଆଗୁଡ଼ା ଗ୍ରାମ
- ପିଲା ଅଭାବରୁ ବନ୍ଦହେଲା ବିଦ୍ୟାଳୟ
- ଗାଁରେ ନାହିଁ ଅଙ୍ଗନୱାଡି କେନ୍ଦ୍ର
- ମରଣଯନ୍ତା ପାଲଟିଛି ରାସ୍ତା

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ନୂଆଗୁଡା ଗ୍ରାମବାସୀ ପାଣି ଲାଗି ଡହଳ ବିକଳ ହେଉଛନ୍ତି। ପିଲା ଉପସ୍ଥାନ କମିବାରୁ ବନ୍ଦ ହୋଇଛି ସ୍କୁଲ। ଗାଁରେ ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। ରାସ୍ତା ପାଲଟିଛି ମରଣଯନ୍ତା।

ଫଳରେ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ ଦିନ କାଟୁଥିବା କଥା ଗ୍ରାମବାସୀ କହିଛନ୍ତି। ମୁଖ୍ୟତଃ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟଜଳ ଭଳି ସର୍ବନିମ୍ନ ମୌଳିକ ସୁବିଧା ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି। ନାକାମାମୁଡ଼ି ପଞ୍ଚାୟତଠାରୁ ପ୍ରାୟ ୨ କି.ମି.ଦୂରରେ ନୂଆଗୁଡା ଗ୍ରାମ ରହିଛି। ପ୍ରାୟ ୬ମାସରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି ସୌରଚାଳିତ ପାନୀୟଜଳ ପ୍ରକଳ୍ପ। ଫଳରେ ପାଣି ମୁନ୍ଦାଏ ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଛନ୍ତି। ଏହି ଗ୍ରାମରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ଗାଁଲୋକଙ୍କୁ ପାଣି ଯୋଗାଇଦେବାକୁ ପ୍ରାୟ ୪ବର୍ଷ ପୂର୍ବେ ଏକ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମର ବିଭିନ୍ନ ସାହିକୁ ପାଇପ ବିଛାଇ ୪ଟି ଷ୍ଟାଣ୍ଡପୋଷ୍ଟ କରାଯାଇଥିଲା। ଉକ୍ତ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେବାର କିଛିମାସ ପରେ ଅଚଳ ହୋଇ ପଡିଥିଲା। ମରାମତି କରିବା ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ଲୋକେ ଅଭିଯୋଗ କରିବା ପରେ କେହି ନ ଶୁଣିବାରୁ ଗ୍ରାମବାସୀ ଘର ପିଛା ୨୦ଟଙ୍କା ଲେଖାଏ ଆଦାୟ କରି ମେକାନିକଙ୍କୁ ଡାକି ମରାମତି କରାଇଥିବା ଗ୍ରାମବାସୀ କହିଛନ୍ତି। ବିଛାଯାଇଥିବା ପାଇପ୍‌ଗୁଡ଼ିକ ଫାଟି ଯାଇଥିବା ଗ୍ରାମବାସୀ କହିଛନ୍ତି। ବିଡ଼ମ୍ବନାର ବିଷୟ ଗ୍ରାମବାସୀ ଏ ନେଇ ବହୁବାର ଅଭିଯୋଗ କରିବା ପରେ ଏହାକୁ ବିଭାଗ ପକ୍ଷରୁ ମରାମତି କରାଯାଇଥିଲା। ଏହି ପ୍ରକଳ୍ପଟି ଏକ ସପ୍ତାହ ଚାଲିବା ପରେ ପୁନର୍ବାର ଆଜକୁ ପ୍ରାୟ ୨ ମାସରୁ ଉର୍ଦ୍ଧ୍ୱ ଦିନ ହେବ ଅଚଳ ହୋଇପଡିଛି। ବହୁବର୍ଷ ପୂର୍ବରୁ ଗ୍ରାମରେ ଥିବା କୂଅଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଗାଁରେ ଥିବା ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇ ପଡିଛି। ଅନ୍ୟ ଏକମାତ୍ର ନଳକୂପ ପାଣି ଉପରେ ସମସ୍ତେ ନିର୍ଭର କରି ଚଳୁଛନ୍ତି। ଉକ୍ତ ନଳକୂପରୁ ଲୋକଙ୍କ ଆବଶ୍ୟକତା ଅନୁସାରେ ପାଣି ବାହାରୁ ନ ଥିବାରୁ ଲୋକେ ଅସୁବିଧା ଭୋଗୁଛନ୍ତି।

ଶିଶୁମାନଙ୍କୁ ପଢାଇବା ପାଇଁ ଗାଁରେ ଅଙ୍ଗନୱାଡି କେନ୍ଦ୍ର ଗୃହ ନାହିଁ। ଏହି ଗ୍ରାମର ୫ଜଣ ଶିଶୁ ଗାଁଠାରୁ ପ୍ରାୟ ଦେଢ଼ କି.ମି.ଦୂରରେ ତଥା ବନ୍ଧାମାମୁଡ଼ି ଗ୍ରାମ ଅଙ୍ଗନୱାଡି କେନ୍ଦ୍ରରେ ପଢୁଛନ୍ତି। ସେମାନଙ୍କୁ ଜଙ୍ଗଲିଆ ଖାଲଖମା ରାସ୍ତା ଦେଇ ନାଳ ପାରିକରି ପଢିବା ପାଇଁ ନେବା ଆଣିବା କରୁଛନ୍ତି ପରିବାର ଲୋକେ।

ଗ୍ରାମରେ ଓ ଆଖପାଖରେ ରହୁଥିବା ପିଲାଙ୍କୁ ପଢାଇବା ପାଇଁ ୧୯୮୮ରେ ନୂଆଗୁଡା ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ଏଠାରେ ନୂଆଗୁଡା ସମେତ ନିକଟରେ ଥିବା ସିନ୍ଧିଗୁଡା ଗ୍ରାମର ପିଲାମାନେ ପ୍ରଥମରୁ ୫ମ ଶ୍ରେଣୀରେ ନାମ ଲେଖାଇ ପଢୁଥିଲେ। ଆଜକୁ ପ୍ରାୟ ୩ବର୍ଷ ପୂର୍ବେ ପିଲା ସଂଖ୍ୟା ୧୦ଜଣରୁ କମ ହେବାରୁ ଉକ୍ତ ବିଦ୍ୟାଳୟକୁ ବନ୍ଦକରି ଦିଆଯାଇଛି। ବର୍ତ୍ତମାନ ଏହି ସ୍କୁଲ ଗୃହଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଏହି ଗାଁର ୪ ଛାତ୍ରୀ ଓ ୪ ଛାତ୍ର ନାକାମାମୁଡ଼ି ବିଦ୍ୟାଳୟକୁ ପଢିବାକୁ ଯାଉଛନ୍ତି। ଏହି ଗ୍ରାମକୁ ସଂଯୋଗ କରୁଥିବା ଦୁଇଟି ରାସ୍ତା ଅନେକ ସ୍ଥାନରେ ଖାଲଖମା ରହିଛି। ଫଳରେ ଲୋକେ ଏହି ରାସ୍ତା ଦେଇ ଯାତାୟାତ କରି ହଇରାଣ ହେଉଛନ୍ତି। ଉପରୋକ୍ତ ସମସ୍ୟା ସମ୍ପର୍କରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଗ୍ରାମ୍ୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ, ବ୍ଲକ ପ୍ରଶାସନ ଓ ଜନ ପ୍ରତିନିଧିଙ୍କ ନିକଟରେ ବହୁବାର ଅଭିଯୋଗ କରିବା ପରେ ବି କେହି କର୍ଣ୍ଣପାତ କରୁନଥିବା ଗ୍ରାମ ମୁଖ୍ୟ ଆଦୁ ମେଟା, କୃପାସିନ୍ଧୁ ମାଝି, ହର ଖରା, ଗୁରୁ ଖେମୁଡୁ, ବିଶ୍ୱନାଥ ଖରା, ମଙ୍ଗୁ ଖରା, ବୁଦୁ ଖରା, ସମାରୀ ଖରା, ଦଇମତି ମାଟାମ,ସୁଶୀଳା ମାଟାମ,ବିମଳା ଖେମୁଡୁ, କୌଶଲ୍ୟା ଖରା, ପାର୍ବତୀ ଖରାଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏନେଇ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ମୁଁ ଉକ୍ତ ଗ୍ରାମକୁ ଯିବି ଦିନେ ଦୁଇଦିନ ମଧ୍ୟରେ ପ୍ରକଳ୍ପର ମରାମତି କରାଯାଇ ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ନାକାମାମୁଡ଼ି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ତୁରନ୍ତ ପଞ୍ଚାୟତ ପକ୍ଷରୁ ଅଚଳ ନଳକୂପର ମରାମତି କରାଯିବ। ବିଜୁ ସେତୁ ଯୋଜନାରେ ନୂତନ ପୋଲ ଓ ରାସ୍ତା ନିର୍ମାଣ ନିମନ୍ତେ କାମ ଆରମ୍ଭ ହେଲାଣି ବୋଲି କହିଥିଲେ।


ଅଚଳ ସୋଲାର ପ୍ରକଳ୍ପ ନିକଟରେ ଗ୍ରାମବାସୀ।


ଗାଁକୁ ଯାଇଥିବା ଖାଲଖମା ରାସ୍ତା।




## ସଂକ୍ଷେପରେ

### ଜଳ ପ୍ରପାତରେ ବୁଡ଼ି ଯୁବକ ନିଖୋଜ
#### -ଡାଇଭ୍ ମାରିବାବେଳେ ମୁଣ୍ଡରେ ବାଜିଲା ପଥର



ତେନ୍ତୁଳିଖୁଣ୍ଟି, ୨୭।୫ (ଚିଦାନନ୍ଦ ସାହୁ)

ସାଙ୍ଗସାଥୀଙ୍କ ସହ ଗାଧୋଇବାକୁ ଯାଇଥିଲେ। ସେଠାରେ ହସ ଖୁସିରେ ଗାଧୋଇବା ସହ ଡାଇଭ୍ ମାରୁଥିଲେ। କିନ୍ତୁ ଏହା କାଳ ସାଜିଲା। ଡାଇଭ ମାରିବାବେଳେ ପଥରରେ ମୁଣ୍ଡ ବାଜିବା ପରେ ଯୁବକ ଜଣଙ୍କ ବୁଡ଼ିଗଲେ। ଫଳରେ ଅନେକ ଖୋଜାଖୋଜି ସତ୍ତ୍ୱେ ତାଙ୍କର ପତ୍ତା ମିଳିନି। ନିଖୋଜ ଯୁବକ ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ ଅଧୀନ କାନ୍ଦ୍ରାଗୁଡ଼ା ଗାଁର ଗମିନୁଆଲ ସୁନା (୨୨)। ସୂଚନାନୁଯାୟୀ, ଗମିନୁଆଲ ଆନ୍ଧ୍ରରେ କାମ କରନ୍ତି। ସେ କିଛିଦିନ ତଳେ ତେନ୍ତୁଳିଖୁଣ୍ଟି ଆସିଥିଲେ। ସୋମବାର ସେ ୪ଜଣ ସାଙ୍ଗଙ୍କ ସହ ଡକରିଦୋରା ଜଳ ପ୍ରପାତକୁ ଯାଇଥିଲେ। ଏହି ସମୟରେ ସେ ପାଣିକୁ ଡାଇଭ ମାରିବାବେଳେ ଏକ ପଥରରେ ତାଙ୍କ ମୁଣ୍ଡ ମାଡ଼ ହୋଇଯାଇଥିଲା। ଏହାପରେ ସେ ପାଣିରେ ବୁଡ଼ିଯାଇଥିବା ତାଙ୍କ ସାଙ୍ଗମାନେ ପ୍ରକାଶ କରିଛନ୍ତି। ଯୁବକଙ୍କ ସାଙ୍ଗମାନେ ତାଙ୍କୁ ବହୁ ଖୋଜାଖୋଜି କରବା ପରେ ତେନ୍ତୁଳିଖୁଣ୍ଟି ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗମିନୁଆଲଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନି। ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାମ ବନ୍ଦ ରହିଛି। ମଙ୍ଗଳବାର ପୁଣି ଖୋଜଖୋଜି କରାଯିବ ବୋଲି ତେନ୍ତୁଳିଖୁଣ୍ଟି ଥାନାଧିକମାରୀ ଗୋପାଳ କୃଷ୍ଣ ଆଗୁପାତ୍ର ସୂଚନା ଦେଇଛନ୍ତି।

### ରାସ୍ତା ମରାମତି ନେଇ ପୌରପାଳିକା, ପୂର୍ତ୍ତ ବିଭାଗ ଟଣାଓଟରା

ସୁନାବେଡା, ୨୭।୫ (କୃତ୍ତିବାସ ପ୍ରଧାନ)

ସୁନାବେଡା ପୌର ପରିଷଦ ୱାର୍ଡ ନଂ.୯ ଅଧୀନରେ ରହିଥିବା ପୂର୍ତ୍ତ ବିଭାଗର ସୁନାବେଡା ପଛିକାଠାରୁ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟକୁ ଯାଇଥିବା ରାସ୍ତା ମରଣାଯନ୍ତା ପାଲଟିଛି। ପ୍ରତିଦିନ ଏହି ରାସ୍ତା ଦେଇ ବିଶ୍ୱ ବିଦ୍ୟାଳୟକୁ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ଅଭିଭାବକ ଯାତାୟାତ କରିଥାନ୍ତି। ଏହାବ୍ୟତୀତ ଜିଲାଠାରୁ ଆରମ୍ଭ କରି ରାଜ୍ୟ ତଥା କେନ୍ଦ୍ରୀୟ ସ୍ତରର ପ୍ରଶାସନିକ ଅଧିକାରୀ, ରାଜନେତା ଓ ନାଭାଲ ଅନ୍ନାମେଣ୍ଟ ଡିପୋ କର୍ମଚାରୀମାନେ ମଧ୍ୟ ଯାତାୟାତ କରନ୍ତି। ହେଲେ ରାସ୍ତାର ଅବସ୍ଥା ପ୍ରତି କାହାର ନଜର ପଡୁନ ଥିବା ଅଭିଭାବକ ଓ ଛାତ୍ରୀଛାତ୍ରୀମାନେ ଅଭିଯୋଗ କରିଛନ୍ତି। ରାସ୍ତାରେ ବହୁ ଖାଲଖମା ରହିଛି। ବର୍ଷା ଦିନରେ ଏହି



ରାସ୍ତାରେ ଯାତାୟାତ କରିବାକ କଷ୍ଟକର ହୋଇପଡୁଛି। ସୂଚନାଯୋଗ୍ୟ, କୌଣସି କେନ୍ଦ୍ରମନ୍ତ୍ରୀ ଅଥବା ରାଜ୍ୟପାଳଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରେ। ମାତ୍ର କିଛି ଦିନ ପରେ ରାସ୍ତା ପୂର୍ବଅବସ୍ଥାକୁ ଫେରିଆସେ। କିଛି ଦିନ ତଳେ ନାଭାଲ ମୁଖ୍ୟ କମାଣ୍ଡେଣ୍ଟ ସୁନାବେଡା ପୌର ନିର୍ବାହୀ ଅଧିକାରୀଙ୍କୁ ରାସ୍ତା ଅବସ୍ଥା ସମ୍ପର୍କରେ ଅବଗତ କରିବାରୁ ତାହା ପୂର୍ତ୍ତ ବିଭାଗ ଅଧୀନରେ ଥିବା ନିର୍ବାହୀ ଅଧିକାରୀ କହିଥିଲେ। ଏସମ୍ପର୍କରେ ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ଖୁରାଙ୍କୁ ପଚାରିବାରୁ ସେହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ନ ଥିବା ଦର୍ଶାଇଛନ୍ତି। ତେବେ ରାସ୍ତାଟି ପୂର୍ତ୍ତ ବିଭାଗ କିମ୍ବା ପୌର ପରିଷଦ କାହା ଅଧୀନରେ ଯଦି ନାହିଁ ତେବେ କେନ୍ଦ୍ର ମନ୍ତ୍ରୀ ଓ ରାଜ୍ୟପାଳଙ୍କ ଗସ୍ତ ସମୟରେ ଏହାର ମରାମତି କରୁଛି କିଏ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବିନା ରସିଦରେ ବିହନ ବିକ୍ରି ନ କରିବାକୁ ତାଗିଦା

- ବିହନ ଉତ୍ପାଦକଙ୍କୁ ନେଇ ବୈଠକ
- ବିହନର ଗୁଣ, ମାନ ସମ୍ପର୍କରେ ଦିଆଗଲା ସୂଚନା

ତେନ୍ତୁଳିଖୁଣ୍ଟି/ନବରଙ୍ଗପୁର, ୨୭।୫ (ଚିଦାନନ୍ଦ ସାହୁ/ ସଦାଶିବ ପ୍ରହରାଜ)


ବୈଠକରେ ଯୋଗ ଦେବାକୁ ଆସିଥିବା ଅଧିକାରୀ ଓ ବିହନ ଉତ୍ପାଦକ କମ୍ପାନୀ ପ୍ରତିନିଧି ।

ନବରଙ୍ଗପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ଭର୍ଚୁଆଲରେ ବିହନ ଉତ୍ପାଦକଙ୍କୁ ନେଇ ଏକ ବୈଠକ କରାଯାଇଛି। ପ୍ରାୟ ୪୦ଟି ବିହନ ଉତ୍ପାଦକ କମ୍ପାନୀ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ।

ବିହନ ବିକ୍ରି ପାଇଁ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ସମ୍ପର୍କରେ ଆଲୋଚନା କରି ଅନୁପାଳନ କରିବାକୁ ତାଗିଦ୍ କରାଯାଇଥିଲା। ଲାଇସେନ୍ସ ନ ଥିବା ଦୋକାନକୁ ବିହନ ବିକ୍ରି କରିବାକୁ ନ ଦେବା, ବିନା ରସିଦରେ ବିକ୍ରିବଟା ନ କରିବା ଆଦି ଦିଗ ପ୍ରତି ଧ୍ୟାନ ଦେବାକୁ ତାଗିଦ୍ କରାଯାଇଥିଲା। ବିହନଗୁଡ଼ିକର ଉତ୍ପାଦନ କ୍ଷମତା, ସମୟ ବିଷୟରେ ଠିକ୍ ତଥ୍ୟ ଦେବା, ବିହନର ଗୁଣ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରାଯାଇଥିଲା। ଚାଷୀଙ୍କୁ ଠିକ୍ ଦର ଓ ଉଚ୍ଚ ଉତ୍ପାଦନ କ୍ଷମତା ସମ୍ପନ୍ନ ବିହନ ବିକ୍ରି କରିବାକୁ ଜୋର୍ ଦିଆଯାଇଥିଲା। ବୈଠକରେ ଜିଲା ମୁଖ୍ୟ କୃଷି ଅଧିକାରୀ ଜି. ଭେଙ୍କଟ ରେଡ୍ଡୀ, ସ୍କିମ ଅଫିସର ରାମଚନ୍ଦ୍ର ମୁଦୁଲି, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଏଡିଏ ବୀରେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାଣିଜ୍ୟରେ ଏ. ଲାବଣ୍ୟା, କଳାରେ ନୀଳକଣ୍ଠ, ବିଜ୍ଞାନରେ ଆର୍ଯ୍ୟନ୍ତ ଟପ୍ପର


ଏ. ଲାବଣ୍ୟା


ନୀଳକଣ୍ଠ


ଆର୍ଯ୍ୟନ୍ତ

### ଯୁକ୍ତ ୨ ପରୀକ୍ଷାଫଳ

ନବରଙ୍ଗପୁର, ୨୭।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଯୁକ୍ତ ୨ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ନବରଙ୍ଗପୁର ଜିଲାରେ ଚଳିତବର୍ଷ ପରୀକ୍ଷାଫଳ ନୈରାଶ୍ୟଜନକ ହୋଇଛି। ବାଣିଜ୍ୟରେ ଏ. ଲାବଣ୍ୟା, କଳାରେ ନୀଳକଣ୍ଠ ଜାନି ଓ ବିଜ୍ଞାନରେ ଆର୍ଯ୍ୟନ୍ତ କୁମାର ଅଙ୍ଗଜଲା କଲେଜ ଟପ୍ପର ହୋଇଛନ୍ତି।

ଏ.ଲାବଣ୍ୟା ବାଣିଜ୍ୟରେ ୬୦୦ ରୁ ୪୯୬ (୮୨.୬୭%) ନମ୍ବର ରଖିଛନ୍ତି। ବାଣିଜ୍ୟ ବିଭାଗରେ ଚଳିତବର୍ଷ ୪୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ମାତ୍ର ୨୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଆର୍ଯ୍ୟନ୍ତ କୁମାର ଅଙ୍ଗଜଲା ୬୯.୧୭% ନମ୍ବର ରଖି ଟପ୍ପର ହୋଇଛନ୍ତି। ଏହି ବିଭାଗରେ ୨୦୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୫୨ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି କଳା ବିଭାଗରେ ନୀଳକଣ୍ଠ ଜାନି ୭୯% ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ମୋଟ ୩୩୫ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେବଳ ୧୯୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍ କରିଥିବା ଛାତ୍ରୀଛାତ୍ରଙ୍କୁ ଅଧ୍ୟକ୍ଷ ଭାସ୍କର ନାଥ ବିଶ୍ୱାଳଙ୍କ ସମେତ ଅଧ୍ୟାପିକା, ଅଧ୍ୟାପକମାନେ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ତେବେ ଜିଲାର ସର୍ବପୁରାତନ ଏହି ଯୁକ୍ତ ୨ କଲେଜରେ ପରୀକ୍ଷା ହାର୍ ଅଶାନୁରୂପକ ହୋଇ ପାରି ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

### ବିଜ୍ଞାନରେ ଗାୟତ୍ରୀ ପଣ୍ଡା ଜିଲା ଟପ୍ପର

ନବରଙ୍ଗପୁର, (ସଦାଶିବ ପ୍ରହରାଜ)

ନବରଙ୍ଗପୁର ବିଦ୍ୟାର୍ଥୀ ବିଜ୍ଞାନ କଲେଜର ଛାତ୍ରୀ ଗାୟତ୍ରୀ ପଣ୍ଡା ୫୦୫ (୮୪.୧୬%) ନମ୍ବର ଜିଲାରେ ଟପ୍ପର ହୋଇଛନ୍ତି । ୧୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଦ୍ୟାର୍ଥୀ ବିଜ୍ଞାନ କଲେଜ ପାସ ହାର ଶତ ପ୍ରତିଶତ ରହିଛି । ଫାଷ୍ଟ ଡିଭିଜନରେ ୭୯, ସେକେଣ୍ଡ ଡିଭିଜନର ୩୨ ଓ ଥାର୍ଡ ଡିଭିଜନରେ ୧୫ ଜଣ ପାସ ହୋଇଛନ୍ତି।

### ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟରେ ଛାତ୍ରୀଛାତ୍ରଙ୍କ ସଫଳତା

ଡାବୁଗାଁ, (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ ହାର ୮୯% ରହିଛି। ଯୁକ୍ତ ୨ ବିଜ୍ଞାନରେ ୧୧୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୬ ଛାତ୍ରୀ ପାସ କରିଛନ୍ତି। ୧୧ ଜଣ ପ୍ରଥମ, ୨ୟ ଶ୍ରେଣୀରେ ୪୪ ଜଣ ଓ ୩ୟ ଶ୍ରେଣୀରେ ୫୧ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀ ଧରିତ୍ରୀ ପୂଜାରୀ ୪୩୪ (୭୨%) ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି।

ସେହିପରି ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ କଳା ବିଭାଗରେ ୨୯୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫୨ ପାସ କରିଛନ୍ତି। ଏଥିରେ ୭ ଜଣ ପ୍ରଥମ, ୨୩ ଜଣ ଦ୍ୱିତୀୟ ଓ ୩ୟ ଶ୍ରେଣୀରେ ୨୨୨ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟରେ ୮୮.୪୨ ପ୍ରତିଶତ ପରୀକ୍ଷା ଫଳ ହୋଇଛି। ଛାତ୍ର ବିଷ୍ଣୁ ଗଣ୍ଡ ୪୨୪ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ଯୁକ୍ତ ୨ ବାଣିଜ୍ୟ ବିଭାଗରେ ୪୬ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୪ ପାସ କରିଛନ୍ତି। ଏଥିରେ ୨ ଜଣ ପ୍ରଥମ, ୯ ଜଣ ଦ୍ୱିତୀୟ ଓ ୩ୟ ଶ୍ରେଣୀରେ ୩୩ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ବାଣିଜ୍ୟରେ ୯୭. ୭୭% ପରିକ୍ଷା ଫଳ ହୋଇଛି। ଛାତ୍ରୀ ଭବାନୀ ପୂଜାରୀ ୪୩୧ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ହୋଇଛନ୍ତି। ଯୁକ୍ତ ୨ ବିଜ୍ଞାନରେ ୩୮ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୫ ପାସ କରିଛନ୍ତି। ପାସ୍ ହାର (୯୭.୨୨%) ହୋଇଛି। ପ୍ରଥମ ଶ୍ରେଣୀରେ କେହି ଜଣେ ମଧ ଉତ୍ତୀର୍ଣ୍ଣ ହୋଇ ନ ଥିବାବେଳେ ୨ୟ ଶ୍ରେଣୀରେ ୪ ଓ ୩ୟ ଶ୍ରେଣୀରେ ୩୧ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରୀ ଜ୍ୟୋତିରାଣୀ ଖୁରା ୩୩୨ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଉମରକୋଟ, ୨୭।୫ (ସନ୍ତୋଷ ଶତପଥୀ)

ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି। ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ୨୪ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଭିଯୁକ୍ତ ଶୁକ ଦାସ ଗୌଡ଼ଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଆଇପିସି ୩୬୬ରେ ୩ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା, ୩୪୨ରେ ୩ ମାସ ଜେଲ , ୩୭୬ରେ ୭ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଓ ଅନୁସୂଚିତ ଜାତି ଓ ଜନ ଜାତି କୃରତା ନିରୋଧକ ଆଇନ ଦଫା ୩ (୨)(v) ରେ ଆଜୀବନ କାରାଦଣ୍ଡ ସହ ୧୫ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି। ଅର୍ଥ ଅନାଦାୟ ସ୍ଥଳେ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ଆଦେଶରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଖାଡ଼େଶ୍ୱର ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ।

୨୦୧୨ ଏପ୍ରିଲ ୪ ରାତିରେ ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ରାଜ ମିସ୍ତ୍ରୀଭାବେ କାମ କୁଥିବା ଶୁକ ବଳାତ୍କାର କରିଥିଲେ। ଏହି ସମୟରେ ଘରେ କେବଳ ନାବାଳିକାଙ୍କ ୮ ବର୍ଷୀୟ ସାନ ଭାଇ ଉପସ୍ଥିତ ଥିଲେ। ମା' ବାପା କାଜୁବାଡ଼ ଜଗିବାକୁ ବାହାରେ ଥିଲେ। ବଡ଼ ଭାଇ ଭାଉଜ ପଡୋଶୀଙ୍କ ଘରେ ଥିଲେ। ପାଟି ଶୁଣି ବଡ଼ ଭାଇ ଭାଉଜ ପହଞ୍ଚି ଯିବାରୁ ଅଭିଯୁକ୍ତ ପୀଡ଼ିତାଙ୍କୁ ତାଙ୍କ ଘରକୁ ନେଇ ଯାଇଥିଲେ। ପୀଡ଼ିତାଙ୍କ ମା' ବାପା ଘଟଣା ସମ୍ପର୍କରେ ଗାଁରେ ଜଣାଇଥିଲେ। ସେଠାରେ ଏକ ସଭା କରାଯାଇଥିଲା। ଅଭିଯୁକ୍ତ ଶୁକ ଦୋଷ ମାନିବା ସହ ପୀଡ଼ିତାଙ୍କୁ ସ୍ତ୍ରୀଭାବେ ଗ୍ରହଣ କରିବି ବୋଲି କହି ସାଙ୍ଗରେ ନେଇ ପଳାଇ ଥିଲେ। କିନ୍ତୁ ଅଭିଯୁକ୍ତଙ୍କ ଘର ଲୋକ ପୀଡ଼ିତାଙ୍କୁ ଗ୍ରହଣ କରି ନ ଥିଲେ। ପୀଡ଼ିତାଙ୍କ ବାପା ୭ ଏପ୍ରିଲ ୨୦୧୨ରେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। କିଛି ଦିନ ଜେଲରେ ରହିବା ପରେ ଶୁକ ଦାସ ଜାମିନରେ ଥିଲେ।

# 'ମୋବାଇଲ ଛାଡ଼, ମନ ଭରି ଗୀତ ଗପ ବହି ପଢ଼'



ପାଠାଗାରର ଜଣେ ସଦସ୍ୟା ନିଜ ଅନୁଭୂତି ବଖାଣୁଛନ୍ତି।

ଝରିଗାଁ, ୨୭।୫ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଉମରକୋଟର ଫକୀର ମୋହନ ପାଠାଗାର ପକ୍ଷରୁ ଚଳିତ ମାସ ୧୫ରୁ ଗ୍ରାମାଞ୍ଚଳସ୍ତରୀୟ ଭ୍ରାମ୍ୟମାଣ ପାଠାଗାର ବାହାରିଥିଲା। ଏହା ଝରିଗାଁ ବ୍ଲକ ବାଞ୍ଜିଆମ୍ବା ଗ୍ରାମରେ ପହଞ୍ଚି ସେଠାରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ 'ମୋବାଇଲ ଛାଡ଼, ବହି ପଢ଼' କାର୍ଯ୍ୟକ୍ରମ ଆୟୋଜନ କରିଛି। ଫକୀରମୋହନ ପଠନଶାଳାର ସମ୍ପାଦକ ତଥା ଚଢ଼େଇଗୁଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯାଇଛି। ପିଲାମାନଙ୍କୁ ଜହ୍ନମାମୁଁ, କୁନିକଥା, ମୀନାବଜାର, ପୌରୁଷ, ବିଭିନ୍ନ ମହାପୁରୁଷଙ୍କ ଜୀବନୀ, ସରଳ ଇଂଲିଶ ୱିସ୍‌ଡମ ଆଦି ପଢ଼ିବାକୁ ଦିଆଯାଇଥିଲା। ପାଠାଗାର ସଦସ୍ୟ ରାଜକିଶୋର ନାୟକ, ପ୍ରକାଶ ଚନ୍ଦ୍ର ବେହେରା, ରତିକାନ୍ତ ସାହୁ, ଶଙ୍କର କୁମାର ନାଲା, ସ୍ୱାଗତିକା ସାହୁ, ବି.କେ ସନ୍ଧ୍ୟାରାଣୀ ଧଳ, ଲକ୍ଷ୍ମୀ ସାହୁ, ଜଗଦୀଶ ମାଝି ପ୍ରମୁଖ ବହି ପଠନର ଉପଯୋଗିତା, ଗଳ୍ପ ଲିଖନ ଶୈଳୀ ସହ ନିଜ ପିଲାଦିନର ଅନୁଭୂତି ବଖାଣିଥିଲେ। 'କିଛି ଘଣ୍ଟା ପାଇଁ ମୋବାଇଲ ଛାଡ଼, ମନଭରି ଗପ ଓ ଗୀତ ବହି ପଢ଼' ସ୍ଲୋଗାନ ସହ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳରୁ ୪୨ ଜଣ ଛାତ୍ରୀଛାତ୍ର ଉପସ୍ଥିତ ରହି ଗପ ପଠନ, କଥନ ଓ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ବରିଷ୍ଠ ସରକାରୀ ଓକିଲ ଶ୍ରୀନିବାସ ପଟ୍ଟନାୟକ, କୋଷାଧ୍ୟକ୍ଷ ହରିହର ଶତପଥୀ, ସଦସ୍ୟ ବଲ୍ଲଭ ରାଉତ, ବଂଶୀଧର ଭୂୟାଁ, କେଦାରେଶ୍ୱର ପଟ୍ଟନାୟକ, ସାଇମନ ବିଡିକା, ପ୍ରଭାତୀ ଦେବନାଥ, ସୁବାସ ଚନ୍ଦ୍ର ବିଷୋୟୀ, ଶାନ୍ତିଲତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ନବରଙ୍ଗପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ସ୍କୁଲ ପିଲାମାନଙ୍କର ଗ୍ରୀଷ୍ମ ଅବକାଶ ସମୟରେ ଏପରି କାର୍ଯ୍ୟକ୍ରମକୁ ସମସ୍ତ ଜିଲାବାସୀ ପ୍ରଶଂସା କରିବା ସହ ଏହା ଏକ ଉଚ୍ଚକୋଟୀର ଶିକ୍ଷାଭିତ୍ତିକ ପଠନ ଅଭ୍ୟାସୀ ପଦକ୍ଷେପ ବୋଲି ସେମାନେ କହିଛନ୍ତି। ସରକାରୀ ସ୍ତରରେ ଏଭଳି କାର୍ଯ୍ୟକ୍ରମ କରିବା ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

# ଅଣସଂକ୍ରାମକ ରୋଗ ନିରୂପଣ ସ୍ୱାସ୍ଥ୍ୟ ଶିବିର

କୋରାପୁଟ, ୨୭।୫ (ଅମିତାଭ ବେହେରା)



କୋରାପୁଟ ସହରାଞ୍ଚଳ ମେଡିକାଲ ପକ୍ଷରୁ ସୋମବାର ସ୍ଥାନୀୟ ଡାଙ୍ଗଦେଉଳା ଠାରେ ଅଣ ସଂକ୍ରାମକ ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ, ଉଚ୍ଚ ରକ୍ତ ଚାପ ସମେତ ବିଭିନ୍ନ ଅଣ ସଂକ୍ରାମକ ରୋଗର ନିରୂପଣ ଓ ତାର ନିରାକରଣ ଉପରେ ରୋଗୀଙ୍କୁ ଚିହ୍ନଟ କରାଯାଇ ଔଷଧ ବିତରଣ କରାଯାଇଥିଲା । ଡା. ସିମରାନ ଲାକ୍ରା ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ରୋଗୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଶିବିରରେ ପ୍ରୋଗ୍ରାମ ଅଫିସର ସଞ୍ଜୟ ସ୍ୱାଇଁ, ଚିନ୍ମୟୀ ଦାସ, ସୁପର ଭାଇଜର ଶ୍ରୀନିବାସ ରାଓ ଓ ଦୟା କେ. ରବିଙ୍କ ସହ ସ୍ୱାସ୍ଥ୍ୟ କର୍ମୀ ଓ ଆଶା କର୍ମୀ ସହଯୋଗ କରିଥିଲେ । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶିବିରରେ ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ନେଇଥିଲେ।

# ରକ୍ତଦାନ ଶିବିର

ଜୟପୁର ୨୭।୫ (ପବନ ପାଣିଗ୍ରାହୀ)

ଜୟପୁର ସିମେଣ୍ଟ ବ୍ୟବସାୟୀ ସଂଘ ପକ୍ଷରୁ ଲକ୍ଷ୍ମୀ ପଣ୍ଡା ଛକଠାରେ ହୋଇଥିବା ରକ୍ତଦାନ ଶିବିରରୁ ୯୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବ୍ଲଡ ବ୍ୟାଙ୍କର ସୂର୍ଯ୍ୟ ଶେଖର ମିଶ୍ର, ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ରମଣି ରଞ୍ଜନ ଦଳେଇ, ଇନ୍‌କମ ଟ୍ୟାକ୍ସ ଅଫିସର ଜୟନ୍ତ ଶତପଥୀ ଯୋଗ ଦେଇଥିଲେ।

# ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛନ୍ତି ରାଜେଶ୍ୱରୀ

### ୧୯ ମହିଳାଙ୍କୁ ଦେଉଛନ୍ତି ତାଲିମ

କୋରାପୁଟ, ୨୭।୫ (ଅମିତାଭ ବେହେରା)

ଆଦିବାସୀ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ କେଲାର ଗ୍ରାମର କଫି ଉଦ୍ୟୋଗୀ ରାଜେଶ୍ୱରୀ ରେଡ୍ଡି ସେମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କେଲାର ଗ୍ରାମ ନିକଟସ୍ଥ ଏକ କଫି ବଗିଚା ଉଦ୍ୟୋଗୀ ରାଜେଶ୍ୱରୀ ସ୍ଥାନୀୟ ଅଞ୍ଚଳର ୧୯ ଜଣ ଆଦିବାସୀ ମହିଳାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସେ ତାଙ୍କ କଫି ବଗିଚାରୁ ପ୍ରସ୍ତୁତ ହେଉଥିବା କଫି ଗୁଣ୍ଡର ନାଁ 'କେଲାର କଫି' ରଖିଛନ୍ତି। କଫି ବଗିଚାରେ କାମ କରୁଥିବା ଆଦିବାସୀ ମହିଳାମାନଙ୍କୁ ଉଦ୍ୟୋଗୀ କରିବା ରାଜେଶ୍ୱରୀଙ୍କ ଲକ୍ଷ୍ୟ। ସେମାନଙ୍କୁ ତାଲିମ ଦେବା ସହ ଏକ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରିବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ଏହି ଆଦିବାସୀ ମହିଳାମାନେ କେଉଁ ପ୍ରକାରର ଉଦ୍ୟୋଗ ଆରମ୍ଭ କରିପାରିବେ ସେବିଷୟରେ ତାଙ୍କୁ ରାମକୃଷ୍ଣ ଶୂରଦେଓ ତାଲିମ ଦେଉଛନ୍ତି। ମହିଳାମାନେ ଏକାଠି ହେଲେ ଅସମ୍ଭବକୁ ସମ୍ଭବ କରିପାରିବେ। ଏହି କଫି ବଗିଚାରେ କାର୍ଯ୍ୟରତ ମହିଳାମାନେ ତାଲିମ ପରେ ନିଜର ଉନ୍ନତି କରିପାରବେ ବୋଲି ପ୍ରଶିକ୍ଷକ ଶୂରଦେଓ କହିଛନ୍ତି।


ତାଲିମ ନେଉଥିବା ଆଦିବାସୀ ମହିଳା।

# ଦଣ୍ଡାମୁଣ୍ଡାକୁ ହରାଇ ଅଣ୍ଟିପଡ଼ା ଚାମ୍ପିୟନ

### ଲାବଣ୍ୟ ମାଝି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଚନ୍ଦାହାଣ୍ଡି, ୨୭।୫ (ଦିଲୀପ ଦାସ)



ଅତିଥିଙ୍କ ସହ ଖେଳାଳିମାନେ।

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଜୁନାପାଣି ମୁସ୍ତଫା ଅଲ୍ଲୀ ଷ୍ଟାଡିୟମରେ ଲାବଣ୍ୟ ମାଝି ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଲାବଣ୍ୟ ମାଝୀ ସ୍ମାରକୀ ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଅଣ୍ଟିପଡ଼ା ଓ ଦଣ୍ଡାମୁଣ୍ଡା ଦଳ ମଧ୍ୟରେ ଖେଳାଯାଇଥିଲା। ୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚରେ ଅଣ୍ଟିପଡ଼ା ଦଳ ପ୍ରଥମେ ବ୍ୟାଟିଂ କରି ୧୪୫ ରନ ସଂଗ୍ରହ କରିଥିଲା। ୧୪୬ ରନର ବିଶାଳ ଲକ୍ଷ୍ୟକୁ ଦଣ୍ଡାମୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ପୁରା କରି ପାରି ନ ଥିଲା। ଦଣ୍ଡାମୁଣ୍ଡା ରନର୍ସଅପ୍ ଓ ଅଣ୍ଟିପଡ଼ା ଦଳ ଚାମ୍ପିୟନ ହୋଇଛି। ଗୌରୀଶଙ୍କର ଡଙ୍ଗରିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଚନ୍ଦାହାଣ୍ଡି ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ ମୁଖ୍ୟ ଅତିଥି, ବାସୁଦେବ ଗୌଡ଼ ବରେଣ୍ୟ ଅତିଥି, ପ୍ରଶାନ୍ତ ପାରି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ସମିତି ସଭ୍ୟ ପୌରସ ମାଝି, ଭୀଷ୍ମ ସୁନା, ସଂଗ୍ରାମ କେଶରୀ ସାହୁ, ଶ୍ରୀମନ୍ତ ରଥ, ପୂର୍ଣ୍ଣଚନ୍ଦ୍ର ଟାକ୍ରୀ, ମୁରାଜ ଅଲ୍ଲୀ, ଅର୍ଜୁନ ଚଣ୍ଡୀ, ଲିଙ୍ଗରାଜ ମାଝି, ଚନ୍ଦ୍ରଧ୍ୱଜ ଡ଼ଙ୍ଗରି, ଭୈରବ ମାଝି, କରୁଣାକର ମାଝି, ଅଜୟ ମାଝି, ଗଜେନ୍ଦ୍ର ନିଆଲ, ଭୋଳାନାଥ ମାଝି, ତ୍ରିନାଥ ସିଙ୍ଗଲପୁରିଆ, କୃଷ୍ଣ ସିହ୍ନା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଚମ୍ପିୟନ ଆଣ୍ଟିପଡ଼ା ଦଳକୁ ୧୨ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଦଣ୍ଡାମୁଣ୍ଡା ଦଳକୁ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଛନ୍ତି। ଫାଇନାଲ ମ୍ୟାଚରେ ସର୍ବାଧିକ ୫୯ ରନ କରିଥିବା ଆଣ୍ଟିପଡ଼ା ଦଳର ରୁକଚନ ଅଣ୍ଟିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ବବଲୁଙ୍କୁ ପୁରସ୍କୃତ କରାଯାଇଛି। ଶୃଙ୍ଖଳିତ ଦଳଭାବେ ତେନ୍ତୁଳିପଡ଼ା ଦଳକୁ ପୁରସ୍କୃତ କରାଯାଇଛି। ରଞ୍ଜନ ମାଝି, ଭରତ ଗଣ୍ଡ ଅମ୍ପାୟର, ଚନ୍ଦ୍ର ନାଗ ଭାଷ୍ୟକାର, ଯୁଗଳ ବଗ୍ମୀ ସ୍କୋରର, ସୁରେଶ ଡ଼ଙ୍ଗରି,ସଞ୍ଜୟ ମାଝି ଅନ୍‌ଲାଇନ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଲାବଣ୍ୟ ମାଝୀ ଯୁବକ ସଂଘ ସମସ୍ତ ସଦସ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**ବାର୍‌ରେ ଡିଜେଙ୍କୁ ଗୁଳିକରି ହତ୍ୟା**

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିର ଏକ କ୍ଲବ୍‌ରେ ନିଯୁକ୍ତ ଜଣେ ଡିଜେଙ୍କୁ ରବିବାର ଗୁଳିକରି ହତ୍ୟା କରାଯାଇଛି। ବାର୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ଏହା କଏଦ ହୋଇଛି। ହତ୍ୟାକାରୀ ନିଜ ମୁହଁକୁ ଟି-ଶାର୍ଟରେ ଲୁଚାଇ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ସନ୍ଦିପ୍ ନାମକ ଏହି ଡିଜେଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି।

## ସଂକ୍ଷେପରେ

### ପଦ୍ମଶ୍ରୀ ଫେରାଇବେ ବୈଦ୍ୟରାଜ ହେମଚନ୍ଦ


ହେମଚନ୍ଦ ମାଝି

ରାୟପୁର, ୨୭।୫

ଛତିଶଗଡ଼ରେ ବୈଦ୍ୟରାଜ ଭାବେ ପରିଚିତ ହେମଚନ୍ଦ ମାଝି ନିଜ ପଦ୍ମଶ୍ରୀ ସମ୍ମାନ ଫେରାଇବାକୁ ସୋମବାର ଘୋଷଣା କରିଛନ୍ତି। ମାଓବାଦୀଙ୍କଠାରୁ ମିଳିଥିବା ଧମକ ଯୋଗୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ନାରାୟଣପୁର ଜିଲାର ଚମେଲି ଏବଂ ଗୌରଦଣ୍ଡ ଗ୍ରାମରେ ୨ଟି ନିର୍ମାଣାଧୀନ ମୋବାଇଲ ଟାୱାର ନିକଟରେ ହେମଚନ୍ଦଙ୍କୁ ଧମକ ଦିଆଯାଇଥିବା ଅନେକ ବ୍ୟାନର ଏବଂ ପାମ୍ପଲେଟ ମିଳିଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି। ପ୍ରେମଚନ୍ଦ ସ୍ଥାନୀୟ ଛୋଟେଡୋଗର ଅଞ୍ଚଳରେ ଆମଦେଇ ଉପତ୍ୟକା ଲୁହାପଥର ପ୍ରକଳ୍ପ ଆରମ୍ଭ କରିବାକୁ ସାହାଯ୍ୟ କରିଥିଲେ ଓ ଏଥିପାଇଁ ଲାଞ୍ଚ ଗ୍ରହଣ କରିଥିଲେ ବୋଲି ମାଓବାଦୀଙ୍କ ପକ୍ଷରୁ ଅଭିଯୋଗ କରାଯାଇ ତାଙ୍କୁ ଧମକ ଦିଆଯାଇଛି। ସୂଚନାଯୋଗ୍ୟ, ପାରମ୍ପରିକ ଚିକିତ୍ସା କ୍ଷେତ୍ରରେ ଅବଦାନ ପାଇଁ ହେମଚନ୍ଦଙ୍କୁ ଗତମାସ ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ 'ପଦ୍ମଶ୍ରୀ' ସମ୍ମାନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନିତ କରିଥିଲେ।

### ଆମେରିକାରେ ଭୀଷଣ ବାତ୍ୟା, ୧୮ ମୃତ

ୱାଶିଂଟନ, ୨୭।୫

ଆମେରିକାର ଟେକ୍ସାସ, ଓକଲାହୋମା, ଅର୍କାନସସ ଆଦି ରାଜ୍ୟରେ ଭୀଷଣ ବାତ୍ୟା ହୋଇ ୨ ଶିଶୁଙ୍କ ସମେତ ସମୁଦାୟ ୧୮ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଏହାର ପ୍ରଭାବରେ ହଜାର ହଜାର ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ବିଜୁଳିକାଟ କରାଯାଇଛି। ଏହାସହ ଏହି ବାତ୍ୟାରେ ଅନେକ ଘର ନଷ୍ଟ ହୋଇଛି। ଗୁରୁତର ଭାବେ ପ୍ରଭାବିତ ଅଞ୍ଚଳରେ ଆମେରିକାର ଜରୁରିକାଳୀନ ଦଳ ପହଞ୍ଚି ସ୍ଥିତି ସ୍ୱାଭାବିକ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଟେକ୍ସାସ ପ୍ରଦେଶରେ ୧୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବାବେଳେ ୨୦୦ରୁ ଅଧିକ ଘର ଓ ଅଟ୍ଟାଳିକା ନଷ୍ଟ ହୋଇଥିବା ଗଭର୍ନର ଗ୍ରେଗ୍ ଏବୋଟ୍ ସୂଚନା ଦେଇଛନ୍ତି।

## ଗେମିଂ ଜୋନ୍ ଅଗ୍ନିକାଣ୍ଡ ମାମଲା

# ୨ ପୋଲିସ ସମେତ ୭ ନିଲମ୍ବିତ

### ପୋଲିସ କମିଶନର, ପୌର ନିଗମ ମୁଖ୍ୟଙ୍କ ବଦଳି

ରାଜକୋଟ,୨୭।୫(ପି.ଟି.)

ରାଜକୋଟ ଗେମିଂ ଜୋନ୍ ଅଗ୍ନିକାଣ୍ଡ ଘଟଣାରେ ଗୁଜରାଟ ସରକାର ସୋମବାର ୨ ଜଣ ପୋଲିସ ଅଫିସରଙ୍କ ସମେତ ୭ ଜଣଙ୍କୁ ନିଲମ୍ବନ କରିଛନ୍ତି। ଏହି ଅଫିସରମାନଙ୍କ ଦାୟିତ୍ୱହୀନତା ଯୋଗୁ ଆବଶ୍ୟକ ଅନୁମୋଦନ ନ ଥାଇ ଗେମିଂ ଜୋନ୍ ଚାଲୁଥିଲା ବୋଲି ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଏହାବ୍ୟତୀତ ରାଜକୋଟ ପୋଲିସ କମିଶନର ରାଜୁ ଭାର୍ଗବଙ୍କ ସମେତ ୬ ପୋଲିସ ଅଧିକାରୀଙ୍କୁ ବଦଳି କରାଯାଇଛି। ରାଜକୋଟ ପୌର ନିଗମ କମିଶନର ଆନନ୍ଦ ପଟେଲଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଡି.ପି. ଦେଶାଇଙ୍କୁ ନିଯୁକ୍ତ କରାଯାଇଛି। ଦେଶାଇ ଅହମଦାବାଦ ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏୟୁଡିଏ)ର ସିଇଓ ରହିଛନ୍ତି। ନିଲମ୍ବିତ ଅଧିକାରୀଙ୍କ ମଧ୍ୟରେ ଅଛନ୍ତି ରାଜକୋଟ ପୌର ନିଗମ ଟାଉନ ପ୍ଲାନିଂ ବିଭାଗ ସହକାରୀ ଯନ୍ତ୍ରୀ ଜୟଦୀପ ଚୌଧରୀ, ଆର୍‌ଏମ୍‌ସିର ଆସିଷ୍ଟାଣ୍ଟ ଟାଉନ ପ୍ଲାନର ଗୌତମ ଜୋଷୀ, ସଡ଼କ ଓ ଅଟ୍ଟାଳିକା ବିଭାଗ ଉପକାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏମ୍.ଆର୍. ସୁମା ଏବଂ ପାରସ କୋଠିଆ, ପୋଲିସ ଇନ୍ସପେକ୍ଟର ଭି.ଆର୍. ପଟେଲ ଏବଂ ଏନ୍.ଆଇ. ରାଠୋଡ। ପରେ ଆର୍‌ଏମ୍‌ସିର କାଲାଭାଦ୍ ରୋଡ୍ ଫାୟାରଷ୍ଟେଶନର ଷ୍ଟେଶନ ଅଫିସର ରୋହିତ ଭିଗୋରାଙ୍କୁ ନିଲମ୍ବନ କରାଯାଇଛି।

ଗେମିଂ ଜୋନ୍‌ର ଆଉ ଜଣେ ଅଂଶୀଦାର ରାହୁଲ ରାଠୋଡ୍‌ଙ୍କୁ ପୋଲିସ ସୋମବାର ଗିରଫ କରିଛି। ଏହାକୁ ମିଶାଇ ଅଗ୍ନିକାଣ୍ଡ ଘଟଣାରେ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି। ରବିବାର ଅନ୍ୟତମ ଅଂଶୀଦାର ଯୁବରାଜ ସିଂ ସୋଲାଙ୍କି ଏବଂ ମ୍ୟାନେଜର ନିତୀନ ଜୈନଙ୍କୁ ଗିରଫ କରାଯାଇଥିଲା। ଗତ ଶନିବାର ରାଜକୋଟ ଗେମିଂ ଜୋନ୍‌ରେ ନିଆଁ ଲାଗି ଛୋଟ ପିଲାଙ୍କ ସମେତ ୨୮ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ଏକ ନବ ଦମ୍ପତି ଓ କନ୍ୟାର ଭଉଣୀ ଅଛନ୍ତି।



### ରାଜ୍ୟ ପ୍ରଶାସନ ଉପରେ ବିଶ୍ୱାସ ନାହିଁ: ହାଇକୋର୍ଟ

ରାଜକୋଟ ଗେମିଂ ଜୋନ୍ ଅଗ୍ନିକାଣ୍ଡ ଘଟଣାରେ ଗୁଜରାଟ ହାଇକୋର୍ଟ ପୌର ନିଗମକୁ ଭର୍ତ୍ସନା କରିଛନ୍ତି। ନିରୀହ ଲୋକମାନଙ୍କ ଜୀବନ ଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ରାଜ୍ୟ ପ୍ରଶାସନ ଉପରେ ବିଶ୍ୱାସ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏକ ଜନସ୍ୱାର୍ଥ ମାମଲାରେ ପୂର୍ବରୁ ନିଆଯାଇଥିବା ଅଗ୍ନି ନିରାପତ୍ତା ନିର୍ଦ୍ଦେଶନାମାକୁ ପୌର ପ୍ରଶାସନ ୧୮ ମାସ ହେଲା ଚାପିଦେଇଥିଲା ବୋଲି ଜଷ୍ଟିସ୍ ବୀରେନ ବୈଷ୍ଣବ ଏବଂ ଦେବନ ଦେଶାଇଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି। ଗେମିଂ ଜୋନ୍ ଅଗ୍ନିକାଣ୍ଡ ଘଟଣାରେ ହାଇକୋର୍ଟ ନିଜଆଡୁ ଜନସ୍ୱାର୍ଥ ମାମଲା ବିଚାର ପାଇଁ ଗ୍ରହଣ କରିଥିଲେ। ଏହା ଏକ ମାନବକୃତ ବିପର୍ଯ୍ୟୟ ବୋଲି ହାଇକୋର୍ଟ କହିଥିଲେ। ଟିଆର୍‌ପି ଗେମ୍ ଜୋନ୍ ଆବଶ୍ୟକ ଅନୁମତି ପାଇଁ ଆବେଦନ କରି ନ ଥିଲା ବୋଲି ପୌର ନିଗମ ପକ୍ଷରୁ କୁହାଯିବାରୁ ନିଜ ଅଞ୍ଚଳରେ ଏତେବଡ଼ ନିର୍ମାଣ ପ୍ରତି କର୍ତ୍ତୃପକ୍ଷ କିପରି ଆଖି ବୁଜିଦେଇଥିଲେ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଅଗ୍ନିକାଣ୍ଡ ପାଇଁ ୨୦୨୧ରେ ଟିଆର୍‌ପି ଗେମିଂ ଜୋନ୍ ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ ସମସ୍ତ ପୌର କମିଶନର ଦାୟୀ ରହିବା ଆବଶ୍ୟକ। ସେମାନଙ୍କ ଅଲଗା ଅଲଗା ସତ୍ୟପାଠ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ବିଭବ କୁମାରଙ୍କୁ ଜାମିନ ମିଳିଲାନି

ନୂଆଦିଲ୍ଲୀ,୨୭।୫

ଆମ୍ ଆଦ୍‌ମୀ ପାର୍ଟି ଏମ୍‌ପି ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିବା ମାମଲାରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହଯୋଗୀ ବିଭବ କୁମାରଙ୍କୁ ସୋମବାର ଦିଲ୍ଲୀର ତିସ୍ ହଜାରୀ କୋର୍ଟ ଜାମିନ ଦେବାକୁ ମନା କରିଦେଇଛନ୍ତି। ଗତ ୧୩ ତାରିଖରେ କେଜ୍‌ରିୱାଲଙ୍କ ବାସଭବନରେ ସ୍ୱାତୀଙ୍କୁ ବିଭବ ମାଡ଼ ମାରିଥିବା ସେ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକ୍ରମେ ବିଭବଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିବା ପରେ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ଶୁଣାଣି ବେଳେ ସ୍ୱାତୀ କୋର୍ଟରେ ଉପସ୍ଥିତ ରହି ବିଭବଙ୍କ ଜାମିନକୁ ବିରୋଧ କରିବା ସହ କାନ୍ଦି ପକାଇଥିଲେ। ଜାମିନରେ ବାହାରିଲେ ବିଭବ ତଦନ୍ତକୁ ପ୍ରଭାବିତ କରିବେ। ବିଭବଙ୍କୁ ଛଡ଼ାଗଲେ ସ୍ୱାତୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେ କୋର୍ଟଙ୍କୁ କହିଥିଲେ।

### ବିହାରରେ ରାହୁଲଙ୍କ ମଞ୍ଚ ଭୁଶୁଡ଼ିଲା

ପାଲିଗଞ୍ଜ,୨୭।୫

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର ବିହାରର ପାଲିଗଞ୍ଜଠାରେ ଏକ ନିର୍ବାଚନୀ ସଭାରେ ଯୋଗଦେଇଥିବାବେଳେ ହଠାତ୍ ତାଙ୍କ ମଞ୍ଚର କିଛି ଅଂଶ ଭୁଶୁଡ଼ି ପଡ଼ିଥିଲା। ରାହୁଲ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପାଟଳିପୁତ୍ର ଲୋକ ସଭା ଆସନର ଆର୍‌ଜେଡି ପ୍ରାର୍ଥୀ ମିସା ଭାରତୀଙ୍କ ପାଇଁ ରାହୁଲ ପ୍ରଚାର କରୁଥିଲେ। ମିସା ରାହୁଲଙ୍କୁ ତାଙ୍କ ଆସନ ପାଖକୁ ପାଛୋଟି ନେଉଥିବାବେଳେ ମଞ୍ଚର କିଛି ଅଂଶ ଭୁଶୁଡ଼ିଥିଲା। ଫଳରେ ରାହୁଲ ଭାରସାମ୍ୟ ହରାଇବାରୁ ମିସା ତାଙ୍କୁ ଧରିପକାଇଥିଲେ।

### ବାଗପତ୍ ହସ୍ପିଟାଲରେ ନିଆଁ

ବାଗପତ୍,୨୭।୫

ଦିଲ୍ଲୀର ଶିଶୁ ହସ୍ପିଟାଲରେ ନିଆଁ ଲାଗି ୭ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିବାର ଦିନକ ପରେ ସୋମବାର ଉତ୍ତରପ୍ରଦେଶର ବାଗପତ୍ ସ୍ଥିତ ବଡାଉତ୍ ଅଞ୍ଚଳରେ ଥିବା ଆସ୍ଥା ମଲ୍ଟିସ୍ପେଶିଆଲିଟି ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟରୁ ହସ୍ପିଟାଲର ତୃତୀୟ ମହଲାରେ ନିଆଁ ଲାଗିବା ପରେ ରୋଗୀ ଓ କର୍ମଚାରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ ଅଗ୍ନିକାଣ୍ଡରେ କେହି ଆହତ ହୋଇନାହାନ୍ତି। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହସ୍ପିଟାଲରେ ଆଡମିଶନ ହୋଇଥିବା ୧୨ ଜଣ ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।


ଦିଲ୍ଲୀ ତାପମାତ୍ରା ୪୫ ଡିଗ୍ରୀ ଟପିଥିବାବେଳେ ପ୍ରଚଣ୍ଡ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ବାସହୀନ ଲୋକମାନେ ସୋମବାର ଅପରାହ୍ନରେ ଯମୁନା ନଦୀ ବ୍ରିଜ୍ ତଳେ ଶୋଇଛନ୍ତି। (ଫଟୋ- ଚମନ ଗୌତମ)

### ଜାମିନ ମିଆଦ ବଢ଼ାଇବା ପାଇଁ ସୁପ୍ରିମକୋର୍ଟ ଗଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୨୭।୫

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ତାଙ୍କ ଅନ୍ତରୀଣ ଜାମିନ ମିଆଦକୁ ୭ ଦିନ ବଢ଼ାଇବା ନିମନ୍ତେ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପିଇଟି-ସିଟି ସ୍କାନ୍ ଓ ଅନ୍ୟାନ୍ୟ ପରୀକ୍ଷା ପାଇଁ ତାଙ୍କୁ ଅଧିକ ସମୟ ଆବଶ୍ୟକ ବୋଲି କେଜ୍‌ରିୱାଲ ତାଙ୍କ ଆବେଦନରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ସମ୍ପୃକ୍ତ ମନିଲଣ୍ଡରିଂ ମାମଲାରେ କେଜ୍‌ରିୱାଲଙ୍କୁ ଇଡି ଗିରଫ କରିଥିଲା। ଲୋକ ସଭା ନିର୍ବାଚନରେ ପ୍ରଚାର ପାଇଁ ସୁଯୋଗ ଦେବା ନିମନ୍ତେ ମେ' ୧୦ରେ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ଜୁନ୍ ୧ରେ ନିର୍ବାଚନ ଶେଷ ହେବା ପରେ ୨ ତାରିଖରେ ଜେଲରେ ଆତ୍ମସମର୍ପଣ କରିବା ନିମନ୍ତେ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। କେଜ୍‌ରିୱାଲ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଗିରଫ ପରେ ସେ ୭ କେଜି ଓଜନ ହରାଇଛନ୍ତି। ତାଙ୍କ କେଟୋନ୍ ସ୍ତର ବହୁତ ଅଧିକ ରହିଛି, ଯାହା ଗୁରୁତର ରୋଗର ଲକ୍ଷଣ।

### ଜମ୍ମୁ-କଶ୍ମୀରରେ ୩୫ ବର୍ଷରେ ସର୍ବାଧିକ ମତଦାନ

ନୂଆଦିଲ୍ଲୀ,୨୭।୫

**ଖୁବ୍‌ଶୀଘ୍ର ବିଧାନସଭା ନିର୍ବାଚନ: ସିଇସି**

ଲୋକ ସଭା ନିର୍ବାଚନରେ ଜମ୍ମୁ-କଶ୍ମୀରରେ ୩୫ ବର୍ଷ ମଧ୍ୟରେ ସର୍ବାଧିକ ମତଦାନ ହୋଇଛି। ୨୦୧୯ ତୁଳନାରେ ଏଥର ଅଧିକ ୩୦ ପ୍ରତିଶତ ଭୋଟ ଦେଇଥିବା ଜଣାପଡ଼ିଛି। ପୂର୍ବ ନିର୍ବାଚନ ତୁଳନାରେ ଏଥର ପ୍ରାର୍ଥୀଙ୍କ ସଂଖ୍ୟା ୨୫ ପ୍ରତିଶତ ବଢ଼ିଛି। ଅଧିକ ସଂଖ୍ୟାରେ ଲୋକେ ନିର୍ବାଚନରେ ସକ୍ରିୟ ଭାବେ ଭାଗ ନେଉଥିବାରୁ ଏହା ଏକ ବଡ଼ ସଫଳତା ଏବଂ ଖୁବ୍‌ଶୀଘ୍ର ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ଜମ୍ମୁ-କଶ୍ମୀରର ୫ ଲୋକ ସଭା ଆସନରେ ମତଦାନ ହାର ୫୮.୪୬ ପ୍ରତିଶତ ରହିଛି। କଶ୍ମୀର ଉପତ୍ୟକାର ୩ ଆସନରେ ହାରାହାରି ମତଦାନ ହାର ୫୦.୮୬ ପ୍ରତିଶତ ହୋଇଛି। ୨୦୧୯ରେ ଏହିସବୁ ଆସନରେ ମତଦାନ ହାର ମାତ୍ର ୧୯.୧୬ ପ୍ରତିଶତ ଥିଲା ବୋଲି ସିଇସି କହିଛନ୍ତି। ଅନ୍ୟ ୨ଟି ଆସନ ଉଧାମପୁର ଏବଂ ଜମ୍ମୁରେ ମତଦାନ ହାର ଯଥାକ୍ରମେ ୬୮.୨୭ ଏବଂ ୭୨.୨୨ ପ୍ରତିଶତ ରହିଥିବା ସିଇସି କହିଛନ୍ତି।

### ଭୂସ୍ଖଳନରେ ୨,୦୦୦ ଲୋକ ପୋତିହୋଇଛନ୍ତି

ମେଲ୍‌ବର୍ନ,୨୭।୫

**ଅନ୍ତର୍ଜାତୀୟ ସହାୟତା ଲୋଡ଼ିଲା ପପୁଆ ନ୍ୟୁଗିନି**

ପପୁଆ ନ୍ୟୁଗିନିରେ ଗତ ଶୁକ୍ରବାର ଘଟିଥିବା ଭୂସ୍ଖଳନରେ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ମାଟିତଳେ ପୋତିହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ୬୭୦ ଦର୍ଶାଯାଇଥିବାବେଳେ ପ୍ରକୃତ ମୃତ୍ୟୁ ଏହାର ୩ ଗୁଣ ହେବ ବୋଲି ପପୁଆ ନ୍ୟୁଗିନି ସରକାର ଜାତିସଂଘକୁ ଜଣାଇବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି। ଏଙ୍ଗା ପ୍ରଦେଶର ୟାମ୍ବାଲି ଗ୍ରାମରେ ଶୁକ୍ରବାର ଭୋର ସମୟରେ ଭୂସ୍ଖଳନ ବେଳେ ଲୋକମାନେ ଘରେ ଶୋଇଥିବାରୁ ବହୁ ଲୋକଙ୍କ ଜୀବନ ଯାଇଥିବା କୁହାଯାଉଛି। ଏଥିରେ କେତେ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି, ତାହାର ମଧ୍ୟ ଠିକ୍ ହିସାବ କର୍ତ୍ତୃପକ୍ଷ ଦେଇପାରି ନାହାନ୍ତି। ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ପ୍ରାୟ ୪,୦୦୦ ଲୋକ ରହୁଥିଲେ ବୋଲି କେୟାର ଇଣ୍ଟରନ୍ୟାଶନାଲର ନିର୍ଦ୍ଦେଶକ ଜଷ୍ଟିନ୍ ମାକ୍‌ମହୋନ କହିଛନ୍ତି।

### ନାବାଳକଙ୍କ ରକ୍ତ ନମୁନା ଅଦଳବଦଳ କରି ୨ ଡାକ୍ତର ଗିରଫ

ପୁଣେ, ୨୭।୫

**ପୋର୍ଶେ ଦୁର୍ଘଟଣା**

ପୁଣେ ପୋର୍ଶେ କାର ଦୁର୍ଘଟଣା ମାମଲାର ନୂଆ ମୋଡ଼ ସାମ୍ନାକୁ ଆସିଛି। ଅଭିଯୁକ୍ତ ନାବାଳକଙ୍କୁ ପୁଣେର ସାସୁନ ସରକାରୀ ହସ୍ପିଟାଲକୁ ମେଡିକାଲ ଚେକ୍‌ଅପ୍ ପାଇଁ ନିଆଯାଇଥିବାବେଳେ ସେଠାରେ ତାଙ୍କର ରକ୍ତ ନମୁନାକୁ ଅନ୍ୟ ଜଣେ ବ୍ୟକ୍ତିଙ୍କ ରକ୍ତ ନମୁନା ସହ ଅଦଳବଦଳ କରାଯାଇଛି। ସେହିପରି ନାବାଳକଙ୍କ ରକ୍ତ ନମୁନାକୁ ଏକ ଡଷ୍ଟବିନ୍‌ରେ ଫୋପାଡ଼ି ଦିଆଯାଇଥିବା ପୁଣେ ପୋଲିସ କମିଶନର ଅମିତେଶ କୁମାର ଏକ ଖବରଦାତା ସମ୍ମିଳନୀ କରି ସୋମବାର ସୂଚନା ଦେଇଛନ୍ତି। ନାବାଳକଙ୍କ ବାପା ତଥା ସହରର ବିଶିଷ୍ଟ ବିଲ୍ଡର ସାସୁନ ହସ୍ପିଟାଲର ଡାକ୍ତରଙ୍କୁ ରକ୍ତ ନମୁନା ବଦଳାଇବାକୁ ପ୍ରଲୋଭିତ କରିଥିବା ଅମିତେଶ ସୂଚନା ଦେଇଛନ୍ତି। ଅଭିଯୁକ୍ତ ନାବାଳକଙ୍କ ରକ୍ତ ନମୁନାକୁ ଅଦଳବଦଳ କରି ପ୍ରମାଣ ନଷ୍ଟ କରିଥିବାରୁ ୨ ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି। ସସୁନ ସରକାରୀ ହସ୍ପିଟାଲର ଫୋରେନ୍ସିକ ମେଡିସିନ ବିଭାଗ ମୁଖ୍ୟ ଡ. ଅଜୟ ତାୱରେ ଏବଂ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଶ୍ରୀହରି ହର୍‌ନୋଲଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କୋର୍ଟଙ୍କ ଅନୁମତି ପାଇ ପୁଣେ ପୋଲିସ କ୍ରାଇମବ୍ରାଞ୍ଚ ସୋମବାର ନାବାଳକଙ୍କ ବାପା ବିଶାଳ ଅଗ୍ରୱାଲଙ୍କୁ ଗିରଫ କରିଛି। ବିଶାଳଙ୍କ ବିରୋଧରେ ଜାଲିଆତି, ଆପରାଧିକ ଷଡ଼ଯନ୍ତ୍ର, ପ୍ରମାଣ ନଷ୍ଟ ଆଦି ଦଫା ସହ ନୂତନ ଅଭିଯୋଗ ଯୋଡ଼ାଯାଇଛି। ସୂଚନାଯୋଗ୍ୟ, ଏହି ମାମଲାରେ ଦୋଷ ନିଜ ଉପରକୁ ନେବାକୁ ଡ୍ରାଇଭରଙ୍କୁ ଚାପ ପକାଇବା ଅଭିଯୋଗରେ ନାବାଳକଙ୍କ ଜେଜେବାପା ସୁରେନ୍ଦ୍ର ଅଗ୍ରୱାଲଙ୍କୁ ଶନିବାର ପୁଣେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

**ତେଲଙ୍ଗାନାରେ ବାତ୍ୟା ପ୍ରଭାବ**

### ବର୍ଷା ବିଘାତରେ ୧୩ ମୃତ

ହାଇଦ୍ରାବାଦ,୨୭।୫

ବଙ୍ଗୋପସାଗରରେ ବାତ୍ୟା ରେମାଲ ଅତିକ୍ରମ କଲାବେଳେ ଏହାର ପ୍ରଭାବରେ ରବିବାର ତେଲଙ୍ଗାନାରେ ପ୍ରବଳ ବର୍ଷା ପବନ ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡି ୧୩ ଜଣଙ୍କ ମୃତ୍ୟୁ ଘଟିଛି। ବାତ୍ୟା ପ୍ରଭାବ ତେଲଙ୍ଗାନାବାସୀଙ୍କୁ ବିପଦରେ ପକାଇଛି। କେବଳ ନଗରକୁର୍‌ନୁଲରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଘର ଭୁଶୁଡ଼ି ବାପଝିଅଙ୍କ ସମେତ ୪ ଜଣ ପ୍ରାଣ ହରାଇଥିବାବେଳେ ବଜ୍ରପାତରେ ୩ ଜଣଙ୍କ ଜୀବନ ଯାଇଛି। ହାଇଦ୍ରାବାଦରେ ୪ ଜଣ ଓ ମେଡକରେ ୨ ଜଣ ପ୍ରାଣ ହରାଇଛନ୍ତି। ରାସ୍ତାରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡ଼ି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ନଗରକୁର୍‌ନୁଲ ଏବଂ ନାଲଗୋଣ୍ଡା ଜିଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ରଙ୍ଗାରେଡ୍ଡୀ ଏବଂ ମେଡଚଲ ମଲକଜଗିରି ଜିଲାରେ ପ୍ରବଳ ବେଗରେ ପବନ ବହିଥିଲା। ହାଇଦ୍ରାବାଦରେ ପ୍ରବଳ ବର୍ଷା ପବନରେ ବହୁ ରାସ୍ତାଘାଟ, ଘରଦ୍ୱାର ଓ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି।


ତେଲେଙ୍ଗାନାରେ ବର୍ଷା,ପବନରେ ଏକ ଗଛ ଭାଙ୍ଗି ଅଟୋରିକ୍ସା ଉପରେ ପଡିଛି।

## ଫୁର୍‌ସତ୍

### ମୁନାୱର ଫାରୁକିଙ୍କ ଦ୍ୱିତୀୟ ବିବାହ ଚର୍ଚ୍ଚା

ମୁମ୍ବାଇ

ରିଏଲିଟି ଶୋ 'ବିଗବସ୍-୧୭'ର ବିଜେତା ମୁନାୱର ଫାରୁକି ଦ୍ୱିତୀୟ ଥର ପାଇଁ ବିବାହ କରିଥିବା ଜାତୀୟ ଗଣମାଧ୍ୟମରେ ଏକ ରିପୋର୍ଟ ପ୍ରକାଶ ପାଇଛି। ୧୦ରୁ ୧୨ ଦିନ ତଳେ ଏହି ଷ୍ଟାଣ୍ଡଅପ୍ ହାସ୍ୟ ଅଭିନେତା, ମେକ୍‌ଅପ୍ ଆର୍ଟିଷ୍ଟ ମେହଜ୍‌ବୀନ କୋଟୱାଲାଙ୍କ ସହ ମୁମ୍ବାଇରେ ନିଜର ଘନିଷ୍ଠ ବନ୍ଧୁ ଓ ପରିବାର ଲୋକଙ୍କ ଉପସ୍ଥିତିରେ ଗୁପ୍ତ ଭାବେ ବିବାହ କରିଛନ୍ତି। ସେହିପରି ରବିବାର ଉଭୟେ ନିଜର ବନ୍ଧୁ ଓ ସପରିଜନଙ୍କୁ ମୁମ୍ବାଇର ଆଇଟିସି ମରାଠା ହୋଟେଲରେ ରିସେପ୍ସନ ଦେଇଥିବା ଏହି ରିପୋର୍ଟରେ କୁହାଯାଇଛି। କିଛିଦିନ ତଳେ ମୁନାୱରଙ୍କ ଏକ ଫ୍ୟାନ୍ ଆକାଉଣ୍ଟରୁ ଏକ ବିବାହ ନିମନ୍ତ୍ରଣ କାର୍ଡ ପୋଷ୍ଟ କରାଯାଇଥିଲା। ଏହି ବିବାହ ନିମନ୍ତ୍ରଣ କାର୍ଡ ମୁନାୱରଙ୍କ ହୋଇଥିବା ଉକ୍ତ ପୋଷ୍ଟରେ ଦାବି କରାଯାଇଥିଲା। ଏହାପରଠାରୁ ସୋସିଆଲ ମିଡିଆରେ ମୁନାୱରଙ୍କ ଦ୍ୱିତୀୟ ବିବାହ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ଏବେସୁଦ୍ଧା ମୁନାୱର କିମ୍ବା ମେହଜବୀନଙ୍କ ତରଫରୁ ବିବାହକୁ ନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ବିବାହର କୌଣସି ଫଟୋ କିମ୍ବା ଭିଡିଓ ମଧ୍ୟ ଏହି ଯୋଡ଼ି ବର୍ତ୍ତମାନ ସୁଦ୍ଧା ପୋଷ୍ଟ କରିନାହାନ୍ତି। ସୂଚନାଯୋଗ୍ୟ, ମୁନାୱର ପୂର୍ବରୁ ୨୦୧୭ରେ ବିବାହ କରିଥିଲେ ଏବଂ ତାଙ୍କର ଗୋଟିଏ ପୁଅ ମଧ୍ୟ ରହିଛି। ସମ୍ପର୍କ ଖରାପ ହେବାରୁ ସେ ୨୦୨୦ରେ ନିଜ ପ୍ରଥମ ସ୍ତ୍ରୀଙ୍କଠାରୁ ଅଲଗା ହୋଇଥିଲେ। ଅନ୍ୟପକ୍ଷରେ, ମେହଜ୍‌ବୀନଙ୍କର ମଧ୍ୟ ଗୋଟିଏ ୧୦ ବର୍ଷର ଝିଅ ଥିବା ରିପୋର୍ଟ ପ୍ରକାଶ ପାଇଛି।


ମୁନାୱର ଫାରୁକି


ମେହଜ୍‌ବୀନ କୋଟୱାଲା

### ବ୍ରିଟେନ୍‌ରେ ବିଶ୍ୱର ସବୁଠାରୁ ଛୋଟ ଜେଲ

**ଲଣ୍ଡନ:** ଯେତେବେଳେ ବିଭିନ୍ନ ଜେଲ ବିଷୟରେ ଆଲୋଚନା ହୁଏ ସେତେବେଳେ ଦିଲ୍ଲୀର ତିହାର ଜେଲ ଏବଂ ପୁଣେର ୟେରୱାଡ଼ା ଜେଲ କଥା ମନକୁ ଆସିଥାଏ। ଭାରତର ଏହି ୨ଟି ଜେଲରେ ସର୍ବାଧିକ ସଂଖ୍ୟାରେ କଏଦୀ ରହୁଛନ୍ତି। ତିହାର ଜେଲରେ ୧୪ ହଜାରରୁ ଅଧିକ କଏଦୀ ରହୁଥିବା ବେଳେ ୟେରୱାଡ଼ା ଜେଲରେ ୭ ହଜାରରୁ ଅଧିକ କଏଦୀ ରହୁଛନ୍ତି। ତେବେ ଏଥିମଧ୍ୟରେ ବିଶ୍ୱର ସବୁଠାରୁ ଛୋଟ ଜେଲ ବ୍ରିଟେନ୍‌ର ସାର୍କ ଦ୍ୱୀପରେ ରହିଥିବା ଜଣାପଡ଼ିଛି। ଏହି ଜେଲରେ ମାତ୍ର ୨ ଜଣ କଏଦୀଙ୍କ ରହିବା ପାଇଁ ସ୍ଥାନ ଥିବାବେଳେ ଏହା ୧୬୮ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା।

ଏକ ବ୍ରିଟିଶ୍ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଇଂଲିଶ ଚ୍ୟାନେଲର ସାର୍କ ଦ୍ୱୀପରେ ଥିବା ସାର୍କ ଜେଲ ହେଉଛି ବିଶ୍ୱର ସବୁଠାରୁ ଛୋଟ କାରାଗାର। ୧୮୫୬ ମସିହାରେ ନିର୍ମିତ ହୋଇଥିବା ଏହି ଜେଲରେ କେବଳ ୨ ଜଣ କଏଦୀ ରହିପାରିବେ। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଜେଲରେ କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। ତେବେ ଏହି ଜେଲ ଭିତରର ଦୃଶ୍ୟ କିଛିମାତ୍ରାରେ ବଦଳିଛି। ଟ୍ୟାପ ଯୋଗେ ଜଳ ଯୋଗାଣ, ଶୌଚାଳୟ ଆଦି ସୁବିଧା ଏହି ଜେଲରେ କରାଯିବା ସହ ଏଠାରେ ବିଦ୍ୟୁତସେବା ମଧ୍ୟ ଯୋଗାଇ ଦିଆଯାଇଛି। ସେହିପରି ଜେଲ ଭିତରର ଅଂଶକୁ ୨ ଭାଗରେ ବିଭକ୍ତ କରାଯାଇ ୨ଟି କୋଠରି କରାଯାଇଛି। ଉଭୟ କୋଠରିରେ କଏଦୀଙ୍କ ଲାଗି ପତଳା କାଠ ଶଯ୍ୟା ରହିଛି। ସମୁଦାୟ ୫.୪ ବର୍ଗ କିଲୋମିଟର ଅଞ୍ଚଳରେ ପରିବ୍ୟାପ୍ତ ଥିବା ଏହି ଦ୍ୱୀପରେ, ୨୦୨୩ ଜନଗଣନା ଅନୁଯାୟୀ ୫୬୨ ଜଣ ଲୋକ ବସବାସ କରନ୍ତି।

୧୮୩୨ ମସିହାରେ ଏହି ଜେଲ ନିର୍ମାଣ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କାହାରି ପାଖରେ ଅର୍ଥ ନ ଥିବାରୁ ଏହାକୁ ନିର୍ମାଣ କରିବାକୁ ୨୪ ବର୍ଷ ସମୟ ଲାଗିଯାଇଥିଲା। ତେବେ ଏହି ଦ୍ୱୀପରେ ଏବେ କୌଣସି ବଡ଼ ଧରଣର ଅପରାଧ ହେଉନାହିଁ, ତେଣୁ ସମ୍ପ୍ରତି ଏଠାରେ କେବଳ ୨ ଜଣ ପୋଲିସ କର୍ମଚାରୀ ରହିଛନ୍ତି।



# ଉତ୍ପାଦନ କ୍ଷେତ୍ରରେ ନାଲ୍କୋର ସର୍ବକାଳୀନ ରେକର୍ଡ

ଭୁବନେଶ୍ୱର,୨୭।୫ (ଅଭୟ ଦାଶ)



ଶ୍ରୀଧର ପାତ୍ର

■୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଫଳାଫଳ

■ଚଳିତ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ କାରବାର

ଦେଶର ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ନବରତ୍ନ ଉଦ୍ୟୋଗ/କମ୍ପାନୀ) ତଥା କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ ବା ନାଲ୍କୋର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ବାର୍ଷିକ ଓ ୪ର୍ଥ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଥିଲା। ଏପରିକି ସଫଳତାର ଧାରା ବଜାୟ ରଖିବା ସହ ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ଉତ୍ପାଦନ ଏବଂ ବିକ୍ରୟ କ୍ଷେତ୍ରରେ ସର୍ବକାଳୀନ ରେକର୍ଡ ହାସଲ କରିଛି।

ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷରେ ନାଲକୋ ମୋଟ ୧୩,୧୪୯ କୋଟି ଟଙ୍କାର ବ୍ୟବସାୟ ସହ ୨,୦୬୦କୋଟି ଟଙ୍କାର ନିଟ୍ ଲାଭ ହାସଲ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ମଧ୍ୟରେ କମ୍ପାନୀର ନିଟ୍ ଲାଭ ୯୫% ବୃଦ୍ଧି ସହ ୧୦୧୬ କୋଟି ଟଙ୍କା ହୋଇଥିବାବେଳେ ୨୦୨୨-୨୩ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ନିଟ୍ ଲାଭ ୫୨୨ କୋଟି ଟଙ୍କା ଥିଲା।

ସେହିଭଳି ବଜାର ଅସ୍ଥିରତା ଏବଂ ମେଟାଲ ଦର ନିମ୍ନସ୍ତରରେ ଥିବା ସତ୍ତ୍ୱେ କମ୍ପାନୀ ବ୍ୟବସାୟର ବିଭିନ୍ନ ଦିଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀର ସମସ୍ତ ୟୁନିଟରେ ଉନ୍ନତ ପ୍ରଦର୍ଶନ ସହ ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ସର୍ବାଧିକ ୭୬,୦୦,୨୩୦ମେଟ୍ରିକ ଟନ୍ ବକ୍ସାଇଟ୍ ଉତ୍ତୋଳନ, ୪,୬୩,୪୨୮ମେଟ୍ରିକ ଟନ୍ କାଷ୍ଟ ମେଟାଲ ଉତ୍ପାଦନ, ୪,୭୦,୧୦୮ମେଟ୍ରିକ ଟନ୍ ଧାତୁ ବିକ୍ରୟ ଏବଂ କୋଇଲା ଖଣି କାର୍ଯ୍ୟକ୍ଷମ ହେବାର ପ୍ରଥମ ବର୍ଷରେ ୨ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିଛି।

ଏ ସମ୍ପର୍କରେ ନାଲ୍କୋର ସିଏମ୍ଡି ଶ୍ରୀଧର ପାତ୍ର କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ କମ୍ପାନୀ ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ସର୍ବାଧିକ ରେକର୍ଡ କରିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି, ଯାହାକି ବ୍ୟବସାୟିକ ପ୍ରଦର୍ଶନ, ତଥା ଅଭିବୃଦ୍ଧିରେ ପ୍ରତିଫଳିତ ହୋଇଛି। ସେହିଭଳି କମ୍ପାନୀର କର୍ମଚାରୀ ଏବଂ ବିଭିନ୍ନ ହିତାଧିକାରୀଙ୍କ ପ୍ରତିବଦ୍ଧତା ଏବଂ ସହଯୋଗରେ ଏହି ସଫଳତା ହାସଲ ହୋଇପାରିଛି। ଏପରିକି ଭବିଷ୍ୟତରେ ଆଲୁମିନିୟମ ଦରର ସ୍ଥିରତା ଏବଂ ଚାହିଦା ବୃଦ୍ଧି ସହିତ ନାଲକୋ ତା'ର ଅଭିବୃଦ୍ଧିର କାହାଣୀ ଜାରି ରଖିବାକୁ ସଦାସର୍ବଦା ପ୍ରସ୍ତୁତ ରହିଛି।

# ଶେୟାର ବଜାର କାରବାରରେ ହ୍ରାସ

ଭୁବନେଶ୍ୱର,୨୭।୫



କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୨୦ (୧୮.୮୯) ପଏଣ୍ଟ କମି ୭୫,୩୯୦ (୭୫,୩୯୦.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୫ (୨୪.୬୫) ପଏଣ୍ଟ ହ୍ରାସ ଘଟି ୨୨, ୯୩୨ (୨୨,୯୩୨.୪୫)ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ)

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାହାଡା ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଦଖଲକୁ ନେଇଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସାହାଡା ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ସାହାଡା ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା : ଶ୍ରୀ ରମାକାନ୍ତ ବେହେରା, ପିତା: ମହେନ୍ଦ୍ର ପ୍ରସାଦ ବେହେରା, ସା: ଏଡ଼ତାଲ, ପୋ.: ପଦ୍ମପୁର, ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ-୭୫୬୧୨୪ | ୨୯.୦୫.୨୦୨୩ ସୁଦ୍ଧା ଟ.୧୪,୦୬,୬୩୭.୩୪ + ସେବାବଦ ସୁଧ | ୨୮.୦୬.୨୦୨୩ / ୨୨.୦୫.୨୦୨୪ | ଶ୍ରୀ ରମାକାନ୍ତ ବେହେରା, ପିତା.: ମହେନ୍ଦ୍ର ବେହେରାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୯୬୭/୧, ପ୍ଲଟ୍ ନଂ.: ୧୬୬୪/୫୬୩୮, ମୋଟ କ୍ଷେତ୍ର: ଏକର ୦.୦୭ ଡିସିମିଲି, ମୌଜା: ଏଡ଼ତାଲ, ତହସିଲ/ଥାନା: ବାସୁଦେବପୁର, ଜିଲ୍ଲା: ଭଦ୍ରକ, ପିନ୍: ୭୫୬୧୨୪, ଏହାର **ଚାରିପାର୍ଶ୍ୱରେ** ଉତ୍ତର: କୈଳାସ ଜେନା, ଦକ୍ଷିଣ: ନିରଞ୍ଜନ ଜେନା, ପୂର୍ବ: ଗଜେନ୍ଦ୍ର ବେହେରା, ପଶ୍ଚିମ: ମହେନ୍ଦ୍ର ବେହେରା |

ସ୍ଥାନ: ବାଲେଶ୍ୱର, ତାରିଖ: ୨୭.୦୫.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

# ଡ୍ରିମ୍ସ ପଲିଟେକ୍ନିକ୍‌ର କ୍ୟାମ୍ପସ ଚୟନ




ଭୁବନେଶ୍ୱର,୨୭।୫

**୪୪୨ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍ସ ଗ୍ରୁପର ପ୍ରମୁଖ କଲେଜ ଡ୍ରିମ୍ସ ପଲିଟେକ୍ନିକର କ୍ୟାମ୍ପସ ଚୟନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଲେଜର ମୋଟ ୪୪୨ ଜଣ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ମିଳିଛି। ଏପରିକି ଗତ ୬ ମାସ ମଧ୍ୟରେ ବିଭିନ୍ନ କମ୍ପାନୀ ପକ୍ଷରୁ ଆୟୋଜିତ ହୋଇଥିବା କ୍ୟାମ୍ପସ ଚୟନରେ କଲେଜର ସିଭିଲ, ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ ଇଞ୍ଜିନିୟରିଂ ଭଳି ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରି ଏହି ସଫଳତା ହାସଲ କରିଛନ୍ତି।

ସେହିଭଳି ଦେଶର ପ୍ରତିଷ୍ଠିତ ଉଦ୍ୟୋଗ ମଧ୍ୟରେ ଆପୋଲୋ ଟାୟାର, ଭୋଲଟାସ୍, ହିଟାଚି ଆସଟେମୋ ଲିଃ, ଏଚ୍ଏଫ୍ସିଏଲ୍ ଗ୍ରୁପ, ଟାଟା ଷ୍ଟିଲ, ସୁବ୍ରୋସ ଲିମିଟେଡ୍, ଟେକ୍ ମହିନ୍ଦ୍ରା, ଟାଟା ପାୱାର, ଥରମାକ୍ସ, ଏକଜିମ୍ ଲଜିଷ୍ଟିକ୍, କ୍ୟୁମେନ୍ସ ଇଣ୍ଡିଆ, ଏସ୍‌ପିଡି କନ୍‌ଷ୍ଟ୍ରକଶନ୍, ଆମ୍ପିନ୍ ଏନର୍ଜି ଟ୍ରାଞ୍ଜିସନ୍, ବଜାଜ ଅଟୋ, ଆର୍ସେଲର ମିତ୍ତଲ ନିପନ ଷ୍ଟିଲ, ଏଲ୍ ଆଣ୍ଡ ଟି, ଇନଡଚ୍ କମ୍ପୋଜିଟ୍ସ ଟେକ୍ନୋଲୋଜି, ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍ ଭଳି ପ୍ରମୁଖ କମ୍ପାନୀ ପକ୍ଷରୁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା।

ସେହିପରି ବୈଷୟିକ ଶିକ୍ଷା ଓ ବିଷୟଗତ ପାରଦର୍ଶିତା ଓ ଯୋଗାଯୋଗ କ୍ଷେତ୍ରରେ ପ୍ରଭାବୀ ପ୍ରଦର୍ଶନ ଆଧାରରେ ଏହି ନିଯୁକ୍ତି ଚୟନ କରାଯାଇଥିଲାବେଳେ ଛାତ୍ରୀଛାତ୍ର ଯେଭଳି ଅଧିକ ସଂଖ୍ୟାରେ କର୍ମ ନିଯୋଜନ ସୁଯୋଗ ପାଇବେ, ସେଥିପାଇଁ ଆବଶ୍ୟକ ପ୍ରଶିକ୍ଷଣ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମମାନ ପୂର୍ବରୁ ଆୟୋଜନ କରାଯାଇଥିବା ଶିକ୍ଷାନୁଷ୍ଠାନର ପ୍ଲେସ୍‌ମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅପରପକ୍ଷରେ ନିଯୁକ୍ତି ସୁଯୋଗ ପାଇଥିବା ଛାତ୍ରୀଛାତ୍ରଙ୍କୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଏକାଡେମିକ୍ ନିର୍ଦ୍ଦେଶକ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଇଂ. ତପସ୍ୱିନୀ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାଜିମାତ

ଭୁବନେଶ୍ୱର,୨୭।୫

**ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳାଫଳ**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ୨ ବିଜ୍ଞାନ ଫଳାଫଳରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ଫଳାଫଳ ସହ ବାଜିମାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାରଙ୍କ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାର ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଏପରିକି ସାରା ରାଜ୍ୟରେ ବିଜ୍ଞାନ ବିଷୟର ଫଳାଫଳ ୮୬.୯୩% ହୋଇଥିବା ବେଳେ ପରୀକ୍ଷା ସୂଚନା ଅନୁଯାୟୀ କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଫଳାଫଳ ଶତପ୍ରତିଶତ ସହ ବିଦ୍ୟାଳୟର ଅତୀତର ଗୌରବ ବଜାୟ ରଖିଛି। ଏହି ବିଦ୍ୟାଳୟର ମୋଟ ୩୬୫ ଛାତ୍ରୀଛାତ୍ର ଯୁକ୍ତ୨ ବିଜ୍ଞାନ ବିଷୟରେ ପରୀକ୍ଷା ଦେଇ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏପରିକି ମୋଟ ୩୬୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୨୮ ଜଣ ୯୦% ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୪ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଦ୍ୟାଳୟର ମୋଟ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ ଜଣ ପିଲା ୯୦% ଉପରେ ନମ୍ବର ରଖିଥିବାବେଳେ ୪୨ଜଣ ୫୦୦ ନମ୍ବର ଉପରେ ଏବଂ ୭୮ ଜଣ ୮୦% ଉପରେ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

ଏ ସମ୍ପର୍କରେ ଅନୁଷ୍ଠାନର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତରଞ୍ଜନ ମିଶ୍ର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଦେବା ସହିତ ଶୁଭେଚ୍ଛା ଜଣାଇ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କର ମଙ୍ଗଳ କାମନା କରିଛନ୍ତି। ଅପରପକ୍ଷରେ ଅନୁଷ୍ଠାନର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ନିରବଚ୍ଛିନ୍ନ କଠିନ ପରିଶ୍ରମ, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟଙ୍କ ଉନ୍ନତମାନର ତତ୍ତ୍ୱାବଧାନ ଏବଂ ସମସ୍ତ କର୍ମଚାରୀଙ୍କର ପ୍ରଚେଷ୍ଟା ବଳରେ ବିଦ୍ୟାଳୟ ଶତପ୍ରତିଶତ ଫଳାଫଳ ସହ ଅନୁଷ୍ଠାନର ଗୌରବ ବଜାୟ ରଖିବାରେ ସଫଳ ହୋଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.13/ET/SBP/ENGG/2024-25, ତା.21.05.2024ରିଖ

(1)ଇ-ଟେଣ୍ଡର ସଂ.10-eT-DENS-SBP-24

**କାର୍ଯ୍ୟର ନାମ:** ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ)/ସମ୍ବଲପୁର ପରିସୀମା ଅଧୀନସ୍ଥ ମୋଟ୍ ଷ୍ଟେସନ ସର୍ବେକ୍ଷଣ ସମ୍ପାଦନ ସହିତ ଦେଓଗାଁ ରୋଡ୍ (Ex) - ସିଙ୍ଗାପୁର ରୋଡ୍ (Ex) ମେନ୍ ଲାଇନ୍ (ଅପ୍, ଡାଉନ୍ ଏବଂ ତୃତୀୟ ଲାଇନ୍)ରେ ଘଣ୍ଟା ପ୍ରତି 130 କି.ମି. ପର୍ଯ୍ୟନ୍ତ ଗତି ବୃଦ୍ଧି ସମ୍ବନ୍ଧୀୟ କର୍ଯ୍ୟ ଏବଂ ଷ୍ଟେସନ ୟାର୍ଡଗୁଡ଼ିକର ରିଆଲାଇନ୍‌ମେଣ୍ଟ ନିମନ୍ତେ ଫିଜିବିଲିଟି ଯାଞ୍ଚ, ଡ୍ରଇଂର ପ୍ରସ୍ତୁତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 30,41,241.86/-, **ବିଡ୍ ସିକ୍ୟୁରିଟି (ଟଙ୍କାରେ):** 60,900/-।

(2)ଇ-ଟେଣ୍ଡର ସଂ.12-eT-DENS-SBP-24

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ସିକିରି-ଗୁପ୍ତା ରୋଡ୍ ସେକ୍ସନରେ 09 ଗୋଟି ଦୁର୍ବଳ ଟ୍ରେସ୍‌ପାସିଂ ସ୍ଥାନଗୁଡ଼ିକ ଠାରେ ଟ୍ରାକ୍ (ଅପ୍ ଏବଂ ଡାଉନ୍) ସହିତ ୱେଲ୍ଡ ମେସ୍ ପ୍ୟାନେଲଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସୁରକ୍ଷିତ ବାଡ଼ ଦ୍ୱାରା ଟ୍ରାକର ରକ୍ଷଣାବେକ୍ଷଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 42,49,415.04/-, **ବିଡ୍ ସିକ୍ୟୁରିଟି (ଟଙ୍କାରେ):** 85,000/-।

**ଶେଷ ହେବା ଅବଧି:** 05(ପାଞ୍ଚ) ମାସ (କ୍ରମ ସଂ.1 ପାଇଁ) ଏବଂ 06(ଛଅ) ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.18.06.2024ରିଖ 1500 ଘଣ୍ଟିକାରେ (ଉଭୟ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ)/ସମ୍ବଲପୁର

PR-153/P/24-25

**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 544 / 2023**

State Bank of India, SARB, Cuttack .....Applicant
Versus
M/s. Kalijai Bhandar & Others ....Defendants

To,

1. **M/s. Kalijai Bhandar,** Partners: Mohmmad Zina & Baidyanath Parwat, At- Malgodown, Holding No. 164/A, Ward No. 25, P.O- College Square, Dist.: Cuttack (Odisha), PIN-753003.
2. **Mohmmad Zina,** S/o- Mohmmad Faruk, Partner of : M/s. Kalijai Bhandar, At- Thoriapada, P.O- Somepur, Dist.: Cuttack (Odisha), PIN-754130.
3. **Baidyanath Parwat,** S/o- Ramdev Parwat, Partner of : M/s. Kalijai Bhandar, At- Najarpur, P.O- Jagatpur, Dist.: Cuttack (Odisha), PIN-754021.

**SUMMONS BY PAPER PUBLICATION**

**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 544 / 2023** in the Court of the Debts Recovery Tribunal, Cuttack for recovery of **Rs.1,87,22,523.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the date of publication or on **28.06.2024 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in thier absence.

Given under my hand and seal of this Tribunal on this **24th day of May, 2024.**

Sd/- (Nikhila Ranjan Pati)
REGISTRAR

**STATE SELECTION BOARD**
**DEPARTMENT OF HIGHER EDUCATION**
GOVT. OF ODISHA
BHUBANESWAR - 09

**NOTICE**

No. 256 / SSB — Date - 22.05.2024

No. N-06 : It is for information of all concerned that the Written Examination for recruitment to the Post of Junior Assistants in Odisha University of Health Sciences, Council of Higher Secondary Education and Board of Secondary Education, Odisha (Advt. No. 02/2024) will be held in one sitting (from 10:00 A.M. to 12:30 P.M.) on 19.06.2024 (Wednesday) at Balasore, Berhampur, Bhubaneswar, Jeypore and Sambalpur Zones.

Hall Tickets (Admit Cards) of the candidates will be available in the official website of State Selection Board, Odisha : www.ssbodisha.ac.in w.e.f 1.00 P.M. of 12.06.2024. Candidates are advised to download their Hall Tickets (Admit Cards) from the above website by entering their Date of Birth and Mobile No.

Candidates are further advised to remain in constant touch with the official website of State Selection Board for the instructions to be issued from time to time.

Sd./-President

Government of Odisha
**Department of Social Security and Empowerment of Persons with Disabilities**

No. 3848/SSEPD — Dt. 24.05.2024
SSEPD-DA6-SCH-0004-2023

**3rd CORRIGENDUM TO e-TENDER NOTICE NO. 1644 dated 02.03.2024**

No. gg-03 : In pursuance with Technical Committee meeting, following corrigendum is hereby incorporated in the e-tender bid documents issued vide e-Tender Notice No. 1644 dated 02.03.2024 :

1. Turnover criteria of bidders are reduced from existing 20 Cr. to 10 Cr. for any two years of the last three financial years.
2. Last date of submission of bids is extended to 04.06.2024 at 5 PM and to be opened on 07.06.2024 at 11 AM.
3. Some specifications/point of equipment as prescribed in the revised list of equipment issued vide 2nd corrigendum Notice No. 3443 dated 04.05.2024 are changed/modified/removed. The detailed are annexed as Annexure - 1.
4. Podiatry unit for diabetic and different wide range of foot disorders is included in the revised list of equipment as proposed and mentioned as Equipment-06 of Section-II in earlier specification of equipment and listed in tender document issued vide e-tender Notice No. 1644 dtd. 02.03.2024 with modification as detailed in Annexure - 1.

Sd./- Director

Your classified advertisement published in Dharitri will be listed free in Dharitri online edition :
www.dharitri.com

**TP SOUTHERN ODISHA DISTRIBUTION LIMITED**
**(Procurement Department)**
TPSODL

**BPR North Star Building,**
**2nd Floor, Khodasingi, Berhampur, Odisha-760010**

**NOTICE INVITING TENDER** — Dt.: 28.05.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | Rate Contract for Meter Data Downloading Through CMRI & Non CMRI, Bill Printing, Bill Distribution and Site Verification of Permanent Disconnected Three Phase Consumers. | TPSODL/OT/2024-25/016 | 5 Lacs | 5,000 | 10.06.2024; 18:00 Hrs. |
| 2 | Rate contract for construction of 2x1.6MVA 33/11 KV PSS at Jodamba under SWAMBHIMAN area of Malkangiri. | TPSODL/OT/2024-25/017 | 10 Lacs | 5,000 | 08.06.2024; 18:00 Hrs. |
| 3 | Rate Contract for providing power supply to 3MVA Load for charging of E-Bus operation project near bus terminal, Haladiapadar, Berhampur. | TPSODL/OT/2024-25/018 | 8 Lacs | 5,000 | 08.06.2024; 18:00 Hrs. |

For detailed tender, please visit Tender Section on TPSODL website https://www.tpsouthernodisha.com

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ / Union Bank of India — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୨.୦୬.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡ଼ିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୦,୪୫,୨୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୨. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ଼, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୯,୮୭,୪୦୦/- / ଟ.୧,୦୦,୦୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୩. | **କୋର୍ଟପେଟା ଶାଖା, ଫୋନ୍: ୭୮୯୪୬୨୫୫୧୧/** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁନ୍ଦା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁନ୍ଦା, ମେନ୍ ରୋଡ୍, ସୁକୁନ୍ଦା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୮,୪୮,୯୨୦/- / ଟ.୮୫,୦୦୦/- / ଟ.୮,୫୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |
| ୪. | **ଭାବିନିପୁର ଶାଖା, ଫୋନ୍: ୭୮୯୪୧୧୯୯୧୦ /** ୧) **ବି ଚନ୍ଦ୍ରୟା,** ପିତା: ବୁରୁଡୁ ସାତେୟା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ୨) **ବି ଲଚିମି ଆମ୍ମା,** ସ୍ୱାମୀ: ବି ଚନ୍ଦ୍ରୟା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, ୩) **ରବି ନାରାୟଣ ସାହୁ,** ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୨.୦୧.୨୦୨୦ ସୁଦ୍ଧା ଟ.୬,୭୩,୯୬୨/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବି ଲଚିମି ଆମ୍ମା**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ରେଭିନ୍ୟୁ ମୌଜା: ଡୁରା, ପଡା ପେଣ୍ଠାପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପି ଏରମ୍ମାଙ୍କ ଗୃହ, ପଶ୍ଚିମ: ବି ସାତେୟାଙ୍କ ଗୃହ, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ଟ.୯,୮୭,୭୦୦/- / ଟ.୯୯,୦୦୦/- / ଟ.୯,୯୦୦/- | ଆକାଉଣ୍ଟ ନଂ.: 217111980050000 IFSC Code: UBIN0821713 |

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୧୧.୦୬.୨୦୨୪ ଅପରାହ୍ନ ୪.୦୦ ଘଟିକା ପୂର୍ବରୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୧୦.୦୬.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://www.mstcecommerce.com/auctionhome/ibapi/index.jsp,www.unionbankofindia.co.in ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୭.୦୫.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗ୍ଲୋବାଲ ମେଣ୍ଟ୍ରୁରେଶନ ଡେ', ସ୍ଥାନ: ହୋଟେଲ ସୂର୍ଯ୍ୟାଂଶ, ସମୟ: ପୂର୍ବାହ୍ନ ୧୦ଟା।
- କମ୍ରେଡ ଶିବରାମଙ୍କ ୩ୟ ସ୍ମାରକୀ ବକ୍ତୃତା, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୫ଟା।
- ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ୨୦ତମ ନାରଦ ଜୟନ୍ତୀ ଓ ନାରଦ ସମ୍ମାନ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ୬ଷ୍ଠ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- କଳାବିକାଶ କେନ୍ଦ୍ର ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର ପରିସର, ସମୟ: ଅପରାହ୍ନ ୪ଟା ୪୫।
- ଶିକ୍ଷାବିତ୍ ମନ୍ମଥ ସାହୁଙ୍କ ଆତ୍ମଜୀବନୀ ଉପନ୍ୟାସ ଉନ୍ମୋଚନ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ମାନସ ଚିନ୍ତନଚକ୍ର ପକ୍ଷରୁ ଶ୍ରୀରାମ ଚରିତ ନବାହ୍ନ ପାରାୟଣ ଆରମ୍ଭ, ସ୍ଥାନ: ଶ୍ରୀରାମ ମନ୍ଦିର ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାର୍ଷିକ ଉପଶାସ୍ତ୍ରୀ ଫଳ ପ୍ରକାଶ, ସ୍ଥାନ: ଶ୍ରୀବିହାର ପରିସର, ପୁରୀ, ସମୟ: ଅପରାହ୍ନ ୩ଟା।
- ଭାଜପା ପକ୍ଷରୁ ନିର୍ବାଚନୀ ସଭା, ସ୍ଥାନ: ନିମାପଡ଼ା ଇଣ୍ଡୋର ଷ୍ଟାଡିୟମ୍, ସମୟ: ଅପରାହ୍ନ ୩ଟା।
- ପ୍ରଭୁ ଶ୍ରୀକପିଳେଶ୍ୱରଙ୍କ ଚନ୍ଦନ ଉତ୍ସବ, ସ୍ଥାନ: ଚନ୍ଦନ ପୁଷ୍କରଣୀ ପାଟପୁର, ନିମାପଡ଼ା, ସମୟ: ଦିନ ଚାପ ଅପରାହ୍ନ ୪ଟା ଓ ରାତ୍ରି ଚାପ ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଷଡ଼ବିଂଶ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ, ସ୍ଥାନ: ଅସରଳା, ବୋଲଗଡ଼, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ବାଲେଶ୍ୱର ଜିଲାରେ ନିର୍ବାଚନୀ ପ୍ରଚାର, ସ୍ଥାନ: ଶିଖରପୁର ସ୍କୁଲ ପଡ଼ିଆ, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୫୫। ସ୍ଥାନ: ହେଲିପ୍ୟାଡ୍ ପଡ଼ିଆ, ଥାନା ଛକ, ଭୋଗରାଇ, ସମୟ: ମଧ୍ୟାହ୍ନ ୧୨ଟା ୪୫। ସ୍ଥାନ: ବାସୁଦେବପୁର ପଡ଼ିଆ, ଦେଉଳା, ବସ୍ତା, ସମୟ: ଅପରାହ୍ନ ୧ଟା ୩୫। ସ୍ଥାନ: କୁରୁଡ଼ା ହାଟ ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୪ଟା। ସ୍ଥାନ: ବଣଭୂଇଁ ପଡ଼ିଆ, ନୀଳଗିରି, ସମୟ: ଅପରାହ୍ନ ୫ଟା। ସ୍ଥାନ: ରିଜର୍ଭ ପୋଲିସ ଲାଇନ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଯୁକ୍ତ ୩ ପରୀକ୍ଷା ଫଳ ପ୍ରକାଶନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ରେମୁଣା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- କଂଗ୍ରେସର ପରିବର୍ତ୍ତନ ସମାବେଶ, ସ୍ଥାନ: ଖଇରା ଦୁର୍ଗାମଣ୍ଡପ, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଭାଜପାର ସମାବେଶ, ସ୍ଥାନ: ଶୁଳିଆପଦା ପଡ଼ିଆ, ଶୁଳିଆପଦା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- କଂଗ୍ରେସର ପଦଯାତ୍ରା, ସ୍ଥାନ: ଯଶିପୁର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନିର୍ବାଚନୀ ସଭା, ସ୍ଥାନ: ଦୁର୍ଗାପଡ଼ିଆ, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ବ୍ଲକ ଭାଜପା କାର୍ଯ୍ୟାଳୟ, ବନ୍ତ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ମା' ମଙ୍ଗଳାଙ୍କ ମନ୍ଦିରରେ ପୂଜା ଉତ୍ସବ, ସ୍ଥାନ: ଭୁଇଁପୁର, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ହନୁମାନଙ୍କ ମନ୍ଦିରରେ ବେଦପାଠ, ଯଜ୍ଞ ଏବଂ ପୂଜାର୍ଚ୍ଚନା, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା।

## ବ୍ରହ୍ମପୁର
- ବୀର ସାବରକରଙ୍କ ଜୟନ୍ତୀ, ସ୍ଥାନ: ଗଞ୍ଜାମ କଳାପରିଷଦ,ସମୟ: ସକାଳ ୯ଟା ୩୦।
- ଶ୍ରମିକଙ୍କ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପ୍ରକାଶମ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: ଏମକେସିଜି ମେଡିକାଲ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ
- ବ୍ରାହ୍ମଣୀଦେବୀଙ୍କ ନଗର ଭ୍ରମଣ, ସ୍ଥାନ: ଭଞ୍ଜନଗର ସହର ଭେଜିପୁଟ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ପ୍ରତିଷ୍ଠା ବାର୍ଷିକ ଉତ୍ସବ, ସ୍ଥାନ: ପୁଇଁତୋଳା, ସମୟ: ସକାଳ ୮ଟା।

## ଗଜପତି
- ଭୋଟ ଗଣତି ସମ୍ପର୍କିତ ଖବରଦାତା ସମ୍ମିଳନୀ,ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।

## ରାୟଗଡ଼ା
- ରଥଯାତ୍ରାକୁ ଦୃଷ୍ଟିରେ ରଖି ହିନ୍ଦୁ ରାଷ୍ଟ୍ର ସଂଘର ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା

## ନବରଙ୍ଗପୁର
- ଠାକୁରାଣୀ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସରାଗୁଡ଼ା ଗ୍ରାମ ଠାକୁରାଣୀ ମନ୍ଦିର ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା।
- ଗ୍ରୀଷ୍ମକାଳୀନ ସନ୍ତରଣ ପ୍ରଶିକ୍ଷଣ, ସ୍ଥାନ : ଡା.ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।
- ମୁଦିପଡା ସରାକାରୀ ପ୍ରାଥମିକ ବିଦ୍ୟାଳୟ ପ୍ଲାଟିନମ ଜୟନ୍ତି ମହୋତ୍ସବ ପାଳନ ସମିତି ବୈଠକ, ସ୍ଥାନ : ସ୍କୁଲ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ହକି ତାଲିମ ଶିବିର, ସ୍ଥାନ: ଟାଉନ୍ ବାଳକ ଉଚ୍ଚ ବିଦ୍ୟାଳୟ ପଡ଼ିଆ, ବଲାଙ୍ଗୀର, ସମୟ: ସକାଳ ୬ଟା

## ସୁବର୍ଣ୍ଣପୁର
- କେପିଏଲ ଧମାକାର ତୃତୀୟ ଦିବସ, ସ୍ଥାନ: କୋଟସମଲାଇ, ଉଲୁଣ୍ଡା , ସମୟ:ସକାଳ ୭ଟା।
- ନବାହ୍ନ ପାରାୟଣର ତୃତୀୟ ଦିବସ, ସ୍ଥାନ: ବଡବର୍ଡାକଟା ହରିହର ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ଟା।

## ରାଉରକେଲା
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମଣି କଲୋନୀ ଓରାମପଡା, ସମୟ: ସକାଳ ୮ଟା୩୦।
- ଓରାମ କଳା ସଂସ୍କୃତିର ଉତ୍ସବ ଜ୍ୟୋଷ୍ଠ ଯାତ୍ରା, ସ୍ଥାନ: ଦୁର୍ଗାପୁର ସାରଣା ପୂଜାସ୍ଥଳ, ସମୟ: ଅପରାହ୍ନ ୨ଟା।
- ଜେଏସ୍ଏସ୍ ପକ୍ଷରୁ ବୈଠକ, ସ୍ଥାନ: ଜଗଦା ଶିବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ସଭା,ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଯୋଗେନ୍ଦ୍ରନାଥପୁର, ପାଇକମାଳ, ସମୟ: ସକାଳ ୮ଟା।
- ବୁଢ଼ାରଜା ଓ ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଜାମମାଲ, ଗାଇସିଲେଟ୍, ସମୟ: ସକାଳ ୮ଟା
- ଡ. ଗଙ୍ଗାଧର ଗୁରୁଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପଦ୍ମପୁର ରାଜବୋଡାସମ୍ବର ହାଇସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା।
- ଷୋହଳପ୍ରହର ନାମଯଜ୍ଞ ଆଳତି ଓ ଭୋଗ ଅର୍ପଣ, ସ୍ଥାନ: କୋମନା ବ୍ଲକ କୋନାବିରା ପଞ୍ଚାୟତ ପାଣ୍ଡେଲବାହାଲି, ସମୟ: ପ୍ରାତଃ ୫ଟା ୩୦।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଅସ୍ତଉଦୟ ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଦର୍ଲିପଡ଼ା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସକାଳ ୭ଟା ୪୩।

## ବୌଦ୍ଧ
- କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ସମଲେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ସହରସ୍ଥିତ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୫ଟା ୩୦।
- ବନ ଦୁର୍ଗାଙ୍କ ପୂଜାର୍ଚ୍ଚନା ସହ ଆଳତୀ, ସ୍ଥାନ: ସହରସ୍ଥିତ ବେହେରାମାଲ ବନ ଦୁର୍ଗା ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।

## ଢେଙ୍କାନାଳ
- ଶ୍ରୀ ଜଗନ୍ନାଥ କଥାମୃତ ପ୍ରବଚନ, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର ଏକ ଘରିଆ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ
- ଭୋଟ ଗଣନା ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଭୋଟ ଗଣନା ଲାଗି ପ୍ରସ୍ତୁତି ବୈଠକ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- କଣ୍ଟିଲୋ ନୀଳମାଧବ ଜୀଉଙ୍କର ଚନ୍ଦନ ଯାତ୍ରାର ୧୯ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ୧୯ତମ ଦିବସ, ସ୍ଥାନ: ନୟାଗଡ଼ ସାଗର ପୋଖରୀ, ସମୟ: ଅପରାହ୍ନ ୫ଟା।
- ଶ୍ରୀରଘୁନାଥ ରାମଚରିତ ମାନସ ପାରାୟଣର ୨ୟ ଦିବସ ପ୍ରବଚନ, ସ୍ଥାନ: ନୟାଗଡ଼ ମାଛିପଡ଼ା ତିନି ଦୋଳ ଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଜୀଉଙ୍କ ଭଉଁରୀ ଯାତ୍ରାର ୧୯ତମ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରାମ ସାଗର,ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ୧୯ତମ ଦିବସ, ସ୍ଥାନ: ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ବିଜେଡିର ନିର୍ବାଚନୀ ସଭା, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିର୍ବାଚନୀ ସଭା, ସ୍ଥାନ:ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର କେନ୍ଦ୍ରରେ ବୁଧ ରାଶିସ୍ଥ ଯୋଗୁ ଆତ୍ମୀୟଙ୍କ ସାହାଯ୍ୟ ପାଇବା କଷ୍ଟକର ହେବ। ଶୁକ୍ରଙ୍କ ପ୍ରଭାବରୁ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶ ପାଇପାରନ୍ତି। ଶନିଙ୍କ ଦୃଷ୍ଟି ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ରହିବ। ଆନୁଷ୍ଠାନିକ କାମରେ ସଫଳତା ପାଇବା କ୍ଷେତ୍ରରେ ଜଣେ ପୁରାତନ ସହକର୍ମୀଙ୍କ ସାହାଯ୍ୟ ମିଳିବ।

**ବୃଷ** ରାଶିରେ ଗୁରୁଶୁକ୍ର ହେତୁ ସାମାନ୍ୟ ପ୍ରତିବନ୍ଧକ ରହିଲେ ମଧ୍ୟ ଅଭିଳାଷ ପୂରଣ ପାଇଁ ଅନୁକୂଳ ବାତାବରଣ ଫେରିବ। ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟାକରି ସଫଳତା ପାଇପାରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା କମି କମି ଆସିବା ସୂଚନା ରହିଛି। ବନ୍ଧୁଙ୍କ ଆସିବା ବାଟକୁ ଚାହିଁରହି ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ଲାଭଭାବରେ ରାଶ୍ୟାଧିପ ଆପଣଙ୍କ ସକାଶେ ବନ୍ଧୁ, ଆତ୍ମୀୟ, ସହକର୍ମୀଙ୍କ ଆଦର ଅଭ୍ୟର୍ଥନାର ସୁଯୋଗ ଆଣିବ। ଅର୍ଥ ସମସ୍ୟା ସମାଧାନ ସହ ବ୍ୟବସାୟ, ଯାତ୍ରା, ନିର୍ମାଣ କାର୍ଯ୍ୟରେ ତତ୍ପର ରହିବେ। ଫାଇଲ୍ କାମ ଅଟକି ରହିଥିବା ସକାଶେ ଅନୁତାପ କରିପାରନ୍ତି। ସଭାସମିତି, ସଙ୍ଗଠନ କାମ, ରାଜନୀତି, ପ୍ରଶାସନ ପାଇଁ ଦିନଟି ଭଲ।

**କର୍କଟ** ଏକାଦଶସ୍ଥ ତିନୋଟି ଗ୍ରହ ଦୈନନ୍ଦିନର ଜୀବନଯାତ୍ରାକୁ ସୁଗମ କରାଇବେ। ପ୍ରଶାସନିକ ସ୍ତରରେ କିମ୍ବା ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇ ପାରନ୍ତି। ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶକରି ଅପ୍ରିୟ ହେବେ। କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ।

**ସିଂହ** ରବି କର୍ମାଧିପତି ସହ ଅବସ୍ଥାନକରି ଆପଣଙ୍କୁ କର୍ମମୁଖର କରାଇବା ସହ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଲାଭକରିବେ। ନିଷ୍ପତ୍ତି ଗ୍ରହଣରେ ନିରପେକ୍ଷ ତଥା ସତ୍ୟ ଓ ନ୍ୟାୟୋଚିତ ମନ୍ତବ୍ୟ ଦେଇ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁ ହସ୍ତକ୍ଷେପ କରିବାକୁ ନେହୁରା ହେବାକୁ ପଡ଼ିପାରେ।

**କନ୍ୟା** ରାଶି ପ୍ରତି ମଙ୍ଗଳଙ୍କ ଦୃଷ୍ଟି ଅମଙ୍ଗଳ ସଦୃଶ ପ୍ରତ୍ୟେକ କାମକୁ ବିବାଦୀୟ କରି ଅଶାନ୍ତ ପରିସ୍ଥିତି ସୃଷ୍ଟିକରିପାରନ୍ତି। ବର୍ତ୍ତମାନର ପରିସ୍ଥିତିରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିପାରିଲେ କେତେକାଂଶରେ ରିହାତି ମିଳିବ। ଜମିବାଡ଼ି ସମ୍ପତ୍ତିକୁ କେନ୍ଦ୍ରକରି ପଡ଼ୋଶୀ କିମ୍ବା କ୍ରୟକାରୀ ବନ୍ଧୁଙ୍କ ସହ କଳହ ସୃଷ୍ଟି ଆଶଙ୍କା ରହିଛି।

**ତୁଳା** ଭାଗ୍ୟାଧିପ ବୁଧ ରାଶିକୁ ଦେଖୁଥିବାରୁ ଅନୁକୂଳ ବାତାବରଣ ମଧ୍ୟରେ ପ୍ରତ୍ୟେକ କାମକୁ ସୁଚାରୁ ରୂପେ ସମ୍ପାଦନ କରିପାରିବେ। କିନ୍ତୁ ପାପମଧ୍ୟସ୍ଥ ରାଶ୍ୟାଧିପତି ଜନିତ ବିଶେଷ ଭ୍ରମଣ ସାଙ୍ଗକୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ନୂତନ କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ର ମନ୍ଦ ହେବନି।

**ବିଛା** ଶନି କ୍ଷେତ୍ରସ୍ଥ ଚନ୍ଦ୍ର ପ୍ରଭାବରୁ କାମର ଚାପ ଓ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଆତ୍ମୀୟଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବା ଆଶଙ୍କା ଏଡ଼ାଇ ଦିଆଯାଇ ନ ପାରେ। ଆଜି ଏକାଧାରରେ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

**ଧନୁ** ପ୍ରିୟଜନର ଅନୁପସ୍ଥିତି ମନରେ ଭାବାନ୍ତର ସୃଷ୍ଟି କରିବାଜନିତ ଆନମନା ରହିବେ। କେତୁ ପ୍ରଭାବରୁ କର୍ମକ୍ଷେତ୍ରରେ ଚାପଗ୍ରସ୍ତ ହେବେ। ରାଜନୀତିରେ, ସଭାସମିତିରେ, ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ସାହିତ୍ୟ, ସଙ୍ଗୀତ, ଗବେଷଣା ତଥା ସମ୍ପର୍କ ସ୍ଥାପନ କ୍ଷେତ୍ରରେ ସଫଳତା ପାଇବେ।

**ମକର** ଚନ୍ଦ୍ରଙ୍କ ସୁପ୍ରଭାବ ସାଙ୍ଗକୁ ଅନୁକୂଳ ଗ୍ରହ ସ୍ଥିତି ହେତୁ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ଧନିଷ୍ଠା ନକ୍ଷତ୍ର ପାଇଁ ସମସ୍ତଙ୍କୁ ସନ୍ତୁଷ୍ଟ କରାଇବା ସହଜ ହେବନାହିଁ। ପରିବାରରେ ପରୋକ୍ଷ ସମାଲୋଚନା ଶୁଣି ବ୍ୟସ୍ତତା ପ୍ରକାଶ କରିପାରନ୍ତି। ପରୋକ୍ଷ ଶତ୍ରୁତା ହେତୁ ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ, କିନ୍ତୁ କର୍ମକ୍ଷେତ୍ର ସମସ୍ୟାବହୁଳ ରହିପାରେ। ଦୁଃସ୍ଥାନସ୍ଥ ଚନ୍ଦ୍ରଙ୍କ ଯୋଗୁ ଅଭାବ ଅସୁବିଧା ନ ଥାଇ ମଧ୍ୟ ବିଭିନ୍ନ ଦୁଶ୍ଚିନ୍ତା ମନକୁ ବିଶାଦିତ କରିବ। ବୁଧଙ୍କ ପ୍ରଭାବରେ ଯୋଗ, ଶରୀର ଚର୍ଚ୍ଚା, ବ୍ୟାୟାମ, ତୀର୍ଥାଟନ ପାଇଁ ମନ ବଳାଇପାରନ୍ତି। ଆନୁଷ୍ଠାନିକ, ସାମାଜିକ କିମ୍ବା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ।

**ମୀନ** ଶାରୀରିକ ସୁସ୍ଥତା, ଆର୍ଥିକ ଉନ୍ନତି, ବନ୍ଧୁଙ୍କ ସ୍ନେହ, ଶ୍ରଦ୍ଧା ବୁଧ ଓ ଶୁକ୍ରଙ୍କ ସ୍ଥିତିଜନିତ କମ୍‌ଜୋର ରହିବ। ଉତ୍ତରଭାଦ୍ରପଦ ନକ୍ଷତ୍ର ସାମାଜିକ ସ୍ତରରେ ସମ୍ମାନ, ସହଯୋଗ, କାର୍ଯ୍ୟସିଦ୍ଧିଜନିତ ଖୁସି ରହିବେ। କେତେକ କ୍ଷେତ୍ରରେ ଭାବପ୍ରବଣତାବଶତଃ କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। ବନ୍ଧୁ ନିଜ ସୁବିଧା ହାସଲ ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

ଆଜି ମେ ୨୮ ତାରିଖ, ବିନାୟକ ଦାମୋଦର ସାବରକରଙ୍କ ଜୟନ୍ତୀ, ଜ୍ୟେଷ୍ଠ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୦୯।୩୨ ଗତେ ଶ୍ରବଣା ମକର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୧ ମି. ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୦ ଗତେ, ଘ. ୦୪। ୩୮ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ

## ୧୦୩ ବିଧାୟକଙ୍କ ସମ୍ପତ୍ତି...

ବାର୍ଷିକ ଆୟ ୫ କୋଟି ଓ ସୁବାସିନୀ ଜେନାଙ୍କ ବାର୍ଷିକ ଆୟ ୩ କୋଟି ରହିଥିବା ଦର୍ଶାଇଛନ୍ତି। ଦିଲୀପ ରାୟ ତାଙ୍କ ବାର୍ଷିକ ଆୟ ପାଖାପାଖି ୩ କୋଟି ରହିଥିବା ଦର୍ଶାଇଛନ୍ତି। ବିଜେଡିର ୮୭% ପ୍ରାର୍ଥୀ କୋଟିପତି ହୋଇଥିବାବେଳେ ଭାଜପାର ୬୫%, କଂଗ୍ରେସର ୬୧% ଓ ଆପ୍‌ର ୨୭% କୋଟିପତି ପ୍ରାର୍ଥୀ ଅଛନ୍ତି। ପୁଣି ଥରେ ନିର୍ବାଚନ ଲଢୁଥିବା ୫ ବିଧାୟକ ପ୍ରାର୍ଥୀଙ୍କର ସମ୍ପତ୍ତି ୫ ବର୍ଷରେ କମିଯାଇଛି। ଦୀପାଳି ଦାସଙ୍କ ସମ୍ପତ୍ତି ୪୦ କୋଟିରୁ ୩୭ କୋଟି, ଅନନ୍ତ ନାରାୟଣ ଜେନାଙ୍କ ସମ୍ପତ୍ତି ୩ କୋଟିରୁ ୧ କୋଟି, ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସମ୍ପତ୍ତି ୩ କୋଟିରୁ ୨ କୋଟି ହୋଇଯାଇଛି। ସେହିପରି ନିର୍ବାଚନ ଲଢୁଥିବା ୧୩୦ ଜଣ ପ୍ରାର୍ଥୀଙ୍କର ସମ୍ପତ୍ତି ୫ କୋଟିରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୨ରୁ ୫ କୋଟି ୧୩୨, ୫୦ ଲକ୍ଷରୁ ୨ କୋଟି ୩୦୪, ୧୦ ଲକ୍ଷରୁ କମ୍ ସମ୍ପତ୍ତି ୪୩୪ ଜଣଙ୍କର ସମ୍ପତ୍ତି ଥିବା ଦର୍ଶାଯାଇଛି।

ଏଥର ନିର୍ବାଚନରେ ସବୁଠାରୁ ଅଧିକ ବୟସର ପ୍ରାର୍ଥୀଙ୍କ ଭିତରେ ଅଛନ୍ତି କେନ୍ଦୁଝର ପାଟଣାରୁ ନିର୍ବାଚନ ଲଢୁଥିବା କଂଗ୍ରେସ ପ୍ରାର୍ଥୀ ହୃଷୀକେଶ ନାୟକ। ତାଙ୍କର ବୟସ ୮୩ ବର୍ଷ ହୋଇଥିବା ବେଳେ ନିରଞ୍ଜନ ପଟ୍ଟନାୟକଙ୍କ ବୟସ ୮୧, ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ବୟସ ୮୦ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବୟସ ୭୭ ରହିଛି।

ନିର୍ବାଚନ ରାଜନୀତିରେ କ୍ରମଶଃ ଅଧିକ ଆପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀ ପ୍ରବେଶ କରୁଛନ୍ତି। ଭାଜପାର ୫୮% ପ୍ରାର୍ଥୀଙ୍କ ନାଁରେ ୫ ବର୍ଷରୁ ଅଧିକ ଦଣ୍ଡ ପାଇବା ଭଳି ଗୁରୁତର ମାମଲା ଥିବାବେଳେ କଂଗ୍ରେସର ୩୦% ଓ ବିଜେଡିର ୨୨% ପ୍ରାର୍ଥୀଙ୍କ ନାଁରେ ଗୁରୁତର ମାମଲା ରହିଛି। ଚଳିତ ନିର୍ବାଚନରେ ସମସ୍ତ ପର୍ଯ୍ୟାୟରେ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମୋଟ ୧୨୮୩ ପ୍ରାର୍ଥୀଙ୍କ ମଧ୍ୟରୁ ୩୪୮ ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ସେହିପରି ୨୯୨ ଜଣ ପ୍ରାର୍ଥୀଙ୍କ ନାମରେ ଗୁରୁତର ଆପରାଧିକ ମାମଲା ରହିଛି। ଭାଜପାର ୧୦୦, ବିଜେଡି ୬୦, କଂଗ୍ରେସ ୬୦ ଓ ଆମ୍ ଆଦ୍‌ମୀ ପାର୍ଟିର ୭ ଜଣ ପ୍ରାର୍ଥୀଙ୍କ ନାମରେ ଆପରାଧିକ ମାମଲା ରହିଛି।

ସେହିପରି ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ମଧ୍ୟରେ ୧୨ ଜଣ ଆଦୌ ପାଠ ପଢ଼ି ନ ଥିବା ବେଳେ ୪୮ ଜଣ ପଞ୍ଚମ ପାସ୍, ୧୦୪ ଅଷ୍ଟମ ପାସ୍, ୨୦୧୧ ଦଶମ ପାସ୍, ୨୦୩ ଦ୍ୱାଦଶ ପାସ୍, ୨୭୨ ଗ୍ରାଜୁଏଟ୍, ୧୯୩ ପୋଷ୍ଟ ଗ୍ରାଜୁଏଟ ଡିଗ୍ରୀଧାରୀ ରହିଛନ୍ତି। ସେହିପରି ୧୮ ଜଣ ପ୍ରାର୍ଥୀ ଡକ୍ଟରେଟ କରିଥିବା ବେଳେ ୫୧ ଜଣ ଡିପ୍ଲୋମା ପ୍ରାର୍ଥୀ ଅଛନ୍ତି।

ନାମାଙ୍କନ ପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ଦେଇଥିବା ସତ୍ୟପାଠକୁ ବିଶ୍ଳେଷଣ କରି ଆସୋସିଏଶନ୍ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ପକ୍ଷରୁ ସୋମବାର ଜାରି କରାଯାଇଥିବା ରିପୋର୍ଟରେ ଏଭଳି ତଥ୍ୟ ଦର୍ଶାଯାଇଛି।

## ପ୍ରଜ୍ୱଳ ୩୧ରେ ଏସ୍ଆଇଟିରେ...

ପ୍ରଜ୍ୱଳଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ମାମଲା ରୁଜୁ ହେବା ପୂର୍ବରୁ ସେ ଦେଶ ଛାଡ଼ି ପଳାଇଥିଲେ। ଯଦି ପ୍ରଜ୍ୱଳ ଦୋଷୀ ହୋଇଥାନ୍ତି, ତେବେ ସେ ଦଣ୍ଡିତ ହେବା ଆବଶ୍ୟକ ବୋଲି ଗତ ସପ୍ତାହରେ ଦେବେଗୌଡ଼ା କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବରୁ ପ୍ରଜ୍ୱଳଙ୍କ ପାଇଁ ନିର୍ବାଚନ ପ୍ରଚାର କରିଥିବାରୁ ବିରୋଧୀ ଦଳ ତାଙ୍କୁ ଟାର୍ଗେଟ କରିଥିଲେ। ମୋଦି ମଧ ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ମିଳିବା ଆବଶ୍ୟକ ବୋଲି କହିଥିଲେ।

## ୫ଦିନରେ କେରଳ...

ଜୁଲାଇରେ ସ୍ୱାଭାବିକ ବର୍ଷା ହେବ। କିନ୍ତୁ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ପୂରା ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷିବ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ସ୍ୱାଭାବିକଠାରୁ ଅଧିକ ବର୍ଷାର ସମ୍ଭାବନା ଥିବାରୁ କୃଷି କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ଆଶା ସଞ୍ଚାର ହୋଇଛି। ଆଇଏମ୍‌ଡି ମହାନିର୍ଦ୍ଦେଶକଙ୍କ କହିବାନୁସାରେ, ଜୁନ୍‌ରେ ଭାରତରେ ୯୨ରୁ ୧୦୮% ବର୍ଷା ହୋଇପାରେ, ଅର୍ଥାତ ସ୍ୱାଭାବିକ ବର୍ଷା ହେବ। ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ଦେଶର ଯେଉଁ ସବୁ ସ୍ଥାନରେ ଅଧିକ ମାତ୍ରାରେ କୃଷି କାର୍ଯ୍ୟ କରାଯାଉଛି, ସେଠାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଉତ୍ତର-ପଶ୍ଚିମରେ ସ୍ୱାଭାବିକ ଏବଂ କେନ୍ଦ୍ରୀୟ ଓ ଦକ୍ଷିଣ ପ୍ରାନ୍ତର ଉପଦ୍ୱୀପ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ଓ ଉତ୍ତରପୂର୍ବ ଭାରତରେ ମୌସୁମୀ ସ୍ୱାଭାବିକଠାରୁ କମ୍ ବର୍ଷିବ।

ବିଭାଗ କହିଛି, ଉତ୍ତରପଶ୍ଚିମ ଓ କେନ୍ଦ୍ରୀୟ ଭାରତରେ ଜାରି ରହିଥିବା ହିଟ୍‌ୱେଭରୁ ଶୀଘ୍ର ନିସ୍ତାର ମିଳିବ। ୩ଦିନ ପରେ ପଶ୍ଚିମା ଝଡ଼ ପ୍ରଭାବ ଯୋଗୁ ଏଠାରେ ତାପମାତ୍ରା ହ୍ରାସ ପାଇବ। ଅର୍ଥାତ ୩୦ ତାରିଖ ପରେ ଖରା ଓ ଗୁଳୁଗୁଳି କମିଯିବ। ଆଇଏମ୍‌ଡି ମହାନିର୍ଦ୍ଦେଶକ କହିଛନ୍ତି, ରାଜସ୍ଥାନ ଓ ଗୁଜରାଟରେ ଚଳିତବର୍ଷ ୯ରୁ ୧୨ ଦିନ ଗ୍ରୀଷ୍ମ ପ୍ରବାହ ଦେଖିବାକୁ ମିଳିଛି। ତାପମାତ୍ରା ୪୦ରୁ ୫୦ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ଦିଲ୍ଲୀ, ଦକ୍ଷିଣ ହରିୟାଣା, ଦକ୍ଷିଣ ପଶ୍ଚିମ ଉତ୍ତରପ୍ରଦେଶ ଓ ପଞ୍ଜାବରେ ୫ରୁ ୭ ଦିନ ହିଟ୍‌ୱେଭ ଅନୁଭୂତ ହୋଇଥିଲା। ଏହି ସମୟରେ ସର୍ବୋଚ୍ଚ ତାପମାତ୍ରା ୪୪ରୁ ୪୮ ଡିଗ୍ରୀ ମଧ୍ୟରେ ରହିଥିଲା। ମେ' ୨୫ ଓ ୨୬ରେ ଆସାମରେ ମଧ ତାପମାତ୍ରା ସବୁ ରେକର୍ଡ ଭାଙ୍ଗିଥିଲା ବୋଲି ମହାପାତ୍ର କହିଛନ୍ତି।

## କେନ୍ଦ୍ରାପଡ଼ାବାସୀ ନୁହେଁ,...

କେନ୍ଦ୍ରମନ୍ତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ତାଙ୍କ ଦେହ ଖରାପ ବିଷୟରେ ପଚାରିଥିଲେ। ସମସ୍ତେ କହିଥିଲେ ଯେ ଆମକୁ ବୈଜୟନ୍ତ ପଣ୍ଡା ଆପଣଙ୍କ ଦେହ ଖରାପ ବିଷୟରେ କହିଛନ୍ତି। ସେ ମଧ ତାଙ୍କ ନିଜସ୍ୱ ଚ୍ୟାନେଲରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଗୁଜବ ପ୍ରସାରଣ କଲେ। ତାଙ୍କର ଲୋଭ ଥିଲା ମୁଖ୍ୟମନ୍ତ୍ରୀ ସିଟ୍। ଏଥିରୁ ଜାଣନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସେ କିଭଳି ବିଶ୍ୱାସଘାତ କରିଛନ୍ତି। ଏଭଳି ଲୋକଙ୍କୁ ଆପଣ ଭୋଟ ଦେବେ କି ବୋଲି ପାଣ୍ଡିଆନ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏବଂ ପାଣ୍ଡିଆନଙ୍କ କମ୍ପାନୀ ଲାଭ ସଂକ୍ରାନ୍ତ ମନ୍ତବ୍ୟକୁ ନେଇ ବୈଜୟନ୍ତ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ କୃପାରୁ ତାଙ୍କର କମ୍ପାନୀ ଚଳାଇବା ପାଇଁ ଧନର ଆବଶ୍ୟକତା ନାହିଁ। ଲୋକଙ୍କ ସେବା ପାଇଁ ସେ ରାଜନୀତିକୁ ଆସିଛନ୍ତି। ବାପା ବଂଶୀଧର ପଣ୍ଡାଙ୍କ ବ୍ୟବସାୟ ବିଜୁ ଅଙ୍କଲଙ୍କ ସମୟରୁ ହୋଇଥିବାରୁ ଏହି ଅଭିଯୋଗ ଠିକ୍ ନୁହେଁ ବୋଲି ବୈଜୟନ୍ତ କହିଛନ୍ତି।

ସୋମବାର କେନ୍ଦ୍ରାପଡ଼ାରେ ନିର୍ବାଚନ ପ୍ରଚାର ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀଦଳ ନେତା ମିଛ କଥା କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଏସ୍‌କେୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରଶିପ୍, କାଳିଆ, ମଧୁବାବୁ ପେନ୍‌ସନ ଯୋଜନା, ରାଶନ କାର୍ଡ ଆଦି କେମିତି ଲାଗୁଛି, ପୁରୀ ମନ୍ଦିର କାମ କେମିତି ଲାଗୁଛି ବୋଲି ପ୍ରଶ୍ନ କରିଥିଲେ। ସବୁ ପ୍ରଶ୍ନର ଉତ୍ତରରେ ଉଚ୍ଛ୍ୱସିତ ସ୍ୱରରେ ଲୋକେ କହିଥିଲେ ବହୁତ ଭଲ। ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ। ବିଜୁ ଜନତା ଦଳ ସରକାର ମାଗଣା ବିଜୁଳି ଦେବ, ଆପଣମାନେ ଖୁସି ତ। ନବୀନ ପଟ୍ଟନାୟକ ଭଲ କି ପ୍ରଶ୍ନରେ ଭାବବିହ୍ୱଳ ହୋଇ ଉପସ୍ଥିତ ଜନତା ବହୁତ ଭଲ ବୋଲି କହିଥିଲେ।

ଏହି ଅବସରରେ ପାଣ୍ଡିଆନ କହିଛନ୍ତି, ଭାଜପା ଯେତେ ବଡ଼ ବଡ଼ ନେତା ବାହାରୁ ଆଣୁ କିଛି ହେବ ନାହିଁ। ଭାରତବର୍ଷର ସବୁଠୁ ଅଧିକ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ପାଇଁ ଲାଗିପଡ଼ି ଆଣିଛନ୍ତି। ଏଥିପାଇଁ ଜାପାନର ନିପନ କମ୍ପାନୀ ସହ କଥାବାର୍ତ୍ତା କରିବାକୁ ଯିବା ସମୟରେ ମୁଖ୍ୟମନ୍ତ୍ରୀ ବହୁତ କଷ୍ଟ ସ୍ୱୀକାର କରିଛନ୍ତି। ସିଙ୍ଗାପୁରରୁ ଜାପାନ ଯିବା ସମୟରେ ବିମାନରେ ଭଲ ସିଟ୍ ମିଳି ନ ଥିଲା। ପରେ ଯିବା ପାଇଁ କହିଥିଲୁ। କିନ୍ତୁ ମୁଖ୍ୟମନ୍ତ୍ରୀ ରାଜି ହୋଇ ନ ଥିଲେ, ଯେହେତୁ ନିପନ ଗ୍ରୁପ୍ ସହିତ ଆପଏଣ୍ଟମେଣ୍ଟ ଥିଲା, ଅସୁବିଧା ସତ୍ତ୍ୱେ ୮ ଘଣ୍ଟା ଗୋଡ଼ଜାକି କରି ଯାଇଥିଲେ। ଜାପାନରେ ୩-୪ ଦିନ ଭିତରେ ପ୍ରାୟ ୧୦୦ ଥର କେନ୍ଦ୍ରାପଡ଼ା କଥା ଉଠାଇଥିବେ। ଏଥିରୁ ଆପଣ ଜାଣନ୍ତୁ କେନ୍ଦ୍ରାପଡ଼ା ପ୍ରତି ତାଙ୍କର କେତେ ଦରଦ। କେନ୍ଦ୍ରାପଡ଼ା ମାଟି ବିଜୁବାବୁଙ୍କ କର୍ମଭୂମି ଥିଲା। ଏହାର ବିକାଶ ପାଇଁ ସେ ବହୁତ କାମ କରିଥିଲେ। ବିଜୁବାବୁ ତାଙ୍କର ସବୁ କିଛି ଛାଡ଼ି ରାଜନୀତିକୁ ଆସିଥିଲେ ଓଡ଼ିଶା ମା'ର ସେବା କରିବା ପାଇଁ। କିନ୍ତୁ ନିଜ ସମ୍ପତ୍ତି ବୃଦ୍ଧି କରିବା ପାଇଁ ବୈଜୟନ୍ତ ରାଜନୀତିରେ ଯୋଗ ଦେଇଛନ୍ତି।

ବାହାରୁ ବଡ଼ ବଡ଼ ନେତା ଆସିବେ, ମିଛ କଥା କହିବେ, ଅପପ୍ରଚାର କରିବେ, ସେମାନଙ୍କ କୁମ୍ଭୀର କାନ୍ଦଣାର ଆପଣମାନେ ଉଚିତ ଜବାବ ଦିଅନ୍ତୁ। ଆପଣମାନଙ୍କ ଓ ବଳଦେବଜୀଉଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ପୁଣି ଥରେ ଶପଥ ନେବେ। ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ବିଜୁଳି ବିଲ୍ ଛାଡ଼, ଦ୍ୱିତୀୟ ଦସ୍ତଖତରେ ସମସ୍ତଙ୍କୁ ବିଏସ୍‌କେୱାଇରେ ସାମିଲ ଓ ତୃତୀୟ ଦସ୍ତଖତରେ ମିଶନଶକ୍ତି ସଦସ୍ୟାମାନଙ୍କୁ ୬୦ ବର୍ଷ ପରେ ପେନ୍‌ସନ ସୁବିଧା ଦେବେ। କେନ୍ଦ୍ରାପଡ଼ା ମିଶନଶକ୍ତି ଫେଡେରେଶନ ବହୁତ ଭଲ କାମ କରୁଛି। ଚତୁର୍ଥ ଦସ୍ତଖତରେ କଲେଜ ପିଲାମାନଙ୍କୁ ସଂଶୋଧିତ ନୂଆ-ଓ ସ୍କଲାରଶିପ୍ ଦେବେ, ଝିଅ ପାଇବେ ୧୪ ହଜାର, ପୁଅ ପାଇବେ ୧୨ ହଜାର ଟଙ୍କା। ଯେତେ ବାହାର ନେତା ଆସି ଅପପ୍ରଚାର କଲେ ସେମାନେ ଜିତିବେ କି ବୋଲି ପାଣ୍ଡିଆନ ଲୋକଙ୍କୁ କହିଥିଲେ।


## ୪ ସୁଦ୍ଧା ରତ୍ନଭଣ୍ଡାର...

ରାଜ୍ୟରେ ୫-ଟି ସରକାର ଚାଲିଥିବା କୁହାଯାଉଛି। ତେବେ ଓଡ଼ିଶା ଆସି ବିଭିନ୍ନ ଜିଲାରେ ବୁଲିବା ପରେ ଜଣାପଡ଼ିଲା ଯେ, ଏହା ୫-ଟି ନୁହେଁ, ଗୋଟିଏ ଟି, ଯାହା ତାମିଲନାଡୁକୁ ବୁଝାଉଛି। ୫-ଟିର ଟ୍ରିମ୍‌ୱାର୍କ ନାମରେ କାର୍ତ୍ତିକ ପାଣ୍ଡିଆନ ଓ ତାଙ୍କ ସ୍ତ୍ରୀ ଏହି ରାଜ୍ୟକୁ ଚଳାଉଛନ୍ତି। ଏଠାରେ ଥିବା ଖଣିଜ ସମ୍ପଦ ଓ ରାଜସ୍ୱକୁ ୫ ଜଣ ତାମିଲ ବ୍ୟକ୍ତି ଖାଉଛନ୍ତି। ରାଜ୍ୟରେ ୧ ଲକ୍ଷ ସରକାରୀ ଚାକିରି ଫାଙ୍କା ଥିବା ବେଳେ ଯୁବବର୍ଗଙ୍କୁ ନିଯୁକ୍ତି ମିଳୁନାହିଁ। କର୍ମନିଯୁକ୍ତି ପାଇଁ ଓଡ଼ିଶାର ବିଭିନ୍ନ ଜିଲାରୁ ଲୋକେ ସୁରଟ ଯାଉଛନ୍ତି। ହେଲେ ଏଠାରେ ଖଣିଜ ସମ୍ପଦର ଲୁଟ୍ ଚାଲିଛି। ତାମିଲନାଡୁ ଠିକାଦାର ଏଠାରେ କାମ କରୁଛନ୍ତି। ଆରାଧଦେବ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ୪ ଦ୍ୱାର ବଦଳରେ ଗୋଟିଏ ଦ୍ୱାର ଖୋଲାଯାଇଛି, ଯାହା ଶ୍ରଦ୍ଧାଳୁଙ୍କୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ବାଧା ସୃଷ୍ଟି ହେଉଛି। ଆସନ୍ତା ୧୦ ତାରିଖରେ ରାଜ୍ୟରେ ଭାଜପା ସରକାର ଶପଥ ନେବାପରେ ଏହିସବୁ ସମସ୍ୟାର ସମାଧାନ ହେବ ବୋଲି ବିଶ୍ୱଶର୍ମା କହିଛନ୍ତି। ୧୧ ତାରିଖରେ ପାଣ୍ଡିଆନଙ୍କୁ ତାମିଲନାଡୁ ବିଦା କରାଯିବ। ଏଥିପାଇଁ ୧ ଟଙ୍କା ଲେଖାଏ ସଂଗ୍ରହ କରିବା ପାଇଁ ସେ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହ ବିଶ୍ୱଶର୍ମା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୩୦୦ ସିଟ୍ ମିଳିଲା ପରେ ଶ୍ରୀରାମ ଜନ୍ମଭୂମିର ୫୦୦ବର୍ଷର ସମସ୍ୟାର ସମାଧାନ ହୋଇ ରାମଲାଲାଙ୍କ ମୂର୍ତ୍ତି ପ୍ରତିଷ୍ଠା ହୋଇପାରିଲା। ଚଳିତ ଥର ଏନ୍‌ଡିଏକୁ ୪୦୦ ସିଟ୍ ମିଳିଲେ କୃଷ୍ଣ ଜନ୍ମଭୂମି ଓ ଜ୍ଞାନବ୍ୟାପି ସମସ୍ୟାର ସମାଧାନ ହୋଇପାରିବ। ସେହିପରି ପାକିସ୍ତାନ ଅଧିକୃତ କଶ୍ମୀର ଭାରତରେ ମିଶ୍ରଣ ହୋଇପାରିବ। ଓଡ଼ିଶାରେ ଭାଜପା ସରକାର ଗଠନ ହେଲେ ଦାଦନ ସମସ୍ୟା, ଖଣିଜ ସମ୍ପଦ ଲୁଟ, ଯୁବବର୍ଗଙ୍କୁ କର୍ମନିଯୁକ୍ତି ଆଦି ସମସ୍ୟାର ସମାଧାନ ହେବ। ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀମାନଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେବାକୁ ବିଶ୍ୱଶର୍ମା ଅନୁରୋଧ କରିଛନ୍ତି।

ଭାଜପାର ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶ୍ୱାସଘାତକ ଅଭିଯୋଗ ସମ୍ପର୍କରେ ଉତ୍ତର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏବେ ବି ତାମିଲନାଡୁର ରିମୋର୍ଟରଙ୍କ କବ୍‌ଜାରେ ଅଛନ୍ତି ବୋଲି ବୈଜୟନ୍ତ କହିଛନ୍ତି। ସଭାରେ କେନ୍ଦ୍ରମନ୍ତ୍ରୀ ବାବୁ ସିଂ ଚୌହାନ, ପାଟକୁରା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡା, ମହାକାଳପଡ଼ା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥିନୀ ଗୀତାଞ୍ଜଳି ସେଠୀ, ମାହାଙ୍ଗା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସୁମନ୍ତ ଘଡେଇ, ସାଲେପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ରାଜନୈତିକ ଶତ୍ରୁତାରୁ ରାଜଧାନୀରେ ବୋମାମାଡ଼

**ଭୁବନେଶ୍ୱର,୨୭।୫(ସତ୍ୟଜିତ୍ ରାଉତ):** ଭୁବନେଶ୍ୱରର ବରମୁଣ୍ଡା ଫାର୍ମ ରୋଡ୍ ତାରିଣୀ ମନ୍ଦିର ନିକଟରେ ସୋମବାର ଭୋର୍ ସମୟରେ ବୋମାମାଡ଼ ହୋଇଛି। ଏହି ବୋମାମାଡ଼ରେ ଏକ ସ୍କର୍ପିଓ (ଓଡି୦୨ସିକେ୦୧୮୩) କ୍ଷତିଗ୍ରସ୍ତ ହୋଇଥିବା ବେଳେ ମାଲିକ ଆହତ ହୋଇଛନ୍ତି। ସେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳର ରାଜେଶ ସାମନ୍ତସିଂହାର। ରାଜେଶଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ରାଜେଶଙ୍କ ବାପା ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶୁଖା ଖଡ଼ ଖଡ଼,**
**ମିଛ ସଂସାରେ ଲଢ଼ ବଢ଼।**

ମିଛ ମାୟାର ଏ ଦୁନିଆରେ କେହି ଆପଣାର ନୁହନ୍ତି। ମୋହମାୟାରେ ପଡ଼ି ମଣିଷ ମିଛରେ ଘାଣ୍ଟି ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଷାଠିଏ ମହଣ ଘିଅ ହେବ**
**ନା ରାଧା ନାଚିବ?**

ଅସାର ପରିକଳ୍ପନା। ସାମାନ୍ୟ କାର୍ଯ୍ୟ ପାଇଁ ବ୍ୟୟସାପେକ୍ଷ ବ୍ୟବସ୍ଥା। ପରୋକ୍ଷରେ ନ ହବା କଥା। ଏତେ ଯୋଗାଡ଼ ହୋଇପାରିବନି କି କାମଟି ହବନି ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିସାରିଲାଣି: ପାଣ୍ଡିଆନ

## ଭଦ୍ରକ ସହରରେ ରୋଡ୍ ଶୋ', ବାସୁଦେବପୁର ଓ ତିହିଡ଼ିରେ ନିର୍ବାଚନୀ ସଭା

ଭଦ୍ରକ (ସନାତନ ରାଉତ)/ ବାସୁଦେବପୁର(ନାରାୟଣ ପ୍ରସାଦ ବାରିକ୍)/ତିହିଡ଼ି(ସଞ୍ଜିତ୍ ବଳ),୨୭।୫

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩ୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଆଉ ଇତିମଧ୍ୟରେ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିସାରିଲାଣି ବୋଲି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ଭଦ୍ରକ ସଂସଦୀୟ କ୍ଷେତ୍ରର ବାସୁଦେବପୁର ଯାଦବ ପଡ଼ିଆରେ ସୋମବାର ଅନୁଷ୍ଠିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଏହା ପ୍ରକାଶ କରିଛନ୍ତି।

ଭଦ୍ରକ ରୋଡ୍ ଶୋ'ସମେତ ଏହି ସଂସଦୀୟ କ୍ଷେତ୍ରର ବାସୁଦେବପୁର ଓ ତିହିଡ଼ିରେ ପାଣ୍ଡିଆନ ନିର୍ବାଚନୀ ପ୍ରଚାର କରିଛନ୍ତି। ବାସୁଦେବପୁରରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରି ସ୍ଥାନୀୟ ଯାଦବ ପଡ଼ିଆରେ ଅନୁଷ୍ଠିତ ସଭାରେ ସେ କହିଛନ୍ତି, ଓଡ଼ିଶା ପ୍ରଗତିର ଶୀର୍ଷକୁ ଛୁଇଁବ। ଜନସାଧାରଣ ଓ ଭୋଟରମାନେ ବିକାଶରେ ସାମିଲ ହେବା ସହ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ ଯୋଜନାର ସୁଫଳ ଓଡ଼ିଶାବାସୀ ପାଇଆସୁଛନ୍ତି। ଚଳିତ ନିର୍ବାଚନରେ ବିଜେଡି ସଂଖ୍ୟାଗରିଷ୍ଠତା ସହ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ। ବର୍ତ୍ତମାନ ସୁଦ୍ଧା ୩ ପର୍ଯ୍ୟାୟ ନିର୍ବାଚନରେ ବିଜେଡି ସଂଖ୍ୟାଗରିଷ୍ଠତା ହାସଲ କରିସାରିଲାଣି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ରର ଭାଜପା ସରକାର ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି କହି ସମାଲୋଚନା କରିଛନ୍ତି। ବାସୁଦେବପୁର ନିର୍ବାଚନମଣ୍ଡଳୀର ବିକାଶ କ୍ଷେତ୍ରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ଓ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଅବଦାନ ଅତୁଳନୀୟ। ଏହି ବିକାଶଧାରାକୁ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଓ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ପୁଣି ଆଗେଇ ନେବେ ବୋଲି କହି ସେମାନଙ୍କୁ ସମର୍ଥନ କରିବା ଲାଗି ନିବେଦନ କରିଥିଲେ।

ସେହିପରି ତିହିଡିର ସିନ୍ଦୋଳ ତାରିଣୀ ପଡ଼ିଆରେ ଅନୁଷ୍ଠିତ ସଭାରେ ପାଣ୍ଡିଆନ କହିଛନ୍ତି, କେନ୍ଦ୍ରରୁ ଆସୁଥିବା ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି। ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଦିନରାତି କାମ କରୁଛନ୍ତି। ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପାଇଁ ସମସ୍ତେ ତାଙ୍କୁ ଆଶୀର୍ବାଦ କରନ୍ତୁ ବୋଲି ସେ କହିଥିଲେ। ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ଓ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତଙ୍କ ସହ ଧାମନଗର ବିଧାୟକ ପ୍ରାର୍ଥୀ ଡା. ସଞ୍ଜୟ ଦାସ, ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ଡ. ବ୍ୟୋମକେଶ ରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡି ନେତା ଦୁର୍ଗାଦତ୍ତ ରାଉତରାୟ, ତିହିଡ଼ି ବ୍ଲକ ଅଧକ୍ଷା ଅବନ୍ତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସନ୍ଧ୍ୟାରେ ଭଦ୍ରକ ସହରରେ ଆୟୋଜିତ ରୋଡ୍ ଶୋ'ରେ ପାଣ୍ଡିଆନ ସାମିଲ ହୋଇ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେ ହେଲିକପ୍ଟର ଯୋଗେ ଆସି ନେହେରୁ ଷ୍ଟାଡିୟମରେ ହୋଇଥିବା ହେଲିପ୍ୟାଡ୍‌ରେ ଅବତରଣ ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ରୋଡ୍ ଶୋ' ଆରମ୍ଭ ହୋଇଥିଲା। ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ଓ ଭଦ୍ରକ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲଙ୍କୁ ଆଶୀର୍ବାଦ ଦେଇ ବିଜୟୀ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ସେ ଲୋକଙ୍କୁ ନିବେଦନ କରିଥିଲେ। ଏକ ଖୋଲାଗାଡ଼ିରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲଙ୍କ ସହ ପାଣ୍ଡିଆନ ରୋଡ୍ ଶୋ'ରେ ପୋଷ୍ଟଅଫିସ ଛକ, ମେଡିକାଲ ଛକ, ବାଇପାସ୍ ଦେଇ ଖାନ୍‌କା ପର୍ଯ୍ୟନ୍ତ ଯାଇଥିଲେ। ରାସ୍ତାର ଉଭୟପାର୍ଶ୍ୱରେ ବହୁସଂଖ୍ୟକ ଲୋକ ତାଙ୍କୁ ସ୍ୱାଗତ କରିଥିଲେ। ଏହି ଶୋ'ରେ ଆଉ ଏକ ଖୋଲାଗାଡ଼ିରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଥିଲେ। ଜିଲା ଓ ବ୍ଲକସ୍ତରର ବହୁ ନେତୃବୃନ୍ଦ ରୋଡ୍ ଶୋ'ରେ ଯୋଗଦେଇଥିଲେ। ବହୁ ସମୟ ଧରି ଭଦ୍ରକ ସହରର ମୁଖ୍ୟରାସ୍ତାରେ ଟ୍ରାଫିକ ଜାମ୍ ହୋଇଥିଲା। ନେହେରୁ ଷ୍ଟାଡିୟମ ଓ ସହର ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା, ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ ଥିଲେ।


ଭଦ୍ରକରେ ରୋଡ୍ ଶୋ' କରୁଛନ୍ତି ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଓ ପ୍ରଫୁଲ୍ଲ ସାମଲ।

# ପରାଜୟ ଜାଣି ବିଜେଡି ଅଧିକ ଟଙ୍କା ବାଣ୍ଟୁଛି: ଭାଜପା


ସିଇଓ ଅଫିସ୍ ଆଗରେ ଭାଜପା ପ୍ରତିନିଧି ମଣ୍ଡଳୀ।

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଚଳିତ ନିର୍ବାଚନର ୩ୟ ପର୍ଯ୍ୟାୟ ଶେଷ ପରେ ବିଭିନ୍ନ ସଂସ୍ଥାର ଆକଳନ ଭାଜପା ସପକ୍ଷରେ ଯାଉଥିବା ଜାଣିପାରି ଶାସକ ବିଜେଡି ୪ର୍ଥ ପର୍ଯ୍ୟାୟ ନିର୍ବାଚନକୁ ନିଜ ସପକ୍ଷରେ ଆଣିବା ପାଇଁ ସବୁ ପ୍ରକାର କଳବଳ କୌଶଳ ପ୍ରୟୋଗ କରୁଛି। କିନ୍ତୁ ଓଡ଼ିଶାର ଜନତା ମନସ୍ଥ କରିଛନ୍ତି ରାଜ୍ୟରେ ଭାଜପା ସରକାର ଗଠନ କରିବେ। ବିଜେଡି ୨୫ ବର୍ଷ ଶାସନରେ କ'ଣ କରିଛି ତାହା ଉପରେ ଭାଜପା ପ୍ରଶ୍ନ କରିବା ପରେ ଶାସକ ଦଳ ବ୍ୟତିବ୍ୟସ୍ତ ହୋଇଛି। ରାଜ୍ୟବାସୀଙ୍କୁ ଉତ୍ତର ଦେବା ପରିବର୍ତ୍ତେ କିଛି ସରକାରୀ କର୍ମଚାରୀଙ୍କୁ ଲଗାଇ ଟଙ୍କା ବାଣ୍ଟିବା ଆରମ୍ଭ କରିଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛି ଯେ, ପୂର୍ବ ନିର୍ବାଚନଗୁଡ଼ିକରେ ଅଭ୍ୟାସଗତ ଭାବେ ଟଙ୍କା ବାଣ୍ଟି ଆସୁଥିବା ବିଜେଡି ଏଥର ପରାଜୟ ସୁନିଶ୍ଚିତ ଜାଣି ଅଧିକ ମାତ୍ରାରେ ଟଙ୍କା ବାଣ୍ଟୁଛି। ଯାଜପୁର ଜିଲା କୋରେଇ ବ୍ଲକ କରଦା ପଞ୍ଚାୟତ ରାଣୀଗୋଡା ଗାଁର ସିଆର୍‌ପି ବାସନ୍ତୀ ଓଝା ବିଜେଡି କର୍ମୀ ଭଳି କାର୍ଯ୍ୟ କରୁଛନ୍ତି। ଓଝା କେତେକ ଗାଁରେ ବୈଠକ କରି ଲୋକଙ୍କୁ ଟଙ୍କା ବାଣ୍ଟି ବିଜେଡିକୁ ଭୋଟ ଦେବାକୁ ପ୍ରବର୍ତ୍ତାଉଛନ୍ତି। ଏହାଦ୍ୱାରା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ହେଉଥିଲେ ମଧ୍ୟ ଓଝାଙ୍କ ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ସିଆର୍‌ପି ପଦରୁ ବହିଷ୍କାର ଓ ଗିରଫ କରାଯାଉ ବୋଲି ଭାଜପା ପ୍ରତିନିଧିମଣ୍ଡଳୀ ଦାବି କରିଛି।

# ବାଲେଶ୍ୱର ବିକାଶରେ ବିଜେଡି ବାଧକ ସାଜିଛି: ଧର୍ମେନ୍ଦ୍ର

ଭୁବନେଶ୍ୱର(ସୁନିତ୍ ମିଶ୍ର)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ), ୨୭।୫

ବାଲେଶ୍ୱର ସ୍ୱାଭିମାନୀ ମାଟି। କିନ୍ତୁ ୨୫ ବର୍ଷର ସରକାରରେ ଏଠାକାର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ। ମୋଦି ସରକାର ଲୋକଙ୍କ ସୁବିଧା ପାଇଁ ପ୍ରଚୁର ଅର୍ଥ ଦେଉଥିବା ବେଳେ ଏଠାରେ ଦୁର୍ନୀତି ହେଉଛି। ବାଲେଶ୍ୱରର ବିକାଶ ଲାଗି ଏଠାକୁ ଅନେକ କାମ ଆସିଥିବା ବେଳେ ସେସବୁକୁ କାର୍ଯ୍ୟକାରୀ କରିବାରେ ବିଜେଡି ବାଧକ ସାଜିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସୋମବାର ବାଲେଶ୍ୱର ଲୋକ ସଭା କ୍ଷେତ୍ରର ବିଭିନ୍ନ ସ୍ଥାନରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସଭା ଏବଂ ରୋଡ ଶୋ' ରେ ଧର୍ମେନ୍ଦ୍ର ଯୋଗ ଦେଇଛନ୍ତି। ନୀଳଗିରି, ବଡସାହି ଓ ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସେ ପ୍ରଚାର କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଏଠାରେ ପାଇପରେ ପିଇବା ପାଣି ଆସୁନି। ଗାଁ ଗଣ୍ଡାରେ ୨୫ ବର୍ଷ ହେଲା ବିଶୁଦ୍ଧ ପିଇବା ପାଣି ନାହିଁ, ମୁଖ୍ୟମନ୍ତ୍ରୀ ଏହାକୁ ଭଲ କହିବେ କି ? ଜଳସେଚନର ସୁବିଧା ନାହିଁ। ନୀଳଗିରି ସରକାରୀ ହସ୍ପିଟାଲରେ ଡାକ୍ତର ନାହାନ୍ତି। ସ୍କୁଲରେ ଶିକ୍ଷକ ନାହାନ୍ତି। ନୀଳଗିରିରୁ ଯୁବକମାନେ କାମଧନ୍ଦା ନ ପାଇ ବାହାରକୁ ଯାଉଛନ୍ତି। ଆଦିବାସୀଙ୍କ ଜମି ବିକ୍ରି କରିବା ପାଇଁ ରାଜ୍ୟ ସରକାର ମସୁଧା କଲେ। ୨୫ ବର୍ଷ ସରକାରରେ ରହି ଯିଏ ଦୁର୍ନୀତି କରେ, ସେହି ସରକାରକୁ ବଦଳାଇବା ଦରକାର। ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ବାଲେଶ୍ୱରରେ ଜନ୍ମ ଗ୍ରହଣ କରିଥିବା ମହାନ ସାହିତ୍ୟିକ ଫକୀର ମୋହନ ସେନାପତି ଓଡ଼ିଆ ଭାଷା ଓ ଅସ୍ମିତାର ଲଢ଼େଇ ପାଇଁ ସର୍ବସ୍ୱ ତ୍ୟାଗ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ସ୍ୱାଭିମାନୀ ପ୍ରଦେଶ ତିଆରି କରିବାରେ ବାଲେଶ୍ୱର ନୀଳଗିରିର ବଡ଼ ଭୂମିକା ରହିଛି। ସେହିଭଳି ପବିତ୍ର ଭୂମିରେ ମୁଖ୍ୟମନ୍ତ୍ରୀ ତାମିଲନାଡୁରୁ ଜଣଙ୍କୁ ଭଡ଼ାରେ ଆଣିଛନ୍ତି। ସେ ଭାଷଣ ଦେଲେ ତାଙ୍କ ପାଖରେ ମାଇକ ଧରି ଛିଡ଼ା ହେଉଛନ୍ତି। ମୁଖ୍ୟମନ୍ତ୍ରୀ ମୟୂରଭଞ୍ଜ ମାଟିର ଝିଅ ରାଷ୍ଟ୍ରପତି କି ପ୍ରଧାନମନ୍ତ୍ରୀ, ଜାଣିପାରୁନାହାନ୍ତି। ଭଡାଟିଆଙ୍କୁ କହିବାକୁ ପଡୁଛି। ବାହାର ରାଜ୍ୟର ଜଣେ ଗୁମାସ୍ତାଙ୍କୁ ଓଡ଼ିଆ ଲୋକମାନେ ନେତା କରାଇଦେବେ ନାହିଁ। ଓଡ଼ିଶାର ନେତା ଓଡ଼ିଆ ହିଁ ହେବ। ଏଥର ପରିବର୍ତ୍ତନ ନିଶ୍ଚୟ ହେବ କହି ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ଧର୍ମେନ୍ଦ୍ର ଜନସାଧାରଣଙ୍କୁ ନିବେଦନ କରିଥିଲେ।

ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ବାଙ୍ଗିରିପୋଷୀ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହରିଶ୍ଚନ୍ଦ୍ରପୁରଠାରେ ହନୁମାନ ମନ୍ଦିରରେ ଦର୍ଶନ କରିଥିଲେ। ସେଠାରେ ସାନ୍ତାଳି ସମାଜ ଓ ମୁଣ୍ଡାରି ଭାଷାର ଆଗଧାଡିର ନେତୃତ୍ୱ, ଗବେଷକ, ସାହିତ୍ୟିକ, ସମାଜସେବୀ ତଥା ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ବଡ଼ସାହିରେ ଭାରତର ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ନୀଳଗିରିଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତୃବୃନ୍ଦ।

# ଓଡ଼ିଆ ଅସ୍ମିତା ବିପଦରେ ପଡ଼ିଛି: କଂଗ୍ରେସ

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

ଓଡ଼ିଆ ଅସ୍ମିତା ବର୍ତ୍ତମାନ ଗୁରୁତର ବିପଦରେ ପଡ଼ିଛି। କେବଳ ଜଣେ ତାମିଲ ଅଫିସରଙ୍କୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଦିଆଯାଇଥିବାରୁ ଏବଂ ଏହି ଅଫିସରଙ୍କୁ ଖୋଲା ଛୁଟି ଦେବାରେ ଭାଜପା ମଧ୍ୟ ସମାନ ଦୋଷୀ ବୋଲି ପିସିସି ଭିନ୍ନକ୍ଷମ ବିଭାଗର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ବିଶ୍ୱାଳ କହିଛନ୍ତି। କଂଗ୍ରେସ ଭବନରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିତେନ୍ଦ୍ର କହିଛନ୍ତି ଯେ, ନବୀନ ସରକାର ଅପେକ୍ଷାକୃତ କନିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ତାଙ୍କର ଅନେକ ସିନିୟରଙ୍କୁ ଅତିକ୍ରମ କରି ସମ୍ପୂର୍ଣ୍ଣ ଅଧିକାର ଦେଇପାରିଛନ୍ତି। କାରଣ କେନ୍ଦ୍ରରେ ମୋଦି ସରକାର ମଧ୍ୟ ଏହାକୁ କେବଳ ଅନୁମତି ଦେଇନାହାନ୍ତି ବରଂ ଏହାକୁ ମଧ୍ୟ ସୁଗମ କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନିଜେ ହିଁ ଏହି ତାମିଲ ଅଧିକାରୀଙ୍କୁ ତାଙ୍କୁ ସିଧାସଳଖ ଯେତେବେଳେ ଚାହିଁଲେ ସେତେବେଳେ ଭେଟିବା ପାଇଁ ଖାଲି ଅନୁମତି ଦେଇ ନ ଥିଲେ ବରଂ ବିଭିନ୍ନ ହୋଟେଲ ଓ ଅଫିସ୍‌ରେ ତାଙ୍କୁ ବ୍ୟକ୍ତିଗତ ଭାବେ ବାରମ୍ବାର ସାକ୍ଷାତ କରୁଥିଲେ। ଓଡ଼ିଆ ଅସ୍ମିତାକୁ ଲୁଟ୍ କରିବା ପାଇଁ ସବୁ ପ୍ରକାରର ସାହାଯ୍ୟ ଯୋଗାଇଦେବା ପରେ ଏହାର ସୁରକ୍ଷା ନାମରେ ଏହି ନିର୍ବାଚନ ଲଢୁଥିବା କହିବା ଭାଜପାର ଡବଲ ଷ୍ଟାଣ୍ଡାର୍ଡ କଥା ଛଡ଼ା ଆଉ କିଛି ନୁହେଁ। ଭାଜପା–ବିଜେଡିର ଏହି ଲଢ଼େଇ କେବଳ ଓଡ଼ିଶାର ଲୋକଙ୍କୁ ଠକି, ପ୍ରତାରଣା କରି ଭୋଟ ନେବା ଏବଂ ପରେ ମିଳିତ ଭାବେ ସେମାନଙ୍କୁ ଆଉ ୫ ବର୍ଷ ଲୁଟ୍ କରିବା ପାଇଁ ଚତୁର ଷଡ଼ଯନ୍ତ୍ର ଛଡ଼ା ଆଉ କିଛି ନୁହେଁ। ଭାଜପା ଏବଂ ବିଜେଡି ସର୍ବଦା ଏକାଠି ରହିଥିଲେ, ରହିଛନ୍ତି ଏବଂ ରହିବେ। ଯଦି ଓଡ଼ିଶାର ଲୋକମାନେ ପ୍ରକୃତ ପରିବର୍ତ୍ତନ ଚାହୁଁଛନ୍ତି ତେବେ ସେମାନେ ଅନୁଭବ କରିବା ଦରକାର ଯେ, କଂଗ୍ରେସ ହିଁ ଏକମାତ୍ର ବିକଳ୍ପ। ଆମର ଭିନ୍ନକ୍ଷମ ସମାଜର ଦୃଷ୍ଟି କୋଣରୁ ମଧ୍ୟ କଂଗ୍ରେସ ଏକମାତ୍ର ଦଳ ଯିଏକି ସମାଜର ପଛୁଆ ତଥା ଦଳିତ ବର୍ଗର ସଶକ୍ତୀକରଣ ପାଇଁ କାର୍ଯ୍ୟକରେ। ଅନ୍ୟ ଦଳଗୁଡ଼ିକରେ କେବଳ ଭୋଟ ପାଇଁ ସେମାନଙ୍କୁ ଶୋଷଣ କରନ୍ତି ବୋଲି ଜିତେନ୍ଦ୍ର କହିଛନ୍ତି।

# ଆଜି ଆସୁଛନ୍ତି ଶାହା

## ପ୍ରଚାର କରିବେ ଧର୍ମେନ୍ଦ୍ର, ହିମନ୍ତ ବିଶ୍ୱଶର୍ମା

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ଲାଗି କେନ୍ଦ୍ରୀୟ ନେତାମାନେ ଭାଜପା ପାଇଁ ପ୍ରଚାର କରିବାକୁ ଘନଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି କ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ମଧ୍ୟାହ୍ନ ୧୨ଟା ୪୫ରେ ଚାନ୍ଦବାଲିଠାରେ, ଅପରାହ୍ନ ୨ଟା ୨୫ରେ କୋରେଇ ନିର୍ବାଚନମଣ୍ଡଳୀର ପାଣିକୋଇଲିଠାରେ ଏବଂ ଅପରାହ୍ନ ୪ଟାରେ ନିମାପଡ଼ାଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ରେ ରାଇରଙ୍ଗପୁରଠାରେ ଅନୁଷ୍ଠିତ ରୋଡ ଶୋ'ରେ ଯୋଗଦେବେ। ଏହାପରେ ବିଶ୍ୱଶର୍ମା ମଧ୍ୟାହ୍ନ ୧୨ଟା ୧୫ରେ ମୋରଡା ନିର୍ବାଚନମଣ୍ଡଳୀର ସୁଳିଆପଦା, ଅପରାହ୍ନ ୨ଟା ୧୫ରେ ସୋରର ରଘୁନାଥପୁର, ଅପରାହ୍ନ ୪ଟାରେ ଜଗତ୍‌ସିଂହପୁରଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୂର୍ବାହ୍ନ ୧୦ଟାରେ ବଡ଼ଚଣା, ପୂର୍ବାହ୍ନ ୧୧ଟାରେ ଧର୍ମଶାଳା, ମଧ୍ୟାହ୍ନ ୧୨ଟା ୧୫ରେ ବିଞ୍ଝାରପୁରଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଏହାପରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ କୋରେଇଠାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ।

# ନିରଞ୍ଜନଙ୍କ ଅଫିସରେ ରେଡ୍

ଭଦ୍ରକ,୨୭।୫ (ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ପ୍ରାର୍ଥୀ ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଭଦ୍ରକ ମୋଟଲ ଛକସ୍ଥିତ ଅଫିସ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ଇନ୍‌କମ ଟ୍ୟାକ୍ସ ବିଭାଗ ପକ୍ଷରୁ ସୋମବାର ସନ୍ଧ୍ୟାରେ ରେଡ୍ କରାଯାଇଛି। ରବିବାର ରାତିରେ ମଧ୍ୟ ରେଡ୍ କରାଯାଇଥିଲା। ଆକ୍ରୋଶମୂଳକ ଭାବେ ତାଙ୍କ ସମ୍ମାନ ହାନି ପାଇଁ ଏପରି କରାଯାଉଥିବା ନିରଞ୍ଜନ ଭଦ୍ରକ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।




ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭଦ୍ରକ ମୋଟଲ ଛକ ନିକଟରେ ତାଙ୍କ ବଡ଼ ପୁଅ ଦେବୀଜ୍ୟୋତି ପଟ୍ଟନାୟକଙ୍କ ନାଁରେ ମାରୁତି ସୁଜୁକି ଏରିନା ଶୋ'ରୁମ୍ ଅଛି। ସେହି ନିକଟରେ ତାଙ୍କର ଏକ ଛୋଟ କାର୍ଯ୍ୟାଳୟ ନିର୍ବାଚନ ପାଇଁ ରହିଛି। ବିଜେଡି କର୍ମୀଙ୍କ ସହ ଫ୍ଲାଇଂ ସ୍କ୍ୱାଡ୍ ଆସି ରେଡ୍ କରିବା ଆଇନ ବିରୋଧୀ। ବିଜେଡି କର୍ମୀମାନେ ତାଙ୍କ ଲୋକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ତାଙ୍କ ବଡ଼ପୁଅ ଟାଉନ ଥାନା ଆଇଆଇସି ଓ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ଭଦ୍ରକ: ମଇଦାନରେ ଟାଣୁଆ ପ୍ରାର୍ଥୀ

ଭଦ୍ରକରୁ ଶର୍ମିଷ୍ଠା ପାଣିଗ୍ରାହୀ, ୨୭।୫

ରାଜ୍ୟରେ ୪ର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ଜୁନ୍ ୧ରେ ଅନୁଷ୍ଠିତ ହେବ। ଏହି କ୍ରମରେ ଭଦ୍ରକ ଜିଲାର ପ୍ରାର୍ଥୀମାନଙ୍କୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଭଦ୍ରକରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଛି କଡ଼ା ଟକ୍କର। ବିଶେଷ କରି ଏଥର ବିଧାନସଭା ଆସନ ପାଇଁ ଭଦ୍ରକ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ, ଭାଜପା ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର ଓ କଂଗ୍ରେସ ପ୍ରାର୍ଥୀ ଅସିତ୍ ପଟ୍ଟନାୟକଙ୍କ ମଧ୍ୟରେ ଲଢ଼େଇ ଚାଲିଛି। ଲୋକେ ଏଥର କାହାକୁ ନିଜର ମତ ଦେବେ ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏକପ୍ରକାର କହିବାକୁ ଗଲେ ଭଦ୍ରକରେ ତ୍ରିମୁଖୀ ଲଢ଼େଇ ହେଉଛି। ଅନ୍ୟପକ୍ଷେ ଭଦ୍ରକ ଲୋକ ସଭା ଆସନ ପାଇଁ ବିଜେଡି ଓ ଭାଜପା ମଧ୍ୟରୁ କେହି ଜଣେ କ୍ଷମତାକୁ ଆସିବ, ସେନେଇ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ହାତରେ ଆଉ ୩ ଦିନ ଥିବାରୁ ଲୋକଙ୍କ ପାଖରେ ନିଜ ପକ୍ଷ ରଖିବାକୁ ପ୍ରାର୍ଥୀମାନେ କସରତ ଚଳାଇଛନ୍ତି। ଭଦ୍ରକରେ ଚଳିତଥର କଂଗ୍ରେସର ସ୍ଥିତି ଭଲ ରହିବା ନେଇ ଲୋକେ ମତ ଦେଇଛନ୍ତି। ଏଥର ନିର୍ବାଚନକୁ ନେଇ ଭଦ୍ରକବାସୀ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି।


### ଭଦ୍ରକ ରାଜନୀତି ସ୍ଥିତି ବେଶ୍ ରୋଚକ



ଭଦ୍ରକରେ ଏଥରର ରାଜନୀତି ସ୍ଥିତି ବେଶ୍ ରୋଚକ ରହିଛି। ଆଗରୁ ଦଳ ଦେଖି ଲୋକେ ଭୋଟ ଦେଉଥିଲେ। ଏବେ ଲୋକେ ପ୍ରାର୍ଥୀ ଦେଖିବା ଆରମ୍ଭ କଲେଣି। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଏଥର ଭଦ୍ରକର ସମସ୍ତ ପ୍ରାର୍ଥୀ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଛନ୍ତି ଯେ କାହାକୁ ବାଛିବେ। ଉଭୟ ଲୋକ ସଭା ଓ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ଭିତରେ ଜୋରଦାର ଲଢ଼େଇ ହେବ। କେନ୍ଦ୍ରରେ ଭାଜପା ସରକାର ପୁଣି ଆସିବ। ହେଲେ ରାଜ୍ୟର ପାଣିପାଗ ଏଥର ପୂର୍ବରୁ ଆକଳନ କରିବା କଷ୍ଟ।

- ରମେଶ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ


### 'ନବୀନଙ୍କ ଭରସାରେ ମୋର ମତଦାନ ରହିବ'



ନବୀନ ସରକାର ଆସିବା ପରେ ମହିଳାଙ୍କୁ ଅନେକ କ୍ଷେତ୍ରରେ ଆଗକୁ ଯିବାର ସୁଯୋଗ ମିଳୁଛି। କମ୍ ପାଠ ପଢ଼ିଥିବା ମହିଳା ମଧ୍ୟ ଆଜି ହିସାବ କରି ଗ୍ରୁପ୍ ଚଳାଇ ପାରୁଛନ୍ତି। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ସବୁ ସାମଗ୍ରୀରେ ଟିକସ ବଢ଼ିଚାଲିଛି। ପ୍ରାର୍ଥୀ ଯିଏ ହୁଅନ୍ତୁନା କାହିଁକି ନବୀନ ପଟ୍ଟନାୟକଙ୍କ ଭରସାରେ ହିଁ ମୋର ମତଦାନ ରହିବ।

- ରଜନୀ ପାତ୍ର, ଗୃହିଣୀ


### ଚା' ଦୋକାନରେ ରାଜନୀତି ଚର୍ଚ୍ଚା



ମୋ ଦୋକାନରେ ଚା' ପିଇ ଲୋକେ କେତେ ଖଟି କରନ୍ତି। ଏବେ ସନ୍ଧ୍ୟା ଆଉ ସକାଳେ ଚାଲିଛି ନାନା ଚର୍ଚ୍ଚା। ଏଥର ବାକି ସବୁ ଜିଲାଠାରୁ ଭଦ୍ରକ ରାଜନୀତି ଅଧିକ ସରଗରମ। ଲୋକଙ୍କ ନଜର ଏମ୍‌ପି ପ୍ରାର୍ଥୀଙ୍କ ଉପରେ ଯେତିକି ନାହିଁ, ଅଧିକ ଅଛି ବିଧାୟକ ପ୍ରାର୍ଥୀଙ୍କ ଉପରେ। ୩ ଦଳର ୩ ପ୍ରାର୍ଥୀଙ୍କୁ ନେଇ ଆଲୋଚନା ଚାଲିଛି। କିଏ ନନା ତ କିଏ ଭାଇ ଆଉ କିଏ ଲୋକଙ୍କ ପୁରୁଣା ନେତା।

- ଅନିଲ ସାହୁ, ଦୋକାନୀ

### ପ୍ରାର୍ଥୀ ଜଣେ ଜଣଙ୍କଠୁ ବଳିକି



ବିଗତ ଦିନରେ ଯେଉଁମାନେ ଭଦ୍ରକରେ କ୍ଷମତାକୁ ଆସିଛନ୍ତି, ସେଭଳି ବିଶେଷ କିଛି କାମ କରି ନାହାନ୍ତି ବୋଲି ମୋର ଅନୁମାନ। ଭଦ୍ରକ ଭିତରକୁ ପଶି ଆସିଲେ ଅଳିଆ ଆବର୍ଜନା ଯେ ନ କହିଲେ ସରେ। ସେହିପରି ଅନେକ ଦାବି ଏଯାଏ ପୂରଣ ହୋଇପାରୁ ନାହିଁ। ଏଥର ଭଦ୍ରକରେ ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ଜଣେ ଜଣଙ୍କଠୁ ବଳିକି। ପ୍ରାର୍ଥୀ ଏଥର ବହୁତ ଷ୍ଟ୍ରଙ୍ଗ ଅଛନ୍ତି। ଏଣୁ ଏଥର ନିର୍ବାଚନକୁ ନେଇ ବେଶ୍ ଉତ୍ସାହିତ ଅଛି।

- ବିରଞ୍ଚି ପାଣି, ଛାତ୍ର

### 'ନିଜ ହିସାବରେ ପ୍ରାର୍ଥୀ ଚୟନ କରିବି'



ଭଦ୍ରକରେ ନିର୍ବାଚନ ପରିବେଶ ସରଗରମ ରହିଛି। ପ୍ରାର୍ଥୀଙ୍କୁ ପରଖି ଏଥର ମତଦାନ ଦେବା ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି। ସବୁ ଦଳ ନିଜ ପକ୍ଷ ରଖିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ମୁଁ ନିଜ ହିସାବରେ ପ୍ରାର୍ଥୀ ଚୟନ କରିବି। ଏଥର ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ବହୁଦିନ ହେଲା ଦାବି ହୋଇଆସୁଛି। ଏଥର ଏହି ଦାବି ପୂରଣ ହେବା ଆବଶ୍ୟକ। ଅନ୍ୟପକ୍ଷେ ପର୍ଯ୍ୟଟନ ଦୃଷ୍ଟିରୁ ଭଦ୍ରକ ବହୁତ ପଛରେ। ଯେତିକି ବି ସ୍ଥାନ ଅଛି, ତାହାକୁ ବିକଶିତ କରାଯାଇପାରୁ ନାହିଁ।

- ଶାଶ୍ୱତୀ ସାମଲ, ଛାତ୍ରୀ

### 'ଯିଏ ବି କ୍ଷମତାକୁ ଆସିବେ, ଲୋକଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦେବେ ବୋଲି ଆଶା'



ଆମ ଅଞ୍ଚଳରେ ଏଥର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଭାବେ ଅସିତ୍ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ ଓ ସିତାଂଶୁ ମହାପାତ୍ର ରହିଥିବା ବେଳେ ଲୋକ ସଭା ପ୍ରାର୍ଥୀ ଭାବେ ଅଭିମନ୍ୟୁ ସେଠୀ, ମଞ୍ଜୁଲତା ମଣ୍ଡଳ ଓ ଅନନ୍ତ ପ୍ରସାଦ ସେଠୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କେନ୍ଦ୍ରରେ ପୂର୍ବପରି ଭାଜପା ସରକାରରେ ଆସିବ ବୋଲି ଭାବୁଛି। ରାଜ୍ୟରେ ଓ ମୋ ଜିଲାରେ କିଏ କ୍ଷମତାକୁ ଆସିବେ, ସେନେଇ ସନ୍ଦେହ ଅଛି। କାରଣ ଏଥର ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର। ରାସ୍ତା, ବିଦ୍ୟୁତ୍ ସରବରାହ ଭଳି ଅନେକ ମୌଳିକ ସମସ୍ୟା ଏବେ ବି ଠିକ୍‌ରେ ସମାଧାନ ହୋଇପାରୁ ନାହିଁ। ଏଥର ଯିଏ ବି ଆସିବେ, ଲୋକଙ୍କ ଆବଶ୍ୟକତାକୁ ପ୍ରାଧାନ୍ୟ ଦେବେ ବୋଲି ମୋର ଆଶା ରହିଛି।

- ଗାୟତ୍ରୀ ପତି, ଗୃହିଣୀ

### ଲୋକେ ସବୁ ପ୍ରାର୍ଥୀଙ୍କୁ ଭଲଭାବେ ଜାଣନ୍ତି

ନିଜ ନାମ ଉହ୍ୟ ରଖି ଅପର୍ତ୍ତିବିନ୍ଧାରୁ ଟାଉନହଲ୍‌ରେ ଦହିବରା ବିକ୍ରି କରିବାକୁ ଆସୁଥିବା ଜଣେ ମଉସା କହିଛନ୍ତି, ପ୍ରତିଦିନ ଏଠି ନିର୍ବାଚନକୁ ନେଇ ଆଲୋଚନା। ପୂର୍ବଥର ପ୍ରାର୍ଥୀଙ୍କ ତୁଳନାରେ ଏଥର ପ୍ରାର୍ଥୀ ଟାଣୁଆ ଅଛନ୍ତି। ସମସ୍ତେ ଲୋକଙ୍କ ସହ ଅଛନ୍ତି। ଲୋକେ ମଧ୍ୟ ସମସ୍ତଙ୍କୁ ଭଲରେ ଜାଣନ୍ତି। ଏଣୁ ଏଥର ପ୍ରାର୍ଥୀଙ୍କଠାରୁ ଅଧିକ ଚିନ୍ତାରେ ଲୋକେ ଯେ କାହାକୁ ଭୋଟ ଦେବେ। ପୁରୁଣାବଜାରରେ ମଧ୍ୟ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କୁ ନେଇ ଆଲୋଚନା ହେଉଛି। ସେଠାରେ ଜଣେ କହିଛନ୍ତି, କଂଗ୍ରେସ ପ୍ରାର୍ଥୀ ଅସିତ୍ ପଟ୍ଟନାୟକ ଆମ ଲୋକଙ୍କ ସହ ସବୁବେଳେ ରହି ଆସିଛନ୍ତି। କେବଳ ଆମେ ନୁହେଁ, ଅନ୍ୟମାନେ ମଧ୍ୟ ତାଙ୍କ ସମର୍ଥନରେ ଏଥର ରହିବେ ବୋଲି ଅନୁମାନ କରାଯାଉଛି। ତଥାପି କିଛି କହି ହେବ ନାହିଁ, ଅନ୍ୟ ଦୁଇ ଦଳର ପ୍ରାର୍ଥୀ ମଧ୍ୟ ଲୋକଙ୍କ ନିଜର ହୋଇପାରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହରମନ୍‌ପ୍ରୀତଙ୍କ ହ୍ୟାଟ୍ରିକ୍‌ରେ ଭାରତ ବିଜୟୀ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି**

**ଆଣ୍ଟ୍‌ୱର୍ପ, ୨୭।୫(ପି.ଟି)**

ଅଧିନାୟକ ହରମନ୍‌ପ୍ରୀତ ସିଂଙ୍କ ହ୍ୟାଟ୍ରିକ୍ ଗୋଲ୍ ବଳରେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକିରେ ଆର୍ଜେଣ୍ଟିନାକୁ ୫-୪ରେ ପରାସ୍ତ କରିଛି ଭାରତ। ହରମନ୍‌ପ୍ରୀତ୍ (୨୯, ୫୦ ଓ ୫୨) ମିନିଟରେ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରାଇଜିତ୍ ସିଂ ହୁଣ୍ଡାଲ(୭) ଓ ଗୁରଜନ୍ତ ସିଂ (୧୮) ମିନିଟରେ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଆର୍ଜେଣ୍ଟିନା ପକ୍ଷରୁ ଫେଡେରିକୋ ମୋଞ୍ଜା(୩), ନିକୋଲାସ କେନ୍ନାନ(୨୪), ଟାଡେଓ ମାରୁସି(୫୪) ଓ ଲୁକାସ୍ ମାର୍ଟିନେଜ୍(୫୭ ମିନିଟ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆର୍ଜେଣ୍ଟିନା ଅନ୍ତିମ ୩ ମିନିଟରେ ଦୁଇଟି ଗୋଲ ସ୍କୋର କରିଥିଲେ ହେଁ ଭାରତ ମ୍ୟାଚ୍‌କୁ ଡିଫେଣ୍ଡ କରିବାରେ ସମର୍ଥ ହୋଇଥିଲା।

ପ୍ରଥମ କ୍ୱାର୍ଟରରୁ ହିଁ ଭାରତ ବଲ୍ ଓ ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ତୃତୀୟ ମିନିଟ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ଫେଡେରିକୋ ମୋଞ୍ଜା ପ୍ରଥମ ଗୋଲ ଦେଇଥିଲେ। ଏହାର ୪ ମିନିଟ ମଧ୍ୟରେ ଅରାଇଜିତ ସିଂ ହୁଣ୍ଡାଲ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପ୍ରଥମ କ୍ୱାର୍ଟର ୧-୧ରେ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆକ୍ରମଣାତ୍ମକ ଆରମ୍ଭ କରିଥିଲା। ଗୁରଜନ୍ତ ସିଂ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ୨-୧ରେ ଆଗୁଆ କରିଥିଲେ। ନିକୋଲାସ କେନ୍ନାନ ୨୪ ତମ ମିନିଟ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ଆଉ ଏକ ଗୋଲ ଦେଇଥିଲେ। ୨୯ ତମ ମିନିଟ୍‌ରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହାକୁ ଗୋଲରେ ପରିଣତ କରି ହରମନପ୍ରୀତ୍ ଭାରତକୁ ୩-୨ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ଚତୁର୍ଥ କ୍ୱାର୍ଟର ଆରମ୍ଭରୁ ହରମନ୍‌ପ୍ରୀତ୍ ଦୁଇଟି ଗୋଲ୍ ଦେଇ ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ଚତୁର୍ଥ କ୍ୱାର୍ଟରର ୫୦ ଓ ୫୨ ମିନିଟ୍‌ରେ ଭାରତ ଦୁଇଟି ପେନାଲ୍ଟି କର୍ନର ଅର୍ଜନ କରିଥିଲା। ହରମନ୍‌ପ୍ରୀତ୍ ଏହାକୁ ଗୋଲ୍‌ରେ ପରିଣତ କରି ଭାରତକୁ ୫-୨ରେ ଆଗୁଆ କରିଥିଲେ। ମ୍ୟାଚ୍ ଶେଷ ହେବାକୁ ୬ ମିନିଟ୍ ଥିବା ବେଳେ ଟାଡେଓ ମାରୁସିଓ ଲୁକାସ୍ ମାର୍ଟିନେଜ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



ବଲ୍ ନିୟନ୍ତ୍ରଣକୁ ଆଣିବାପାଇଁ ଆର୍ଜେଣ୍ଟିନା ଖେଳାଳିଙ୍କ ସହ ହରମନପ୍ରୀତଙ୍କ ସଂଘର୍ଷ।

# ଦର୍ଶକଙ୍କ ଦେହରେ ବଲ୍ ବାଜିଲା

**ପ୍ୟାରିସ୍, ୨୭।୫(ପି.ଟି):** ଫ୍ରେଞ୍ଚ୍ ଓପନ ୨୦୨୪ରେ ଏକ ମ୍ୟାଚ୍ ସମୟରେ ଜଣେ ଦର୍ଶକଙ୍କ ଦେହରେ ବଲ୍ ବାଜିଥିଲା। ତେବେ ଏହି ଘଟଣାରେ ପ୍ରଥମ ଥର ପାଇଁ ଖେଳାଳିଙ୍କୁ ଦଣ୍ଡିତ କରାଯାଇ ନ ଥିଲା। ୨୨ ବର୍ଷୀୟ ଫ୍ରେଞ୍ଚ୍ ଖେଳାଳି ଟେରେନ୍ସ ଆଟମେନ କୋର୍ଟ ୧୨ରେ ଖେଳୁଥିବା ସମୟରେ ଏଭଳି ଘଟଣା ଘଟିଥିଲା। ମ୍ୟାଚ୍ ସମୟରେ ୪୯୨ ଜଣ ଦର୍ଶକ ଉପସ୍ଥିତ ଥିଲେ। ଅଷ୍ଟ୍ରିଆର ସେବାଷ୍ଟିଆନ୍ ଅଫନରଙ୍କ ସହ ମ୍ୟାଚ୍ ଖେଳୁଥିବା ବେଳେ ଚତୁର୍ଥ ସେଟ୍‌ରେ ଏହି ଘଟଣା ଘଟିଥିଲା। ବିଶ୍ୱ ମାନ୍ୟତାର ୧୨୦ ତମ ସ୍ଥାନରେ ଥିବା ଟେରେନ୍ସ ଆଟମେନ ବଲ୍ ବାହାରକୁ ମାରିଥିଲେ। ଜଣେ ଦର୍ଶକଙ୍କ ଦେହରେ ବଲ୍ ବାଜିଥିଲା। ଲାଇନ୍ ଅମ୍ପାୟର ଦର୍ଶକଙ୍କୁ ଡାକି ପଚାରିବା ପରେ ଟେରେନ୍ସଙ୍କୁ ଚେତାବନୀ ଦେଇ ଛାଡିଥିଲେ। ତେବେ ଏଭଳି ଅଣ ଖେଳୁଆଡ ମନୋଭାବକୁ ସମାଲୋଚନା କରିଛନ୍ତି ସେବାଷ୍ଟିଆନ୍ ଅଫନର। ଅତୀତରେ ଏଭଳି ଭୁଲ୍ ପାଇଁ ଖେଳାଳିଙ୍କୁ ବାସନ୍ଦ ମଧ୍ୟ କରାଯାଉଥିଲା। ତେବେ ଲାଇନ୍ ଅମ୍ପାୟରଙ୍କ ଏଭଳି ନିଷ୍ପତ୍ତି ଆଶ୍ଚର୍ଯ୍ୟଜନକ ବୋଲି ସେ କହିଥିଲେ।

# ଅଷ୍ଟ୍ରେଲିଆ ଦଳରେ ଖେଳାଳି ଅଭାବ

**ଟି୨୦ ବିଶ୍ୱକପ୍ ୱାର୍ମଅପ୍**

**ମେଲବୋର୍ନ, ୨୭।୫ (ପି.ଟି.)**

ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍ ଲାଗି ଅଷ୍ଟ୍ରେଲିଆର ୱାର୍ମଅପ୍ ମ୍ୟାଚ ବେଳେ ଦଳରେ ଖେଳାଳି ଅଭାବ ପରିଲକ୍ଷିତ ହେବ। ତେଣୁ ଦଳ ସପୋର୍ଟ ଷ୍ଟାଫ୍‌ଙ୍କୁ ଫିଲ୍ଡର ଭାବେ ବ୍ୟବହାର କରିବାକୁ ବାଧ୍ୟ ହୋଇପାରେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏବଂ ଆଇସିସି ଇଭେଣ୍ଟ ମଧ୍ୟରେ ସମୟ ବ୍ୟବଧାନ କମ୍ ରହିଥିବାରୁ ଏହି ପରିସ୍ଥିତି ଉପୁଜିଛି। ଅଷ୍ଟ୍ରେଲିଆ ବୁଧବାର ନାମ୍ବିଆ ଏବଂ ଶୁକ୍ରବାର ୱେଷ୍ଟଇଣ୍ଡିଜ ବିପକ୍ଷରେ ୱାର୍ମଅପ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଆଇପିଏଲ୍ ଖେଳୁଥିବା ଅଷ୍ଟ୍ରେଲିଆ ଖେଳାଳିମାନେ ପ୍ଲେ-ଅଫ୍ ପରେ ସାମୟିକ ଛୁଟିରେ ସ୍ୱଦେଶ ଫେରିଯାଇଛନ୍ତି। ଦୁଇଟି ୱାର୍ମଅପ୍ ମ୍ୟାଚ ପାଇଁ ସମ୍ଭବତଃ ୮ଜଣ ଖେଳାଳି ଉପଲବ୍ଧ ହୋଇପାରନ୍ତି। ଅଧିନାୟକ ମିଚେଲ ମାର୍ଶ ନାମ୍ବିଆ ବିପକ୍ଷ ମ୍ୟାଚ ଖେଳିବେ କି ନା ତାହା ସ୍ପଷ୍ଟ ହୋଇ ନାହିଁ। ସେ ହାମଷ୍ଟ୍ରିଙ୍ଗ ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଛନ୍ତି କି ନା ତାହା ଜଣାପଡ଼ି ନାହିଁ। ରବିବାର ରାତିରେ କୋଲକାତା ନାଇଟ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଆଇପିଏଲ୍ ଫାଇନାଲ ଖେଳାଯାଇଥିଲା। ଏହି ଦୁଇଟି ଦଳରେ ଅଷ୍ଟ୍ରେଲିଆର ୩ଜଣ ଖେଳାଳି ଖେଳୁଥିଲେ। ସେମାନେ ହେଲେ ଟ୍ରାଭିସ ହେଡ୍, ପ୍ୟାଟ କୁମିନ୍ସ ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ ମିଚେଲ ଷ୍ଟାର୍କ। ଏହି ୩ ଜଣଙ୍କ ବ୍ୟତୀତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଅଂଶ ବିଶେଷ ଥିବା କାମେରନ ଗ୍ରୀନ୍ ଓ ଗ୍ଲେନ ମାକ୍ସୱେଲ ସପ୍ତାହ ଶେଷର ବାର୍ବାଡୋସଠାରେ ଦଳ ସହିତ ଯୋଗ ଦେବେ। ଅନ୍ୟପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ତରଫରୁ ଖେଳିଥିବା ମାର୍କସ ଷ୍ଟୋଇନିସ ନାମ୍ବିଆ ବିପକ୍ଷ ଅଭ୍ୟାସ ମ୍ୟାଚ ପରେ ତ୍ରିନିଦାଦରେ ପହଞ୍ଚିବେ। ରିଜର୍ଭ ଖେଳାଳି ଜେକ୍ ଫ୍ରେଜର-ମ୍ୟାକ୍‌ଗୁର୍କ୍ ଜୁନ୍ ୫ରେ ଓମାନ ବିପକ୍ଷରେ ପ୍ରଥମ ମ୍ୟାଚ ପରେ ଦଳରେ ଯୋଗ ଦେବେ। ଆଇପିଏଲ୍‌ରେ ବହୁ ଦିନ ଧରି ଖେଳିବା ପରେ ସେମାନେ କ୍ଳାନ୍ତ ହୋଇପଡ଼ିଛନ୍ତି। ସେମାନଙ୍କୁ ଆଗକୁ ଟି୨୦ ବିଶ୍ୱକପ୍‌ରେ ମଧ୍ୟ ବହୁ ମ୍ୟାଚ ଖେଳିବାକୁ ହେବ। ତେଣୁ ଏହା ମଧ୍ୟରେ ସେମାନେ ପରିବାର ସହିତ କିଛି ସମୟ ବିତାଇ ସତେଜ ହେବାକୁ ଚାହୁଁଛନ୍ତି। ଆଇସିସି ନିୟମାନୁସାରେ ୱାର୍ମଅପ୍ ମ୍ୟାଚଗୁଡ଼ିକରେ ପଡ଼ିଆକୁ ଓହ୍ଲାଉଥିବା ଖେଳାଳିମାନେ ପ୍ରତିନିଧିତ୍ୱ କରୁଥିବା ଦେଶର ହେବା ଆବଶ୍ୟକ। ଅର୍ଥାତ୍ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ, ବ୍ରାଡ୍ ହଜ୍, ଜର୍ଜ ବେଲି (ସମସ୍ତେ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର)ଙ୍କ ଭଳି ସପୋର୍ଟ ଷ୍ଟାଫ୍ ଏବଂ ଆଣ୍ଡ୍ରେ ବୋରୋଭେକ୍ (ଜଣେ ପୂର୍ବତନ ପ୍ରଥମ ଗ୍ରେଡ୍ ଉଇକେଟକିପର)ଙ୍କୁ ପଡ଼ିଆକୁ ଓହ୍ଲାଇବାକୁ ପଡ଼ିପାରେ।

# କିସ୍ ଚାମ୍ପିୟନ, ଜଗତ୍‌ସିଂହପୁର ରନରଅପ୍

**ଆନ୍ତଃଜିଲା ଜୁନିୟର ବାଳିକା ରଗ୍‌ବୀ ୭ଏସ୍**

**ଭୁବନେଶ୍ୱର, ୨୭।୫ (ତପନ ସ୍ୱାଇଁ)**

ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓର୍‌ଫା) ଆନୁକୂଲ୍ୟରେ କିଟ୍ ରଗ୍‌ବୀ ଷ୍ଟାଡିୟମରେ ଆନ୍ତଃ ଜିଲା ଜୁନିୟର ବାଳିକା ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କିସ୍ ଦଳ ଚାମ୍ପିୟନ ଏବଂ ଜଗତ୍‌ସିଂହପୁର ରନରଅପ୍ ହୋଇଛି। କେନ୍ଦୁଝର ଜିଲା ଦଳକୁ ତୃତୀୟ ସ୍ଥାନ ମିଳିଛି। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କୃତୀ ଦଳର ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଆନ୍ତଃଜିଲା ଜୁନିୟର ବାଳିକା ରଗ୍‌ବୀ ୭ଏସ୍‌ର କୃତୀ ଖେଳାଳିମାନେ ଅତିଥିଙ୍କ ଗହଣରେ।


# Classified Everyday 0674-2580101, 2549949



REAL ESTATE

**SALE**

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-381

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9437631769.** D-307

Ready to move 3BHK Duplex sale Gudiapokhari, Bank Loan- 9827152441. D-377

ପାହାଲ ଜଗନ୍ନାଥ ମନ୍ଦିରରୁ 4K.M. ଅଟକାରେ SC Plot 2000sqft. 28,00,000/-. 9114705579. D-75956

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932.** D-322





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75745

Newly open health benefits SPA special offer @ 999 Bapujinagar. 8018429809. D-76123

Monalisa massage Club: All types Body massage with hiprofile smart lady rooms service available. 9708545108. D-376

**Relax, Refresh your body, Mind at Saikrupa Spa with best therapies. 8984068077.** D-306





Shoproom (10'x10') 2 Nos. opposite Biju Patnaik College, Mainroad, Jayadevvihar, Bhubaneswar. Contact: 9938511622. D-380

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit before the Executive Magistrate, Bhubaneswar on dt. 21.05.2024 I, Rohit Kumar Paikaray, aged about 67 years, S/o- Satrughan Paikaray, resident of Plot No.- 816, Mahadev Road, Baramunda Village, P.S.- Khandagiri, Bhubaneswar- 751003, Dist.-Khurda, bearing Aadhaar No. xxxx xxxx 7756 do hereby solemnly affirm that. My name was Rohitaswa Harichandan, S/o- Banchhanidhi Harichandan which has been mentioned in my Bank Passbook Vide A/c. No.- 10872389930 of SBI Main Branch, Unit-1, BBSR and also in my Pension Book Vide PPO No.- 115430, but after execution of Adoption Deed Vide No.- 458, I have changed my name to Rohit Kumar Paikaray, S/o- Satrughan Paikaray. That, at the time of Admission at the 1st stage of my Education my name was recorded as Rohitaswa Harichandan, S/o- Banchhanidhi Harichandan, which is still continuing in my Certificates and as well as in Service. That Rohitaswa Harichandan, S/o- Banchhanidhi Harichandan and Rohit Kumar Paikaray, Son of Satrughan Paikaray is one and same that is myself. D-387

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Smrutilata Dash (19 yrs), D/o- Madhusudan Dash, Vill- Chainpur, P.O./P.S.- Bonth, Dist.- Bhadrak, Odisha. My real name is Smrutilata Dash as per High School Certificate. But wrongly Srutilata Dash mentioned in my Aadhaar Card bearing No.- XXXX XXXX 9670. I declare that Smrutilata Dash and Srutilata Dash same and one person. D-385

ତା୦୨।୦୪।୨୦୨୪ଦିନ କୁଜଙ୍ଗ ନୋଟାରିରେ ଆଫିଡେଭିଟ୍ କ୍ରମାଙ୍କ- ୧୬୯ ଅନୁଯାୟୀ ମୁଁ ନିଳିମା ଦାସ, ସ୍ୱାମୀ ମଙ୍ଗରାଜ ଦାସ, ଗ୍ରାମ- ଖୋସାଲପୁର, ପୋଷ୍ଟ- ପୋରଗଦେଇ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ପିନ୍- ୭୫୪୧୪୦ ମୋର ପୂର୍ବ ନାମ ନିର୍ମଳା ଦାସ, ସ୍ୱାମୀ- ମଙ୍ଗୁଳି ଦାସ ଭୁଲ୍‌ବଶତଃ ମୋର କିଛି ପ୍ରମାଣପତ୍ରରେ ରହିଥିଲା; ଯାହାକି ବର୍ତ୍ତମାନଠାରୁ ସମସ୍ତ ଭବିଷ୍ୟତ କାର୍ଯ୍ୟ ପାଇଁ ମୋର ନାମ ନିଳିମା ଦାସ, ସ୍ୱାମୀ ମଙ୍ଗରାଜ ଦାସ ଭାବରେ ସ୍ଥାନ ପାଇବ। ଧ-୩୮୮

ତା୦୨।୦୪।୨୦୨୪ଦିନ କୁଜଙ୍ଗ ନୋଟାରିରେ ଆଫିଡେଭିଟ୍ କ୍ରମାଙ୍କ- ୧୬୮ ଅନୁଯାୟୀ ମୁଁ ମଙ୍ଗରାଜ ଦାସ, ବୟସ ୫୭ ବର୍ଷ, ପିତା: ୰ମୁଷା ଦାସ, ଗ୍ରାମ- ଖୋସାଲପୁର, ପୋଷ୍ଟ- ପୋରଗଦେଇ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତ୍‌ସିଂହପୁର, ପିନ୍- ୭୫୪୧୪୦ ମୋର ପୂର୍ବ ନାମ ମଙ୍ଗୁଳି ଦାସ, ପିତା- ମୂଷା ଦାସ ଭୁଲ୍‌ବଶତଃ ମୋର କିଛି ପ୍ରମାଣପତ୍ରରେ ରହିଥିଲା; ଯାହାକି ବର୍ତ୍ତମାନଠାରୁ ସମସ୍ତ ଭବିଷ୍ୟତ କାର୍ଯ୍ୟ ପାଇଁ ମୋର ନାମ ମଙ୍ଗରାଜ ଦାସ, ପିତା- ସ୍ୱର୍ଗତ ମୂଷା ଦାସ ଭାବରେ ସ୍ଥାନ ପାଇବ। ଧ-୩୮୯


# ସ୍ୱିଟେକ୍, ଜାବେରଙ୍କ ସହଜ ବିଜୟ

**ଫ୍ରେଞ୍ଚ୍ ଓପନ ଟେନିସ**

**ପ୍ୟାରିସ, ୨୭।୫**

ଟପ୍ ସିଡ୍ ଇଗା ସ୍ୱିଟେକ ଓ ୮ମ ସିଡ୍ ଓନ୍ସ ଜାବେର ପ୍ରମୁଖ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡକୁ ସହଜରେ ଅତିକ୍ରମ କରିଛନ୍ତି। ତେବେ ପୁରୁଷ ବିଭାଗର ଅନେକ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ପୋଲାଣ୍ଡର ସ୍ୱିଟେକ ପ୍ରଥମ ରାଉଣ୍ଡରେ ଅଣସିଡେଡ ଫ୍ରାନ୍ସର ଲୌଲିଆ ଜିନ୍‌ଜିନ୍‌ଙ୍କୁ ୬-୧, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଟ୍ୟୁନିସିଆର ଓନ୍ସ ଜାବେର ୬-୩, ୬-୨ ସେଟ୍‌ରେ ଅଣସିଡେଡ ଆମେରିକାର ସାଚିଆ ଭିକେରୀଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଆନାସ୍ତାସିଆ ପୋଟାପୋଭା ୬-୨, ୬-୩ରେ କାମିଲା ରାଖିମୋଭା, ୧୭ଶ ସିଡ୍ ଲ୍ୟୁଡମିଲା ସାମସୋନୋଭା ୬-୧, ୬-୧ରେ ମାଗ୍‌ଦା ଲିନେଟି, ହ୍ଲି ବାପ୍ଟିଷ୍ଟେ ୪-୬, ୬-୨, ୬-୨ରେ କାୟଲା ଡେ'ଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ସେହିପରି ଦ୍ୱାଦଶ ସିଡ୍ ଜସମିନ ପାଓଲିନି ୬-୩, ୬-୪ରେ ଡାରିଆ ସାଭିଲେଙ୍କୁ ପରାସ୍ତ କରିଛନ୍ତି। ୫ମ ସିଡ୍ ମାର୍କେଟା ଭନ୍ଦ୍ରୋସୋଭା ୬-୧, ୬-୩ରେ ରିବେକା ମାସାରୋଭାଙ୍କୁ, କାଟେ ଭଲିନେଟ୍ସ ୭-୬ (୭/୪), ୬-୨ ସେଟ୍‌ରେ ଆଲେକସାଣ୍ଡ୍ରା କ୍ରୁନିକ, ୱାଙ୍ଗ ଜିନ୍‌ୟୁ ୦-୬, ୬-୨, ୬-୪ରେ ଜୁଲି ନିଏମେରଙ୍କୁ ଏବଂ ଓଲଗା ଡୋନିଲୋଭିଚ୍ ୬-୧, ୬-୨ରେ ମାର୍ଟିନା ଟ୍ରେଭିସାନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ପୁରୁଷ ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ ଜାନିକ ସିନର ସିଧାସଳଖ ୬-୩, ୬-୩, ୬-୪ରେ ଖ୍ରିଷ୍ଟୋଫର ଇଉବ୍ୟାଙ୍କ୍‌ସଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି। ୯ମ ସିଡ୍ ଷ୍ଟିଫାନୋସ ସିତ୍‌ସିପାସ ପ୍ରଥମ ସେଟ୍‌ରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ମାର୍ଟନ ଫୁକ୍‌ସୋଭିକ୍ସଙ୍କୁ ୭-୬ (୯/୭), ୬-୪, ୬-୧ ସେଟ୍‌ରେ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକରେ କ୍ୱୋନ୍ ସୁନ୍-ଉ ୬-୩, ୬-୪, ୬-୩ରେ ଇମିଲ ରୁସୁଭୁରିଙ୍କୁ, ୧୫ଶ ସିଡ୍ ବେନ୍ ସିଲଟନ ୩-୬, ୬-୩, ୬-୪, ୬-୪ରେ ହ୍ୟୁଗୋ ଗଷ୍ଟନଙ୍କୁ ଏବଂ ୨୧ତମ ସିଡ୍ ଫେଲିକ୍ସ ଅଗେର ଆଲିସାମି ୬-୨, ୬-୪, ୬-୪ ସେଟ୍‌ରେ ୟୋଶିହିତୋ ନିଶିଓକାଙ୍କୁ ହରାଇ ଦେଇଛନ୍ତି।




ଇଗା ସ୍ୱିଟେକ ଓ ଓନ୍ସ ଜାବେର।


## ମନେ ପଡ଼ନ୍ତି

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋଲାପ ମଞ୍ଜରୀ ମହାନ୍ତି**

ଗ୍ରାମ: ଓଡ଼ଶମଳ, ବାଲିଦୋକାନ, କୋଣାର୍କ

ଆବିର୍ଭାବ: ୨୦।୦୨।୧୯୩୬
ତିରୋଧାନ: ୧୧।୦୫।୨୦୨୦

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲାଣି। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରି ଦେଇଛି। ଆଜି ମଧ୍ୟ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ଏହି ପୁଣ୍ୟତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:** ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୩୮୬


# ନାଡାଲଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଲେ ଜେଭରେଭ


**ପ୍ୟାରିସ, ୨୭।୫**

ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସର ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ୧୪ ଥର ଚାମ୍ପିୟନ ତଥା ୨୨ଟି ଗ୍ରାଣ୍ଡସ୍ଲାମ ବିଜୟୀ ରାଫାଲ ନାଡାଲଙ୍କୁ ପ୍ରଥମ ରାଉଣ୍ଡରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଆଲେକଜାଣ୍ଡର ଜେଭରେଭ। ସ୍ପେନର ନାଡାଲ କ୍ଲେ-କୋର୍ଟର ରାଜାଭାବେ ପରିଚିତ। ଆହତ ସମସ୍ୟା ଯୋଗୁ ସେ ଦୀର୍ଘ ଦିନଧରି ଟେନିସ କୋର୍ଟରୁ ଦୂରେଇ ରହିଥିଲେ। ଏଠାରେ ପ୍ରଥମ ରାଉଣ୍ଡରେ ସେ ଜର୍ମାନୀର ଜେଭରେଭଙ୍କ ସମକକ୍ଷ ପ୍ରଦର୍ଶନ କରି ନ ପାରି ୩-୬, ୬-୭ (୫/୭), ୩-୬ ସେଟ୍‌ରେ ପରାଜୟ ସ୍ୱିକାର କରିଥିଲେ।



ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ସୋମବାର ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜୁନ୍ ୬ରେ କୋଲକାତାରେ ହେବାକୁଥିବା କୁଏତ୍ ବିପକ୍ଷ ଫିଫା କ୍ୱାଲିଫାୟରରେ ଛେତ୍ରୀ ନିଜ କ୍ୟାରିୟରର ଶେଷ ମ୍ୟାଚ ଖେଳିବେ।

# ଅନ୍‌ଲାଇନରେ ଜଗିଂ ଶୁଜ୍ କିଣୁଥିଲେ...



ବର୍ତ୍ତମାନ ଅନ୍‌ଲାଇନରେ କମ୍ ଦାମ୍‌ରେ ବି ବିଭିନ୍ନ କମ୍ପାନୀର ଜଗିଂ ଶୁଜ୍ ମିଳିଯାଉଛି। ଯଦି ଆପଣ ବି ଅନ୍‌ଲାଇନରେ ଜଗିଂ ଶୁଜ୍ ମଗାଉଛନ୍ତି ତେବେ କେତେକ ଦିଗ ପ୍ରତି ଦୃଷ୍ଟିଦେବାକୁ ଆଦୌ ଭୁଲନ୍ତୁ ନାହିଁ...

➤ନିଜ ପାଦକୁ କେଉଁ ସାଇଜ୍‌ର ଶୁଜ୍ ଫିଟ୍ ହେଉଛି ମାପିବା ପରେ ଅର୍ଡର କରନ୍ତୁ। କାରଣ ପାଦକୁ ଫିଟ୍ ନ ହେଉଥିବା ଶୁଜ୍ ଶରୀର ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଯେହେତୁ ଅନ୍‌ଲାଇନରେ ନିଜେ ଟ୍ରାଏକରି କିଣିବା ସମ୍ଭବ ନୁହେଁ, ତେଣୁ ଅର୍ଡରରେ ଚେକ୍ କରିବା ପରେ ରିଟର୍ନ ଅପ୍ସନ ଅଛି ନା ନାହିଁ ଭଲ ଭାବେ ଚେକ୍ କରିନିଅନ୍ତୁ।

➤ଜଗିଂ ପାଇଁ ସ୍ମାର୍ଟ ସ୍ପୋର୍ଟ୍ସ ଶୁଜ୍ ସବୁଠୁ ଭଲ ଅପ୍ସନ। ଏପରି ଜୋତା ମଗାଉଥିଲେ ପ୍ରଥମେ ଘର ଭିତରେ ପିନ୍ଧି ଅଳ୍ପ ଚାଲନ୍ତୁ। କାରଣ ଜଗିଂ ବା ରନିଂ ଶୁଜ୍‌ରେ ପାଦ ଆଗକୁ ବଢ଼ାଇବା ଏବଂ ଚାଲିବା ବେଳେ ସନ୍ତୁଳନ ରକ୍ଷା କରିବାରେ ଯେପରି କମ୍ଫର୍ଟେବଲ୍ ଲାଗିବା ଦରକାର। ଏହାକୁ ନ୍ୟୁଟ୍ରାଲ୍ ବୋଲି କୁହାଯାଇଥାଏ। ସେହିପରି ଜୋତାର ସପୋର୍ଟ ବା ପାଦର ଆଗ ପଛ, ଉପର ତଳ କୌଣସି ଅଂଶ ଯେପରି ଚାପିହୋଇ ନ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଶୁଜ୍ ପିନ୍ଧିଲେ ଠିକ୍ ଲାଗୁନାହିଁ ତେବେ ଏକ୍ସଚେଞ୍ଜକରି ପର୍‌ଫେକ୍ଟ ସାଇଜ୍ ଅର୍ଡର କରନ୍ତୁ।

➤ପାର୍କ ହେଉ କିମ୍ବା ଅନ୍ୟ ଯେଉଁଠାରେ ଜଗିଂ କିମ୍ବା ରନିଂ କରୁଛନ୍ତି ସେଠାରେ ରାସ୍ତା ଖାଲ, ଢିପ ଥିଲେ ଶୁଜ୍ ଯେପରି ସନ୍ତୁଳନ ରକ୍ଷା କରିପାରିବ ସେଥିପାଇଁ ହିଲ୍ ଥିବା ଶୁଜ୍ ଅର୍ଡର କରନ୍ତୁ ନାହିଁ।

➤ଯେକୌଣସି ସାଇଟ୍‌ରୁ ଶୁଜ୍ ଅର୍ଡର ନ କରି ଜଣାଶୁଣା ଶପିଂ ସାଇଟ୍‌ରୁ ମଗାନ୍ତୁ। ଅନ୍ୟ ବ୍ୟବହାରକାରୀଙ୍କ ରିଭ୍ୟୁ ରେଟିଂ ଦେଖିଲେ ମଧ୍ୟ ଉପକୃତ ହୋଇପାରିବେ।

# ଇ-ଗେମ୍ ଖେଳୁଥିଲେ...



ବର୍ତ୍ତମାନ ଅଧିକାଂଶ ପିଲା ଅନ୍‌ଲାଇନ୍ ଗେମ୍ ଖେଳିବା ନିଶାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ପିଲାଙ୍କୁ ଖେଳିବା ଲାଗି ଇଲେକ୍ଟ୍ରୋନିକ ଗ୍ୟାଜେଟ୍ ଦେଉଥିବା ଅଭିଭାବକମାନେ ଏଦିଗରେ ସଚେତନ ରହିବା ଆବଶ୍ୟକ...

►ସର୍ବପ୍ରଥମେ ପିଲାଙ୍କ ଖେଳିବା ସମୟ ସୀମିତ ରଖନ୍ତୁ। ପିଲା ଖେଳୁଥିବା ଗେମ୍‌ର ରୁଲ୍ ଆଣ୍ଡ ରେଗୁଲେଶନ୍ ପଢ଼ିନିଅନ୍ତୁ। ଅଧିକାଂଶ ପିଲା ସ୍କୋର ବୋର୍ଡ ବଢାଇବା ଲାଗି ଅନ୍‌ଲାଇନ୍‌ରେ ହିଁ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ କମ୍ପିଟିଶନ୍ କରିଥାନ୍ତି। ପିଲା ଏପରି କରୁଥିଲେ ପ୍ରତିଦ୍ୱନ୍ଦ୍ୱୀଙ୍କ ସମ୍ପର୍କରେ ଜାଣିବାକୁ ଚେଷ୍ଟା କରନ୍ତୁ। ଯଦି କୌଣସି ପ୍ରକାର ସନ୍ଦେହ ଉପୁଜୁଛି ତେବେ ପିଲାଙ୍କୁ ଯଥା ଶୀଘ୍ର ସେଥିରୁ ମୁକୁଳାନ୍ତୁ। ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

►ପିଲାମାନେ ମୋବାଇଲ ହେଉ ଅବା ଲାପ୍‌ଟପ୍, କମ୍ପ୍ୟୁଟର ଇତ୍ୟାଦିରେ ଯେଉଁ ଗେମ୍ ଖେଳୁଛନ୍ତି ତାହା ସେମାନଙ୍କ ସୋସିଆଲ୍‌ସାଇଟ୍ ସହିତ ଲିଙ୍କ୍ ଅଛିକି ନାହିଁ ଦେଖନ୍ତୁ। ନଚେତ୍ ହ୍ୟାକର୍ ପିଲାଙ୍କ ଆକାଉଣ୍ଟ ହ୍ୟାକ୍‌କରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବା କିମ୍ବା ପିଲାଙ୍କୁ ଅସୁବିଧାରେ ପକାଇ ପାରନ୍ତି।

►ପ୍ୟାରେଣ୍ଟିଙ୍ଗ୍ କଣ୍ଟ୍ରୋଲ ଜରିଆରେ ପିଲା ଖେଳୁଥିବା ସିଷ୍ଟମ୍‌ରେ ଏକ ଆକାଉଣ୍ଟ ଖୋଲି ଗେମ୍‌ର ଟାଇମ୍ ଲିମିଟ୍ ସେଟ୍ କରନ୍ତୁ। ଏହାଦ୍ୱାରା ପିଲା ଖେଳିବା ସମୟରେ ନିର୍ଦ୍ଧାରିତ ସମୟ ପୂରା ହେବା ପୂର୍ବରୁ ଏକ ୱାର୍ଣ୍ଣିଙ୍ଗ୍ ଆସିଥାଏ ଏବଂ କିଛି ସମୟ ମଧ୍ୟରେ ସିଷ୍ଟମ ବନ୍ଦ ହୋଇଯାଇଥାଏ। ଯାହାକି ଆପଣ ଆକାଉଣ୍ଟର ପାସ୍‌ୱାର୍ଡ ନ ଦେବା ଯାଏ ଖୋଲି ନ ଥାଏ।

# ପ୍ରଥମେ ସୁରକ୍ଷା



– ଡା. ସରୋଜିନୀ ଷଡ଼ଙ୍ଗୀ

ଦିନକୁ ଦିନ ଜରାୟୁଗ୍ରୀବା କର୍କଟ ବା ସର୍ଭାଇକାଲ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏମିତିକି ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଓ ଚିକିତ୍ସା ହୋଇ ନ ପାରିବାରୁ ଅନେକ ଜୀବନ ହାନି ହେଉଛି। ଏଭଳି ମାରାତ୍ମକ ରୋଗରୁ ରକ୍ଷା ପାଇବା ଲାଗି ଡାକ୍ତରଙ୍କ ପରାମର୍ଶ କ୍ରମେ ଏଚ୍‌ପିଭି ଭାକ୍ସିନ୍ ଭଳି ପ୍ରତିଷେଧକ ଟିକା ନେବା ନିହାତି ଜରୁରୀ...

ଭାରତରେ କର୍କଟ ରୋଗ ଭୋଗୁଥିବା ଶତକଡ଼ା ୯୦ଭାଗ ମହିଳାଙ୍କର ଜରାୟୁ ଗ୍ରୀବା କର୍କଟ ବା ସର୍ଭାଇକାଲ କ୍ୟାନ୍‌ସର ହୋଇଥାଏ। ପ୍ରତିବର୍ଷ ପ୍ରାୟ ୧୦ ଲକ୍ଷ ନୂତନ ଜରାୟୁ ଗ୍ରୀବା କର୍କଟରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଶତକଡ଼ା ୯୦ଭାଗ ରୋଗୀ ଶେଷ ପର୍ଯ୍ୟାୟରେ(ତୃତୀୟ, ଚତୁର୍ଥ ଷ୍ଟେଜ୍) ପହଞ୍ଚିଥାନ୍ତି। ଫଳରେ ସେମାନଙ୍କ ଅସ୍ତ୍ରୋପଚାର ତଥା ଚିକିତ୍ସା ଉପଯୁକ୍ତ ସମୟରେ ହୋଇପାରେ ନାହିଁ ଓ ରୋଗୀ ମୃତ୍ୟୁମୁଖରେ ପଡ଼ିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା(WHO)ର ରିପୋର୍ଟ ଅନୁଯାୟୀ ଭାରତବର୍ଷରେ ପ୍ରତି ୧ଲକ୍ଷରେ ୨୩/୨୪ ଜଣ ମହିଳା ଏହି ରୋଗରେ ପୀଡ଼ିତା ହୋଇଥିବା ବେଳେ ପ୍ରତି ୭ ମିନିଟ୍‌ରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥାଏ। ପ୍ରାଥମିକ ଅବସ୍ଥାରୁ ଜରାୟୁଗ୍ରୀବା କର୍କଟ ରୋଗର ଚିହ୍ନଟ ଓ ଚିକିତ୍ସା କରିପାରିଲେ ୯୨% ରୋଗୀ ଭଲ ହୋଇଯାନ୍ତି। ତେଣୁ ପ୍ରଥମରୁ ସତର୍କ ରହିଲେ ଓ ଝିଅମାନେ ଏଚ୍‌ପିଭି(ହ୍ୟୁମାନ୍ ପାପିଲୋମା ଭାଇରସ୍) ଭାକ୍ସିନ୍ ନେଲେ ଏହାକୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରିହେବ।

**ଏହି ରୋଗ କାହାଠାରେ ହେବା ଆଶଙ୍କା ଅଧିକ ବା ହାଇରିସ୍କ**

୧) ଅଳ୍ପ ବୟସରେ ବିବାହ ଓ ଅଳ୍ପ ବୟସରେ ଯୌନ ଜୀବନର ଆରମ୍ଭ।
୨) ଅଳ୍ପ ବୟସରେ ପ୍ରଥମ ଗର୍ଭଧାରଣ।
୩) ଅଳ୍ପ ସମୟ ବ୍ୟବଧାନରେ ବହୁ ସନ୍ତାନର ଜନନୀ।
୪) ନିମ୍ନ ମଧ୍ୟବିତ୍ତ ପରିବାରର ମହିଳା।
୫) ଅସ୍ୱାସ୍ଥ୍ୟକର ପରିବେଶରେ ବାସକରୁଥିବା ମହିଳା।
୬) ଯୌନକ୍ରିୟା ଦ୍ୱାରା ପ୍ରବାହିତ ହେଉଥିବା ଭୂତାଣୁ ଯଥା ହାଇରିସ୍କ 'ହ୍ୟୁମାନ୍ ପାପିଲୋମା ଭାଇରସ୍'ଓ 'ହର୍‌ପିସ୍ ସିମ୍ପ୍ଲେକ୍ସ ଭାଇରସ୍ ଟାଇପ୍-୨' କୁ ଏକ୍ସପୋଜର।
୭) ଅଧିକ ପୁରୁଷଙ୍କ ସହ ଯୌନ ସମ୍ପର୍କ ରଖୁଥିବା ମହିଳା।
୮) ଯେଉଁ ମହିଳାଙ୍କ ସ୍ୱାମୀଙ୍କର ପୂର୍ବ ସ୍ତ୍ରୀ ଜରାୟୁ ଗ୍ରୀବା କର୍କଟ ରୋଗରେ ମୃତ୍ୟୁବରଣ କରିଥାଆନ୍ତି।
୯) ଏଚ୍‌ଆଇଭି ପଜିଟିଭ ମହିଳା।
୧୦) ଅଧିକ ଗର୍ଭନିରୋଧକ ବଟିକା ସେବନ କରୁଥିବା ମହିଳା।
୧୧) ଧୂମପାନ କରୁଥିବା ମହିଳା।


**ଏଚ୍‌ପିଭି ଭାକ୍ସିନ୍:** ସମ୍ପ୍ରତି ଅନୁଧ୍ୟାନରୁ ଜଣାଯାଇଛି ଯେ ହ୍ୟୁମାନ୍‌ପାପିଲୋମା ଭାଇରସ୍ ସଂକ୍ରମଣ ଅନେକାଂଶରେ ସର୍ଭାଇକାଲ୍ କ୍ୟାନ୍‌ସର ପାଇଁ ଏକ ବଡ଼ ରିସ୍କ ଫ୍ୟାକ୍ଟର। ଏଚ୍‌ପିଭି ଭୂତାଣୁର କ୍ୟାନ୍‌ସର ଉଦ୍ରେକକାରୀ ଗୁଣ ଯୋଗୁ ଏହାକୁ ୨ ଭାଗରେ ବିଭକ୍ତ କରାଯାଇଛି। ଏଥିରେ 'ହାଇ ଅଙ୍କୋଜେନିକ୍ ରିସ୍କ' ହେଉଛି ଟାଇପ୍ ୧୬, ୧.୩୧, ୩.୩୫, ୪୮, ୮୬ ଏବଂ 'ଲୋ ଅଙ୍କୋଜେନିକ୍ ରିସ୍କ' ହେଉଛି ଟାଇପ୍ ୬, ୧.୪୨ ଏବଂ ୪୩। ଶତକଡ଼ା ୪୪ .୭ ପ୍ରତିଶତ ଜରାୟୁ ଗ୍ରୀବା କର୍କଟରୋଗୀଙ୍କର ପ୍ରାୟ ହାଇରିସ୍କ ଏଚ୍‌ପିଭି ସଂକ୍ରମଣ ଥାଏ ଓ ଡିଏନ୍‌ଏ ଟେଷ୍ଟ ପଜିଟିଭ୍ ହୋଇଥାଏ।

ଏଭଳି ଏକ ମାରାତ୍ମକ ରୋଗର ନିରାକରଣ ପାଇଁ ଆଜିକାଲି ୨ ପ୍ରକାର ଭାକ୍ସିନ୍ ବା ଟିକା ଉପଲବ୍ଧ। ପ୍ରଥମଟି ହେଉଛି 'ବାଇଭେଲେଣ୍ଟ ଭାକ୍ସିନ୍ ବା ସର୍ଭାରିକ୍ସ', ଯାହା ଏଚ୍‌ପିଭିର ୨ ଷ୍ଟ୍ରେନ୍ ୧୬,୧୮ ବିପକ୍ଷରେ କାମ କରିଥାଏ। ଦ୍ୱିତୀୟଟି ହେଲା 'କ୍ୱାଡ୍ରିଭେଲେଣ୍ଟ ଭାକ୍ସିନ୍ ବା ଗାର୍ଡାସିଲ' ଯାହା ଏଚ୍‌ପିଭି ଟାଇପ ୧୬,୧.୬ ଏବଂ ୧୧ (୪ ଷ୍ଟ୍ରେନ୍) ବିପକ୍ଷରେ କାମ କରିଥାଏ। ଏହି ଟିକା ପ୍ରାୟ ଶତକଡା ୯୦ ପ୍ରତିଶତ ସର୍ଭାଇକାଲ କ୍ୟାନ୍‌ସରକୁ ପ୍ରତିରୋଧ କରିଥାଏ। ବର୍ତ୍ତମାନ ନୋନାଭେଲେଣ୍ଟ ଟିକା ମଧ୍ୟ ଉପଲବ୍ଧ। ପ୍ରତ୍ୟେକ ଟିକା ଏଚ୍‌ପିଭି ଟାଇପ୍ ୩୧, ୩୩ ଏବଂ ୪୫କୁ କ୍ରସ୍ ପ୍ରୋଟେକ୍ସନ୍ ଦେଇଥାଏ।



**କେବେ ନେବେ ଟିକା(ବୟସ):** ଏହି ଟିକା ସାଧାରଣତଃ ୯ ରୁ ୧୪ ବର୍ଷର ଝିଅମାନଙ୍କୁ ୨ଟି ଡୋଜ୍‌ରେ ଦିଆଯାଇଥାଏ। WHO ବା ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର କାର୍ଯ୍ୟସୂଚୀ ଅନୁଯାୟୀ ୧୪ବର୍ଷରୁ କମ୍ ବୟସର ଝିଅମାନଙ୍କୁ ୨ଟି ଡୋଜ୍‌ରେ (୦ ଓ ୬ ମାସ) ସମୟରେ ଏବଂ ୧୪ ବର୍ଷରୁ ଉର୍ଦ୍ଧ୍ୱ ବୟସର ଝିଅମାନଙ୍କୁ ଯଥା ୧୫ ରୁ ୨୬ ବର୍ଷ, ଏମିତିକି ସ୍ଥଳ ବିଶେଷରେ ୩୫ ଓ ୪୫ ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ଦିଆଯାଇପାରିବ। ତେବେ ୩୫ରୁ ୪୫ ବର୍ଷ ବୟସର ମହିଳାମାନଙ୍କର ଏହି ଟିକା ଦେବା ପୂର୍ବରୁ ପାପ୍‌ସ୍ମିଅର ଓ ଏଚ୍‌ପିଭି ଟେଷ୍ଟ କରାଇବା ଜରୁରୀ। ସେମାନଙ୍କୁ ୩ଟି ଡୋଜ୍ ଯଥା (୦,୨ ମାସ ତଥା ୬ ମାସ) ସମୟରେ ଦିଆଯାଇଥାଏ। ତେବେ ମଝିରେ ମଝିରେ ଏହି ମହିଳାମାନଙ୍କର ଡାଉନ ଷ୍ଟେଜିଂ ଟେଷ୍ଟ ଓ ପାପ୍‌ସ୍ମିଅର ଟେଷ୍ଟ କରିବା ଦରକାର। ତେଣୁ ସର୍ଭାଇକାଲ କ୍ୟାନ୍‌ସର ଭଳି ଏକ ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ମା' ନିଜ ଝିଅମାନଙ୍କୁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶକରି ଏଚ୍‌ପିଭ ଭାକ୍ସିନ୍ ଭଳି ପ୍ରତିଷେଧକ ଟିକା ଦେବା ନିହାତି ଜରୁରୀ।

-ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍ ରୋଡ୍, କଟକ-୧୨





## ସୌନ୍ଦର୍ଯ୍ୟ

# କଳା ପଡ଼ିବନି ଓଠ...



କଳା ଓଠ ମୁହଁର ସୌନ୍ଦର୍ଯ୍ୟ ହ୍ରାସ କରିଥାଏ। ଏହାକୁ ଲୁଚାଇବା ଲାଗି ଅନେକେ ଲିପ୍‌ଷ୍ଟିକ୍ ଲଗାଇଥାନ୍ତି। ହେଲେ କେତେକ ଘରୋଇ ଉପାୟରେ ଆପଣ ଚାହିଁଲେ ଓଠକୁ ଗୋଲାପି କରିପାରିବେ। ଜାଣିରଖନ୍ତୁ ଟିପ୍ସ...



⏭ଲେମ୍ବୁରସ ଏବଂ ମହୁ ପ୍ୟାକ୍ ଓଠର କଳାରଙ୍ଗ ଦୂରକରି ଗୋଲାପି କରିବାରେ ବେଶ୍ ସାହାଯ୍ୟ କରିଥାଏ। ଏଥିପାଇଁ ଅଧଚାମଚ ଲେଖାଏ ଲେମ୍ବୁରସ ଏବଂ ମହୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହାକୁ ଓଠରେ ଲଗାଇ ୫ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷିଲେ ଡେଡ୍ ସେଲ୍ ବାହାରିଯିବ। ପରେ ଓଠକୁ ନରମ କପଡ଼ାରେ ପୋଛି ୨ ଟୋପା ନଡ଼ିଆତେଲ ଲଗାଇ ହାଲକା ମସାଜ କରନ୍ତୁ। ପ୍ରତିଦିନ ଏପରି କଲେ ଓଠ ନରମ ହେବା ସହ ଏହାର ରଙ୍ଗ ପରିବର୍ତ୍ତନ ହୋଇ ଗୋଲାପି ଲାଗିବ।

⏭ବିଟ୍ ରସ ମଧ୍ୟ ଓଠକୁ ଗୋଲାପି କରିବାରେ ବେଶ୍ ଲାଭଦାୟକ। ୧ ଚାମଚ ବିଟ୍ ରସରେ ୨-୩ ବୁନ୍ଦା ନଡ଼ିଆତେଲ ପକାଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଓଠରେ ଲଗାଇ ୩-୪ ମିନିଟ୍ ପର୍ଯ୍ୟନ୍ତ ଧୀରେ ଧୀରେ ଘଷନ୍ତୁ।

⏭ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ତୁଳା ସାହାଯ୍ୟରେ ଅଳ୍ପ ଗୋଲାପଜଳ ନେଇ ଓଠରେ ଲଗାଇ ଧୀରେ ଧୀରେ ଘଷି ଡେଡ୍ ସେଲ୍ ବାହାର କରିଦିଅନ୍ତୁ। ଓଠକୁ ପୋଛି ଲିପ୍ ବାମ୍ ଲଗାନ୍ତୁ। ଏହାଦ୍ୱାରା ଧୀରେ ଧୀରେ ନୂଆ ସେଲ୍ ସୃଷ୍ଟିହେବା ସହ ଓଠ ପୂର୍ବାପେକ୍ଷା ନରମ ଏବଂ ଗୋଲାପି ଲାଗିବ।

## ଖାଦ୍ୟରୁଚି

# ପାଚିଲା ଆମ୍ବ ଜାମ୍

ମ୍ୟାଙ୍ଗୋ ଜାମ୍ ଖାଇବାକୁ ଅନେକେ ବିଶେଷକରି ପିଲାମାନେ ବହୁତ ଭଲ ପାଆନ୍ତି। ତେଣୁ ଆପଣ ଚାହିଁଲେ ବର୍ତ୍ତମାନ ମାର୍କେଟରେ ମିଳୁଥିବା ପାଚିଲା ଆମ୍ବରେ ସ୍ୱାଦିଷ୍ଟ ଜାମ୍ ପ୍ରସ୍ତୁତକରି ଘରେ ରଖିପାରିବେ। ଜାଣନ୍ତୁ କିପରି ପ୍ରସ୍ତୁତ କରିବେ ଜାମ୍...

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବ ୧ କେଜି, ୧ କପ୍(୨୦୦ଗ୍ରାମ୍) ଚିନି ଏବଂ ଲେମ୍ବୁ ରସ ୨ ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ୧ କିଲୋ ଆମ୍ବରୁ ଭଲ ଭାବେ ରସ ବାହାର କରିଦିଅନ୍ତୁ। ଚୁଲାରେ ନନ୍‌ଷ୍ଟିକ୍ ପ୍ୟାନ୍ ବସାଇ ସେଥିରେ ଆମ୍ବରସ, ଚିନି ଏବଂ ଲେମ୍ବୁରସ ପକାଇ ଧୀରେ ଧୀରେ ଗୋଳାନ୍ତୁ। କିଛି ସମୟ ଘାଣ୍ଟିଲେ ଏହା ବହଳିଆ ହୋଇଥାଏ। ୨୦-୨୫ ମିନିଟ୍ ପରେ ଏହା ଅଠାଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସମ୍ପୂର୍ଣ୍ଣ କେମିକାଲ ଫ୍ରି ଘରୋଇ ମ୍ୟାଙ୍ଗୋ ଜାମ୍। ଏହାକୁ ଥଣ୍ଡା କରିବା ପରେ ଏୟାର ଟାଇଟ୍ ବୋତଲରେ ଫ୍ରିଜ୍‌ରେ ରଖି ୧୦-୧୫ ଦିନ ପର୍ଯ୍ୟନ୍ତ ଖାଇପାରିବେ।



ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୨୮/୨୦୨୪ Bhubaneswar, Tuesday, May 28/ 2024

# ପୋଗାକାର ଜିତିଲେ ଗିରୋ ଡି' ଇଟାଲିଆ



ଗିରୋ ଡି' ଇଟାଲିଆ ସାଇକେଲ ରେସ୍-୨୦୨୪ ଜିତିବାପରେ ଉଲ୍ଲସିତ ଟାଡେଜ ପୋଗାକାର।

**ରୋମ୍, ୨୭।୫**

ୟୁଏଇ ଟିମ୍ ଏମିରେଟ୍ସର ଟାଡେଜ ପୋଗାକାର ତାଙ୍କ ପଦାର୍ପଣରେ ଗିରୋ ଡି' ଇଟାଲିଆ ସାଇକେଲ ରେସ୍ ଜିତିଛନ୍ତି। ଦୁଇଥର ଟୁର୍ ଡି' ଫ୍ରାନ୍ସ ବିଜେତା ସ୍ଲୋଭେନିଆର ଏହି ରାଇଡର ପ୍ରାଧାନ୍ୟ ବିସ୍ତାର ସହ ଗିରୋ ଡି' ଇଟାଲିଆର ୨୧ଟି ଷ୍ଟେଜ୍ ମଧ୍ୟରୁ ୬ଟିରେ ବିଜୟ ହାସଲ କରିପାରିଛନ୍ତି। ଓଭରଅଲ୍ ଷ୍ଟାଣ୍ଡିଂରେ ସେ ଦ୍ୱିତୀୟ ସ୍ଥାନରେ ରହିଥିବା କଲମ୍ବିଆର ଡାନିଏଲ ମାର୍ଟିନେଜଙ୍କଠାରୁ ୯ ମିନିଟ ଓ ୫୬ ସେକେଣ୍ଡ ଏବଂ ତୃତୀୟ ହୋଇଥିବା ବ୍ରିଟେନର ଜରେଣ୍ଟ ଥୋମାସଙ୍କଠାରୁ ୧୦ ମିନିଟ ୨୪ ସେକେଣ୍ଡ ଆଗରେ ରହିଥିଲେ। ଷ୍ଟେଜ୍-୨ରେ ବିଜୟ ଲାଭ କରିବା ପରଠାରୁ ପିଙ୍କ୍ ଜର୍ସି ପୋଗାକାରଙ୍କ ଅକ୍ତିଆରରେ ରହି ଆସିଛି। ୧୯୬୫ପରେ ଏହି ପ୍ରତିଯୋଗିତାକୁ ସେ ସବୁଠାରୁ ବଡ଼ ବ୍ୟବଧାନରେ ଜିତିବାର ଗୌରବ ଅର୍ଜନ କରିଛନ୍ତି। ୨୫ ବର୍ଷୀୟ ପୋଗାକାର କହିଛନ୍ତି, ଏଠାରେ ରେସ୍ ଜିତିବା ପରେ ସେ ଏତେଟା ଖୁସି ଯେ, ତାହା ଅବର୍ଣ୍ଣନୀୟ। ରୋମ୍‌ରେ ଅନୁଷ୍ଠିତ ୧୨୫ କି.ମି. ଦୂରତା ବିଶିଷ୍ଟ ଫାଇନାଲ ଷ୍ଟେଜ୍‌ରେ ଜୋନାଥନ ମିଲାନଙ୍କୁ ପଛରେ ପକାଇ ଟିମ୍ ମର୍ଲିଅର ବିଜୟ ଲାଭ କରିଥିଲେ। ରେସ୍ ଶେଷ ହେବାକୁ ଆଉ ମାତ୍ର ୯ କି.ମି. ରାସ୍ତା ରହିଥିବା ବେଳେ ମର୍ଲିଅରଙ୍କ ଏକ ପଙ୍କଚର ହୋଇଥିଲା। ମାତ୍ର ଏକ ସ୍ପ୍ରିଣ୍ଟ ଫିନିଶ ସହ ସେ ରେସ୍‌ରେ ତାଙ୍କ ତୃତୀୟ ଷ୍ଟେଜ ବିଜୟ ହାସଲ କରିଥିଲେ। ପୋଗାକାର ବର୍ତ୍ତମାନ ୧୯୯୮ରେ ମାର୍କୋ ପାଟାନୀଙ୍କ ପରେ ପ୍ରଥମ ରାଇଡର ଭାବେ ଗୋଟିଏ ସିଜନରେ ଉଭୟ ଗିରୋ ଓ ଟୁର୍ ଡି' ଫ୍ରାନ୍ସ ଜିତିବାର ଗୌରବ ଅର୍ଜନ କରିବା ଲକ୍ଷ୍ୟରେ ଅଛନ୍ତି। ଟୁର୍ ଡି' ଫ୍ରାନ୍ସ ଜୁନ୍ ୨୯ରେ ଆରମ୍ଭ ହେବ। ଡେନମାର୍କର ଜୋନାସ ଭିଙ୍ଗେଗାର୍ଡ ଟୁର୍ ଡି' ଫ୍ରାନ୍ସର ଗତ ଦୁଇ ସଂସ୍କରଣ ଜିତିଛନ୍ତି। ମାତ୍ର ଏପ୍ରିଲରେ ଇଟ୍ଜୁଲିଆ ବାସେକ୍ କଣ୍ଟ୍ରି ରେସ୍ ବେଳେ ଦୁର୍ଘଟଣାର ସମ୍ମୁଖୀନ ହେବାପରଠାରୁ ତାଙ୍କ ଫିଟ୍‌ନେସ ସ୍ତର କେତେ ପ୍ରତିଶତ ରହିଛି ତାହା ଅସ୍ପଷ୍ଟ। ଥୋମାସ ଏଥର ଟୁର୍ ଡି' ଫ୍ରାନ୍ସରେ ଅଂଶଗ୍ରହଣ କରି ନ ପାରନ୍ତି ବୋଲି ସୂଚନା ଦେଇଛନ୍ତି। ୩୮ କିମ୍ବା ତଦୁର୍ଦ୍ଧ୍ୱ ବୟସରେ ପୋଡିୟମ ଫିନିଶ କରିବାରେ ଗିରୋ ଇତିହାସରେ ସେ ଦ୍ୱିତୀୟ ରାଇଡର। ପୂର୍ବତନ ଟୁର୍ ଡି'ଫ୍ରାନ୍ସ ବିଜେତା କହିଛନ୍ତି ଇନିଅସ୍ ଗ୍ରେନାଡିଅର୍ସର ଜଣେ ଟିମ୍ ଲିଡର ଭାବେ ଚଳିତବର୍ଷର ଗିରୋ ଡି' ଇଟାଲିଆ ତାଙ୍କର ଫାଇନାଲ ଗ୍ରାଣ୍ଡ ଟୁର୍ ହୋଇପାରେ।

## ତୃତୀୟ ସନ୍ତାନର ପିତା ହେବେ ଜୋସ୍ ବଟଲର

**କାର୍ଡିଫ (ୱେଲ୍ସ), ୨୭।୫ (ଏପି):** ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ତୃତୀୟ ସନ୍ତାନର ପିତା ହେବାକୁ ଯାଉଛନ୍ତି। ସେ ତାଙ୍କ ସ୍ତ୍ରୀଙ୍କ ପାଇଁ ସମୟ ଦେବାକୁ ଟି୨୦ ସିରିଜ ଅଧାରୁ ଘରବାହୁଡ଼ା କରିଛନ୍ତି। ଫଳରେ କାର୍ଡିଫ୍‌ଠାରେ ଖେଳାଯିବାକୁଥିବା ପାକିସ୍ତାନ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ପାଇଁ ସେ ଉପଲବ୍ଧ ହେବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଉପ ଅଧିନାୟକ ମୋଇନ ଅଲି ଦଳର ନେତୃତ୍ୱ ନେବେ। ୪ ଗେମ୍‌ବିଶିଷ୍ଟ ସିରିଜରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ଶନିବାର ଏଜ୍‌ବାଷ୍ଟନରେ ଇଂଲଣ୍ଡର ୨୩ ରନ ବିଜୟ ମ୍ୟାଚରେ ବଟଲର ୮୪ ରନ କରିଥିଲେ। ଚତୁର୍ଥ ଅନ୍ତର୍ଜାତୀୟ ଟି୨୦ ବିଶ୍ୱକପ୍ ଦି ଓଭାଲଠାରେ ଗୁରୁବାର ଖେଳାଯିବ। ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଲାଗି ଏହି ସିରିଜର ଆୟୋଜନ କରାଯାଇଛି। ଗତଥରର ଚାମ୍ପିୟନ ଇଂଲଣ୍ଡ ଜୁନ୍ ୪ରେ ବାର୍ବାଡୋସଠାରେ ସ୍କଟ୍‌ଲାଣ୍ଡ ବିପକ୍ଷ ମ୍ୟାଚ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ସୋଫିଆ ଗାର୍ଡେନ୍ସଠାରେ ଟପ୍ ଅର୍ଡରରେ ବଟଲରଙ୍କ ସ୍ଥାନରେ ବେନ୍ ଡକେଟ ଖେଳିବେ।

## ସ୍ୱସ୍ତିଙ୍କୁ ୫ ରୌପ୍ୟ ପଦକ



ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍‌ରେ ଜିତିଥିବା ୫ ପଦକ ସହ ସ୍ୱସ୍ତି ସିଂ।

### ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ ଲିଗ୍

**ଭୁବନେଶ୍ୱର, ୨୭।୫ (ତପନ ସ୍ୱାଇଁ)**

ନୂଆଦିଲ୍ଲୀର ଆଇଜି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୨୬ ଓ ୨୭ ତାରିଖ ଦୁଇଦିନଧରି ଜାତୀୟ ଖେଲୋ ଇଣ୍ଡିଆ ମହିଳା ସାଇକ୍ଲିଂ (ଟ୍ରାକ୍) ଲିଗ୍ ଅନୁଷ୍ଠିତ ହୋଇ ଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ୫ଟି ରୌପ୍ୟ ପଦକ ହାସଲ କରିଛନ୍ତି। ସ୍ୱସ୍ତି ୫ କିଲୋମିଟର ଇଣ୍ଡିଭିଜୁଆଲ୍ ପୁର୍ସ୍ୟୁଟ, ୨୦୦ ମିଟର ସ୍ପ୍ରିଣ୍ଟ, ୧୦ କିଲୋମିଟର ସ୍କ୍ରାଚ୍ ରେସ୍, କେଇରିନ୍ ରେସ୍ ଓ ୫୦୦ ମିଟର ଟାଇମ୍ ଟ୍ରାଏଲ୍‌ରେ ଏହି ସଫଳତା ପାଇଛନ୍ତି। ଏପରି ସଫଳତା ପାଇଁ କ୍ରୀଡ଼ା ଜଗତର ବିଭିନ୍ନ ମହଲରୁ ସ୍ୱସ୍ତିଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## କ୍ୟୁରେଟର, ଗ୍ରାଉଣ୍ଡ୍ସମ୍ୟାନଙ୍କୁ ବିସିସିଆଇର ପୁରସ୍କାର

**ନୂଆଦିଲ୍ଲୀ, ୨୭।୫(ପି.ଟି)**

କ୍ରିକେଟର ଅନାଲୋଚିତ ନାୟକ(ଅନସଙ୍ଗ ହିରୋ) କ୍ୟୁରେଟର ଓ ଗ୍ରାଉଣ୍ଡ୍ସମ୍ୟାନଙ୍କୁ ପୁରସ୍କୃତ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ। ବିସିସିଆଇ ସମ୍ପାଦକ ଜୟ ଶାହା ସୋମବାର ଏହି ଘୋଷଣା କରିଛନ୍ତି। ଆଇପିଏଲ୍ ସଫଳତାର ସହ ଆୟୋଜିତ ହୋଇଥିବା ୧୦ ମୁଖ୍ୟ ଷ୍ଟାଡିୟମର କ୍ୟୁରେଟର ଓ ଗ୍ରାଉଣ୍ଡ୍ସମ୍ୟାନଙ୍କୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଚେନ୍ନାଇରେ ଖେଳା ଯାଇଥବା ଫାଇନାଲରେ ସନରାଇଜର୍ସ ହାଇଦ୍ରାବାଦକୁ ୮ ଉଇକେଟରେ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। କ୍ୟୁରେଟର ଓ ଗ୍ରାଉଣ୍ଡ୍ସମ୍ୟାନ ମାନେ ଚମତ୍କାର ପିଚ୍ ପ୍ରସ୍ତୁତ କରିବା ସହ ଟୁର୍ନାମେଣ୍ଟକୁ ସଫଳ କରିଥିବା କହିଛନ୍ତି ଶାହା। ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ, କୋଲକାତା, ଚଣ୍ଡୀଗଡ, ହାଇଦ୍ରାବାଦ, ବେଙ୍ଗାଲୁରୁ, ଲକ୍ଷ୍ନୌ, ଅହମଦାବାଦ ଓ ଜୟପୁର ବିସିସିଆଇର ମୁଖ୍ୟ ଷ୍ଟାଡିୟମ ରହିଥିଲା। ଅନ୍ୟ ପକ୍ଷରେ ଧର୍ମଶାଳା, ଗୁଆହାଟୀ ଓ ବିଶାଖାପାଟଣା ଆଡିସନାଲ ଭେନ୍ୟୁ ରହିଥିବାରୁ ଏହାର କ୍ୟୁରେଟର ଓ ଗ୍ରାଉଣ୍ଡ୍ସମ୍ୟାନଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ